# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-334 ♦TUESDAY ♦2 JUNE 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୩୪ ♦ମଙ୍ଗଳବାର ♦୨ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଆଇପିଏଲ୍ ସୁପରଷ୍ଟାର ସୂର୍ଯ୍ୟବଂଶୀ

▶ପୃଷ୍ଠା ୧୨ ଦେଖନ୍ତୁ...








# ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟାନ କଲା ମାଲେସିଆ



କୁଆଲାଲମ୍ପୁର, ୧।୬(ଏଜେନ୍ସି): ଶିଶୁମାନଙ୍କ ଅନଲାଇନ୍ ସୁରକ୍ଷାକୁ ଅଧିକ ମଜଭୁତ କରିବା ପାଇଁ ମାଲେସିଆ ସରକାର ସୋମବାରଠାରୁ ଏକ ବଡ଼ ନିୟମ ଲାଗୁ କରିଛନ୍ତି । ନୂତନ ନିୟମ ଅନୁଯାୟୀ, ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ (ସୋସିଆଲ୍ ମିଡିଆ) ଆକାଉଣ୍ଟ ଖୋଲିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି । ଫେସବୁକ୍, ଇନଷ୍ଟାଗ୍ରାମ, ଟିକଟକ୍ ଏବଂ ୟୁଟ୍ୟୁବ୍ ଭଳି ୮ ମିଲିୟନରୁ ଅଧିକ ବ୍ୟବହାରକାରୀ ଥିବା ପ୍ରତିଟି ପ୍ରମୁଖ ପ୍ଲାଟଫର୍ମକୁ ଏବେ ବୟସ ଯାଞ୍ଚ ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ କହିବା ଅନୁଯାୟୀ, ପିଲାମାନଙ୍କୁ ସାଇବର ବୁଲିଂ, କ୍ଷତିକାରକ ବିଷୟବସ୍ତୁ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାରରୁ ରକ୍ଷା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହି ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ୧୦ ମିଲିୟନ୍ ରିଙ୍ଗିଟ୍ (ପ୍ରାୟ ୨.୫ ମିଲିୟନ୍ ଆମେରିକୀୟ ଡଲାର) ପର୍ଯ୍ୟନ୍ତ ଜରିମାନା କରାଯିବାର ବ୍ୟବସ୍ଥା ରହିଛି । ତେବେ ଯଦି କୌଣସି ପିଲା ଏହି ନିୟମକୁ ଏଡ଼ାଇ ଆକାଉଣ୍ଟ ଖୋଲିବାରେ ସଫଳ ହୁଏ, ତେବେ ସେଥିପାଇଁ ପିତାମାତାଙ୍କୁ ଦଣ୍ଡିତ କରାଯିବ ନାହିଁ । ଅଷ୍ଟ୍ରେଲିଆ, ବ୍ରାଜିଲ ଏବଂ ଇଣ୍ଡୋନେସିଆ ଭଳି ଦେଶ ପରେ ମାଲେସିଆ ଏହି ଗ୍ଲୋବାଲ୍ ଟ୍ରେଣ୍ଡରେ ସାମିଲ ହୋଇଛି, ଯଦିଓ ଏହା ଦ୍ୱାରା ବ୍ୟକ୍ତିଗତ ତଥ୍ୟର ସୁରକ୍ଷା (ଡାଟା ପ୍ରାଇଭେସି) କୁ ନେଇ କେତେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି ।

## ଅନ୍‌ଲାଇନ୍ ପ୍ରେମ ପାଇଁ ଗିରଫ ହେଲେ ପିଓକେ ଯୁବକ

ଉରି, ୧।୬(ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ପାଇଁ ଜଣେ ୨୨ ବର୍ଷୀୟ ଯୁବକ ବିଶ୍ୱର ସୀମା ପାର୍ କରି ଭାରତୀୟ ସୀମାରେ ପ୍ରବେଶ କରିଛନ୍ତି । ଜମ୍ମୁ-କାଶ୍ମୀରର ଉରି ସେକ୍ଟରରେ ନିଜ ପ୍ରେମିକାକୁ ଭେଟିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ଏହି ଯୁବକଙ୍କୁ ଭାରତୀୟ ସେନା ସୀମା ପାର୍ ହେବାର କିଛି ସମୟ ମଧ୍ୟରେ ହିଁ ଗିରଫ କରିଛି । ରବିବାର ସକାଳ ପ୍ରାୟ ୯ ଟା ୩୦ ମିନିଟରେ ଉରିର ସିଲିକୋଟ୍ ଅଞ୍ଚଳରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ପାର୍ ହୋଇ ଜଣେ ବ୍ୟକ୍ତି ଭାରତୀୟ ସୀମା ଆଡ଼କୁ ଆସୁଥିବା ସେନା ଜବାନମାନେ ଦେଖିବାକୁ ପାଇଥିଲେ । ପରେ ତାଙ୍କୁ ସେଠାରେ ଅଟକ ରଖାଯାଇଥିଲା । ପଚରାଉଚରା ସମୟରେ ଯୁବକ ଜଣକ ନିଜର ପରିଚୟ ପିଓକେର ମୁଜାଫରାବାଦ ନିବାସୀ ଜୀଶାନ୍ ଅହମ୍ମଦ ମୀର ବୋଲି ଦେଇଛନ୍ତି ଏବଂ ତାଙ୍କ ନିକଟରୁ ଏକ ପାକିସ୍ତାନୀ ପରିଚୟ ପତ୍ର ମଧ୍ୟ ମିଳିଛି । ଜୀଶାନ୍ ସୁରକ୍ଷାକର୍ମୀଙ୍କୁ ଜଣାଇଛନ୍ତି ଯେ, ସାମାଜିକ ଗଣମାଧ୍ୟମ ଜରିଆରେ ଉରି ଅଞ୍ଚଳର ଇରମ୍ ବାନୋ ନାମକ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ସେହି ଯୁବତୀଙ୍କୁ ଦେଖା କରିବା ପାଇଁ ସେ ଏଭଳି ବିପଜ୍ଜନକ ପଦକ୍ଷେପ ନେଇ ସୀମା ପାର୍ ହୋଇଛନ୍ତି । ବର୍ତ୍ତମାନ ସୁରକ୍ଷା ଏଜେନ୍ସିଗୁଡ଼ିକ ଯୁବକ ଏବଂ ସମ୍ପୃକ୍ତ ଯୁବତୀ ଦୁହିଁଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ମଧ୍ୟରେ ହୋଇଥିବା ଅନ୍‌ଲାଇନ୍ କଥାବାର୍ତ୍ତାର ଡିଜିଟାଲ୍ ତଥ୍ୟ ଯାଞ୍ଚ କରୁଛନ୍ତି ।

# ଗଛ ଉପରୁ ମାଙ୍କଡ଼ର 'ଟଙ୍କା ବର୍ଷା'

■ ବ୍ୟାଗ୍ ଛଡ଼ାଇ ଗଛରୁ ନୋଟ୍ ଉଡ଼ାଇଲା
■ ନୋଟ୍ ଗୋଟାଇବାକୁ ଲୋକଙ୍କ ଭିଡ଼

ଲକ୍ଷ୍ନୌ, ୧।୬(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲ୍ଲା ଅଦାଲତ ପରିସର ନିକଟରେ ଏକ ଅଜବ ଓ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଏକ ମାଙ୍କଡ଼ ଜଣେ ବ୍ୟକ୍ତିଙ୍କ ହାତରୁ ୨, ୦୦, ୦୦୦ ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ନେଇ ଗଛ ଉପରୁ ନୋଟ୍ ବର୍ଷା କରିଛି । ଏହି ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଟଙ୍କା ଗୋଟାଇବା ପାଇଁ ପ୍ରତିଯୋଗିତା ଓ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଶନିବାର ଦିନ ଜଣେ ବ୍ୟକ୍ତି ଜମି କିଣାବିକା ସମ୍ପର୍କିତ କାଗଜପତ୍ର କାମ ପାଇଁ ଅଦାଲତ ପରିସରରେ ଥିବା ଜଣେ ଓକିଲଙ୍କ ପ୍ରକୋଷ୍ଠକୁ ଆସିଥିଲେ । ସେ ନିଜ ସାଙ୍ଗରେ ବ୍ୟାଗ୍‌ରେ ୨, ୦୦, ୦୦୦ ଟଙ୍କା ନେଇ ଆସିଥିବା ବେଳେ ହଠାତ୍ ଏକ ମାଙ୍କଡ଼ ତାଙ୍କ ହାତରୁ ବ୍ୟାଗ୍‌ଟିକୁ ଝମ୍ପି ନେଇ ଦ୍ରୁତ ଗତିରେ ପାଖରେ ଥିବା ଏକ ଗଛ ଉପରକୁ ଚଢ଼ି ଯାଇଥିଲା । ଗଛ ଉପରେ ବସି ମାଙ୍କଡ଼ଟି ଖାଦ୍ୟ ସନ୍ଧାନରେ ବ୍ୟାଗ୍‌ଟିକୁ ଖୋଜାଖୋଜି କରିବା ଆରମ୍ଭ କରିଥିଲା । ହେଲେ ଖାଦ୍ୟ ବଦଳରେ ସେଥିରୁ ୫୦୦ ଟଙ୍କିଆ ନୋଟ୍‌ର ବିଡ଼ା ବାହାରିଥିଲା । ଏହାପରେ ମାଙ୍କଡ଼ଟି ନୋଟ୍ ବିଡ଼ାଗୁଡ଼ିକୁ ଚିରି ଆକାଶରୁ ବର୍ଷା ହେବା ଭଳି ତଳକୁ ଫିଙ୍ଗିବାକୁ ଲାଗିଲା । ମାତ୍ର କିଛି ମିନିଟ୍ ମଧ୍ୟରେ ଗଛ ତଳେ ଏବଂ ଆଖପାଖ ରାସ୍ତାରେ ନୋଟ୍ ଉଡୁଥିବାର ଦେଖି ପ୍ରବଳ ଭିଡ଼ ଜମିଯାଇଥିଲା । ଏହି ସମଗ୍ର ଘଟଣାର ଏକ ୫୩ ସେକେଣ୍ଡର ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି । ବ୍ୟାଗ୍‌ର ମାଲିକ ଜଣକ ନିଜର ଟଙ୍କା ବଞ୍ଚାଇବା ପାଇଁ ଚିତ୍କାର କରିଥିବା ବେଳେ ସେଠାରେ ଥିବା ସ୍ଥାନୀୟ ଲୋକେ ଏବଂ ପ୍ରତ୍ୟକ୍ଷଦର୍ଶୀମାନେ ଟଙ୍କା ଗୋଟାଇବାରେ ଲାଗିପଡ଼ିଥିଲେ । ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ସହାୟତାରେ ବ୍ୟାଗ୍ ମାଲିକ ନିଜର ପ୍ରାୟ ୧, ୯୮, ୦୦୦ ଟଙ୍କା ଫେରସ୍ତ ପାଇବାରେ ସଫଳ ହୋଇଛନ୍ତି । ମାଙ୍କଡ଼ର ଏଭଳି କାଣ୍ଡ ପୁରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।



# ଗର୍ଭବତୀ ପତ୍ନୀଙ୍କ ପାଇଁ ରାସ୍ତା ଉପରେ ସ୍ୱାମୀଙ୍କ ଧାରଣା



ବେଙ୍ଗାଲୁର, ୧।୬(ଏଜେନ୍ସି): ବେଙ୍ଗାଲୁରୁର ଅତି ଜଟିଳ ଟ୍ରାଫିକ୍ ସମସ୍ୟା ମଧ୍ୟରେ ଜଣେ ସାଧାରଣ ନାଗରିକଙ୍କ ଅଭିନବ ବିରୋଧ ପ୍ରଦର୍ଶନର ଭିଡିଓ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । କର୍ଣ୍ଣାଟକର ରାଜ୍ୟପାଳ ଥାଓ୍ୱରଚାନ୍ଦ ଗେହଲଟଙ୍କ ଗସ୍ତ ପାଇଁ ଓଲ୍ଡ ଏୟାରପୋର୍ଟ ରୋଡ୍‌ରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ଅଟକାଇ ଦିଆଯାଇଥିଲା । ଏହି ସମୟରେ ଗାଡ଼ିରେ ନିଜ ଗର୍ଭବତୀ ପତ୍ନୀଙ୍କ ସହ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଅତିଷ୍ଠ ହୋଇ ଗାଡ଼ିରୁ ଓହ୍ଲାଇ ରାସ୍ତା ମଝିରେ ବସି ପଡ଼ିଥିଲେ ଏବଂ ରାଜ୍ୟପାଳଙ୍କ କାର୍‌କେଡ୍ ଅର୍ଥାତ ଗାଡ଼ିର ଶୋଭାଯାତ୍ରାକୁ ଆଗୁ ଯିବାରେ ବାଧା ସୃଷ୍ଟି କରିଥିଲେ । ରାସ୍ତାରେ ବସି ରହିଥିବା ସେହି ବ୍ୟକ୍ତି ଜଣକ ଟ୍ରାଫିକ୍ ପୋଲିସ ସହ ଯୁକ୍ତିତର୍କ କରି କହିଥିଲେ, 'ମୋ ପତ୍ନୀ ଗର୍ଭବତୀ ଅଛନ୍ତି । ଆମର ମଧ୍ୟ ଜରୁରୀ କାମ ଅଛି । କେବଳ ରାଜ୍ୟପାଳ ଜଣେ ବଡ଼ ବ୍ୟକ୍ତି ବୋଲି ଆମେ କ'ଣ କେହି ନୁହଁ?' ପୋଲିସ ଅଫିସର ଜଣକ ତାଙ୍କୁ ବୁଝାଇବାକୁ ଚେଷ୍ଟା କରି ଆପଣ ମଧ୍ୟ ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବୋଲି କହିଥିଲେ ଏବଂ ସେଠାରୁ ଉଠିଯିବାକୁ ଅନୁରୋଧ କରିଥିଲେ, କିନ୍ତୁ ଯୁବକ ଜଣକ ସେଠାରୁ ହଟିବାକୁ ସିଧା ମନା କରିଦେଇଥିଲେ । ପରେ ପୋଲିସ ଗାଡ଼ି ଡକାଯିବା ପରେ ଏହି ସ୍ଥିତି ଶାନ୍ତ ପଡ଼ିଥିଲା । ଏହି ଘଟଣାଟି ଦେଶରେ ପୁଣି ଥରେ 'ଭିଆଇପି ସଂସ୍କୃତି' ଏବଂ ଏହା ଦ୍ୱାରା ସାଧାରଣ ଜନତା ଭୋଗୁଥିବା ଅସୁବିଧାକୁ ନେଇ ଏକ ବଡ଼ ବିତର୍କ ସୃଷ୍ଟି କରିଛି ।

## ତାମିଲନାଡୁ ରାଜନୀତି ସରଗରମ, ବିଜେପି ଛାଡ଼ିବେ ଅନ୍ନାମଲାଇ!

ଚେନ୍ନାଇ, ୧।୬(ଏଜେନ୍ସି): ତାମିଲନାଡୁ ରାଜନୀତିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଦକ୍ଷିଣ ଭାରତରେ ବିଜେପି'ର ପ୍ରମୁଖ ତଥା ଚର୍ଚ୍ଚିତ ଚେହେରା ଭାବେ ଜଣାଶୁଣା ପୂର୍ବତନ ପ୍ରଦେଶ ସଭାପତି କେ. ଅନ୍ନାମଲାଇ ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ବିଜେପିର ବରିଷ୍ଠ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେ ମଙ୍ଗଳବାର ଦିନ ଦିଲ୍ଲୀରେ ଦଳର ଜାତୀୟ ମୁଖ୍ୟ ନିତିନ ନବୀନଙ୍କୁ ଭେଟି ଆନୁଷ୍ଠାନିକ ଭାବେ ନିଜର ଏହି ନିଷ୍ପତ୍ତି ଜଣାଇବେ । ଅନ୍ନାମଲାଇ ସୋମବାର ରାତିରେ ହିଁ ଦିଲ୍ଲୀରେ ପହଞ୍ଚିବାକୁ ଥିବା ବେଳେ ତାଙ୍କର ଏହି ଗସ୍ତ କେବଳ ଏକ ରାଜନୈତିକ ବୈଠକ ନୁହେଁ, ବରଂ ଗତ ୬ ବର୍ଷର ସାଧାରଣ ଜୀବନ ମଧ୍ୟରେ ବିଜେପି ପକ୍ଷରୁ ମିଳିଥିବା ସୁଯୋଗ ପାଇଁ କୃତଜ୍ଞତା ଜଣାଇବାର ଏକ ମାଧ୍ୟମ ବୋଲି କୁହାଯାଉଛି । ଭାରତୀୟ ପୋଲିସ ସେବା (ଆଇପିଏସ) ପଦବୀରୁ ଇସ୍ତଫା ଦେଇ ରାଜନୀତିରେ ପ୍ରବେଶ କରିଥିବା ଅନ୍ନାମଲାଇଙ୍କର ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଛି । ଅଭିନେତାରୁ ନେତା ବନିଥିବା ସି. ଜୋସେଫ୍ ବିଜୟଙ୍କ ନିର୍ବାଚନୀ ବିଜୟ ପରେ ତାମିଲନାଡୁର ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି ।

## ଧୁରନ୍ଧର ଚଳଚ୍ଚିତ୍ରକୁ ନେଇ ଦାଉଦ୍ ଗ୍ୟାଙ୍ଗ କ୍ଷୁବ୍ଧ

ମୁମ୍ବାଇ, ୧।୬(ଏଜେନ୍ସି): ବଲିଉଡର ସୁପରହିଟ୍ ଗୁପ୍ତଚର ଭିତ୍ତିକ ଚଳଚ୍ଚିତ୍ର ଧୁରନ୍ଧର'କୁ ନେଇ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମର ଆତଙ୍କବାଦୀ ସଂଗଠନ ଡି-କମ୍ପାନୀ କ୍ଷୁବ୍ଧ ହୋଇପଡ଼ିଛି । ଚଳଚ୍ଚିତ୍ରରେ ଜଣେ ଚରିତ୍ରକୁ ଦାଉଦ୍ ଭଳି ଦେଖାଯିବା ସହ ତାଙ୍କର ମୃତ୍ୟୁ ଶଯ୍ୟା ଦୃଶ୍ୟକୁ ଦେଖାଯାଇଥିବାରୁ, ଦାଉଦ୍ ଏବେ ବି ଜୀବିତ ଅଛି ବୋଲି ପ୍ରମାଣ କରିବାକୁ ଏହି ଗ୍ୟାଙ୍ଗ ମୁମ୍ବାଇରେ ନିଜର ସକ୍ରିୟତା ବଢ଼ାଇଥିଲା । ତେବେ ଭାରତୀୟ ସୁରକ୍ଷା ଏଜେନ୍ସି ଏହି ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରିଦେଇଛନ୍ତି । ସୂତ୍ର ଅନୁସାରେ, ପାକିସ୍ତାନରେ ରହୁଥିବା ଦାଉଦ୍‌ର ସଂଗଠନ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଭାରତରେ ଏକ ବଡ଼ ଧରଣର ଆକ୍ରମଣ କିମ୍ବା କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଟାର୍ଗେଟ୍ କରିବାକୁ ଯୋଜନା କରୁଥିଲା । ଏଥିପାଇଁ ମୁମ୍ବାଇର ରାସ୍ତାରୁ ସାଧାରଣ ଯୁବକମାନଙ୍କୁ ଭୁଲ୍ ବୁଝାଇ ଦଳରେ ସାମିଲ କରାଯାଉଥିଲା । ପାକିସ୍ତାନର ଗୁପ୍ତଚର ସଂସ୍ଥା ଏହି ନୂତନ ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଓ ଅସ୍ତ୍ରଶସ୍ତ୍ର ଯୋଗାଇବା ଦାୟିତ୍ୱ ନେଇଥିଲା । ନିକଟରେ ଦିଲ୍ଲୀ ପୋଲିସ ଏହି ଆତଙ୍କବାଦୀ ନେଟୱର୍କର ପର୍ଦ୍ଦାଫାଶ କରିବା ସହ ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଏବଂ ମୁମ୍ବାଇ ଅଣ୍ଡରୱାର୍ଲ୍ଡ ମଧ୍ୟରେ ଥିବା ସମ୍ପର୍କକୁ ସାମ୍ନାକୁ ଆଣିଛି ।

## ଶୁଭେନ୍ଦୁ ଅଧିକାରୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ମନ୍ତ୍ରୀ ହେଲେ ଆଉ ୩୫ ବିଧାୟକ

କୋଲକାତା, ୧।୬(ଏଜେନ୍ସି): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ମନ୍ତ୍ରୀମଣ୍ଡଳର ପ୍ରଥମ ସମ୍ପ୍ରସାରଣ ହୋଇଛି । ସୋମବାର ଲୋକ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଜେପିର ୩୫ ଜଣ ବିଧାୟକଙ୍କୁ ରାଜ୍ୟପାଳ ଆର.ଏନ. ରବି ମନ୍ତ୍ରୀ ଭାବେ ଶପଥ ପାଠ କରାଇଛନ୍ତି । ଏହି ନୂତନ ସଦସ୍ୟମାନଙ୍କ ସାମିଲ ହେବା ପରେ ପଶ୍ଚିମବଙ୍ଗ ମନ୍ତ୍ରୀମଣ୍ଡଳର ସଦସ୍ୟ ସଂଖ୍ୟା ୪୧ରେ ପହଞ୍ଚିଛି । ୨୯୪ ଆସନ ବିଶିଷ୍ଟ ବିଧାନସଭା ନିୟମ ଅନୁଯାୟୀ ଏଠାରେ ସର୍ବାଧିକ ୪୪ ଜଣ ମନ୍ତ୍ରୀ ରହିପାରିବେ । ଏହି ସମ୍ପ୍ରସାରଣରେ ସ୍ୱପନ ଦାସଗୁପ୍ତ, ତାପସ ରାୟ, ମନୋଜ ଓରାଓଁ ଏବଂ ଶଙ୍କର ଘୋଷଙ୍କ ଭଳି ପ୍ରମୁଖ ବିଧାୟକମାନେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ସେହିପରି ୩ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବ ୧୧ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି । ସୂଚନାଯୋଗ୍ୟ ଯେ, ଗତ ମେ ୯ ତାରିଖରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ୨୦୮ଟି ଆସନ ଜିତି ସଂଖ୍ୟାଗରିଷ୍ଠତା ହାସଲ କରିବା ସହ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନର ଅନ୍ତ ଘଟାଇ ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି ।



ତେହରାନରେ ଆମେରିକା ବିରୋଧରେ ବିକ୍ଷୋଭ

# ଇରାନ ଉପରେ ଆମେରିକାର ପୁଣି ଆକ୍ରମଣ

ୱାସିଂଟନ, ୧।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏବେ ଚରମ ସୀମାରେ ପହଞ୍ଚିଛି । ଗତ ସପ୍ତାହ ଶେଷରେ ଆମେରିକା ସେନା ଇରାନର ଗୋରୁକ୍ ଏବଂ କେଶ୍ମ ଦ୍ୱୀପପୁଞ୍ଜରେ ଥିବା ରାଡାର ଏବଂ ଡ୍ରୋନ୍ ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକ ଉପରେ ଜବାବୀ ଆକ୍ରମଣ ବା 'ଆତ୍ମରକ୍ଷା ମୂଳକ ଏୟାର ଷ୍ଟ୍ରାଇକ୍' କରିଛି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ଆକ୍ରମଣ ଏଭଳି ସମୟରେ ହୋଇଛି ଯେତେବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଏବଂ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଶାନ୍ତି ଆଲୋଚନା ଚାଲିଛି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେଣ୍ଟକମ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆନ୍ତର୍ଜାତୀୟ ଜଳସୀମା ଉପରେ ଉଡ଼ାଣ ଭରୁଥିବା ଆମେରିକାର ଏକ 'ଏମକ୍ୟୁ-୧ ପ୍ରେଡେଟର' ଡ୍ରୋନକୁ ଇରାନ ଗୁଳି କରି ଖସାଇ ଦେଇଥିଲା । ଏହାର ପ୍ରତିଶୋଧ ନେବାକୁ ଯାଇ ଆମେରିକାର ଯୁଦ୍ଧ ବିମାନଗୁଡ଼ିକ ଇରାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ଗୋଟିଏ ଗ୍ରାଉଣ୍ଡ କଣ୍ଟ୍ରୋଲ ଷ୍ଟେସନ ଏବଂ ୨ ଟି ଆକ୍ରମଣକାରୀ ଡ୍ରୋନ୍‌କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି । ତେବେ ଏହି ଆକ୍ରମଣରେ ଆମେରିକାର କୌଣସି ସେନା କର୍ମଚାରୀ ଆହତ ହୋଇନାହାନ୍ତି । ଗତ ସପ୍ତାହରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଏଭଳି ଆକ୍ରମଣ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା । ଅପରପକ୍ଷରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ (ଆଇଆରଜିସି) ଦାବି କରିଛି ଯେ, ଆମେରିକା ଯେଉଁ ଏୟାରବେସ୍‌ରୁ ଇରାନର ସିରିକ୍ ଦ୍ୱୀପରେ ଥିବା ଏକ ଟେଲିକମ୍ ଟାୱାର ଉପରେ ଆକ୍ରମଣ କରିଥିଲା, ସେମାନେ ସେହି ଏୟାରବେସ୍‌କୁ ଟାର୍ଗେଟ କରି ଧ୍ୱଂସ କରିଦେଇଛନ୍ତି । ଏହି ଆକ୍ରମଣ ସମ୍ଭବତଃ କୁୱେତରେ ଥିବା ଆମେରିକା ସେନା ବେସ୍ ଉପରେ ହୋଇଥିବା ଅନୁମାନ କରାଯାଉଛି । କୁୱେତ ସରକାର ମଧ୍ୟ ସୋମବାର ସକାଳେ ସେମାନଙ୍କର ବାୟୁ ପ୍ରତିରକ୍ଷା ପ୍ରଣାଳୀ କିଛି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣକୁ ପଣ୍ଡ କରିଥିବା ସ୍ପଷ୍ଟ କରିଛି ।

## ଲେବାନନ୍ ଉପରେ ଇସ୍ରାଏଲ ଆକ୍ରମଣର ପ୍ରତିବାଦ: ଆମେରିକା ଆଲୋଚନା ସ୍ଥଗିତ କଲା ଇରାନ

ତେହରାନ, ୧।୬(ଏଜେନ୍ସି): ଲେବାନନ୍ ଉପରେ ଇସ୍ରାଏଲ୍ କରୁଥିବା ସାମରିକ ଆକ୍ରମଣର ପ୍ରତିବାଦରେ ଇରାନ ଆମେରିକା ସହ ଚାଲିଥିବା ଶାନ୍ତି ଆଲୋଚନାକୁ ସ୍ଥଗିତ ରଖିଛି । ଇରାନର ସରକାରୀ ସମ୍ବାଦ ସଂସ୍ଥା 'ତାସନିମ୍' ଅନୁସାରେ, ଯେପର୍ଯ୍ୟନ୍ତ ଏହି ଆଲୋଚନାରେ ଇରାନ ଏବଂ ତାର ସହଯୋଗୀ ସଂଗଠନଗୁଡ଼ିକର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇନାହିଁ, ସେପର୍ଯ୍ୟନ୍ତ ଏହି ସ୍ଥଗିତାଦେଶ ବଳବତ୍ତର ରହିବ । ଇରାନର ଏହି ନିଷ୍ପତ୍ତି ପରେ ୱାଶିଂଟନ ଏବଂ ତେହେରାନ ମଧ୍ୟରେ ଚାଲିଥିବା ଅସ୍ଥାୟୀ ଯୁଦ୍ଧବିରତି ପ୍ରକ୍ରିୟା ଉପରେ ବଡ଼ ଚାପ ସୃଷ୍ଟି ହୋଇଛି । ଏହି ଖବର ସାମ୍ନାକୁ ଆସିବା ପରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ (କ୍ରୁଡ୍ ଅଏଲ୍) ଦର ପ୍ରାୟ ୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ୍ ପିଛା ପ୍ରାୟ ୯୬ ଡଲାରରେ ପହଞ୍ଚିଛି । ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଯୁଦ୍ଧବିରତିର ଅବଧିକୁ ଆଉ ୬୦ ଦିନ ବଢ଼ାଇବା ପାଇଁ ଦୁଇ ଦେଶ ମଧ୍ୟସ୍ଥିମାନଙ୍କ ଜରିଆରେ ଆଲୋଚନା କରୁଥିଲେ । ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଇରାନ ପ୍ରକୃତରେ ଏକ ଚୁକ୍ତି କରିବାକୁ ଚାହୁଁଛି, ଯାହା ଆମେରିକା ପାଇଁ ଭଲ ସାବ୍ୟସ୍ତ ହେବ । ଅନ୍ୟପଟେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଲେବାନନ୍‌ର ରାଜଧାନୀ ବେରୁଟର ଦକ୍ଷିଣ ଉପକଣ୍ଠରେ ଥିବା ଇରାନ ସମର୍ଥିତ ହିଜବୁଲ୍ଲା ସଂଗଠନର ଆଡ୍ଡା ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଟିଏମସିରୁ ଦୁଇ ବିଧାୟକ ନିଲମ୍ବିତ

କଲିକତା, ୧।୬(ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ତାର ଦୁଇ ନବନିର୍ବାଚିତ ବିଧାୟକ ସନ୍ଦୀପନ ଶାହା ଏବଂ ରିତବ୍ରତ ବାନାର୍ଜୀଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରିଛି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ଚିଠିରେ ଜାଲ୍ ଦସ୍ତଖତ ହୋଇଥିବା ଅଭିଯୋଗ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମକୁ ସୁପାରିଶ କରିବା ପାଇଁ ଟିଏମସି ପକ୍ଷରୁ ଏକ ପ୍ରସ୍ତାବ ଦିଆଯାଇଥିଲା । ଏଥିରେ ୭୦ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଦାବି କରାଯାଇଥିଲା । କିନ୍ତୁ ସନ୍ଦୀପନ ଏବଂ ରିତବ୍ରତ ସେମାନେ କୌଣସି ଏଭଳି ପ୍ରସ୍ତାବରେ ସ୍ୱାକ୍ଷର କରିନାହାଁନ୍ତି ବୋଲି ସ୍ପଷ୍ଟ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଚିଠିରେ ୧୪ଟି ଦସ୍ତଖତ ଥିବାବେଳେ ଏବଂ ୩ ଜଣ ବିଧାୟକଙ୍କ ଜାଲ ଦସ୍ତଖତ ହୋଇଥିବା ଅଭିଯୋଗ କରିଥିଲେ ।

## ବିବାହର ମାତ୍ର କେଇ ଘଣ୍ଟା ପରେ ହେଲିକପ୍ଟର ଦୁର୍ଘଟଣା; ବର ମୃତ

ୱାଶିଂଟନ, ୧।୬(ଏଜେନ୍ସି): ଆମେରିକାର ଜର୍ଜିଆଠାରେ ଏକ ମର୍ମନ୍ତୁଦ ହେଲିକପ୍ଟର ଦୁର୍ଘଟଣାରେ ଜଣେ ୨୬ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ପାଇଲଟ୍‌ଙ୍କ ଆକାଳରେ ମୃତ୍ୟୁ ହୋଇଛି । ମୃତ ଯୁବକଜଣକ ହେଉଛନ୍ତି ଡେଲ୍ଟା ଏୟାରଲାଇନ୍ସର ପାଇଲଟ୍ ଡେଭ୍ ଫିଜି, ଯାହାଙ୍କ ପରିବାର କେରଳର ବୋଲି ଜଣାପଡ଼ିଛି । ବିବାହର ମାତ୍ର କେଇ ଘଣ୍ଟା ପରେ ପତ୍ନୀଙ୍କ ସହ ହନିମୁନ୍ ପାଇଁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଗତ ଶୁକ୍ରବାର ଦିନ ଡେଭ୍‌ଙ୍କର ଜେସନିଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା । ବିବାହ ଉତ୍ସବ ପରେ ଉଭୟ ଏକ ରବିନ୍‌ସନ୍ ଆର-୬୬ ହେଲିକପ୍ଟର ଯୋଗେ ଆଟଲାଣ୍ଟାର ଏକ ହୋଟେଲ ଅଭିମୁଖେ ବାହାରିଥିଲେ । ତେବେ ଖରାପ ପାଗ ଓ ଶୂନ୍ୟ ଦୃଶ୍ୟମାନତା ଯୋଗୁଁ ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ହିଁ ଜଙ୍ଗଲ ମଧ୍ୟରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ଡେଭ୍ ଏବଂ ହେଲିକପ୍ଟରର ପାଇଲଟ୍‌ଙ୍କର ମୃତ୍ୟୁ ହୋଇଛି । ପେଶାରେ ଜଣେ ନର୍ସ ଥିବା ଡେଭ୍‌ଙ୍କ ନବବିବାହିତା ପତ୍ନୀ ଜେସନି ଆହତ ଅବସ୍ଥାରେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ସେ ପ୍ରାୟ ୬ ଘଣ୍ଟା ଧରି ହେଲିକପ୍ଟର ଭଙ୍ଗା ଅଂଶ ମଧ୍ୟରେ ଫସି ରହିଥିଲେ ଏବଂ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି ।



ପୂର୍ତ୍ତ ବିଭାଗ କର୍ମଚାରୀମାନେ ସୋମବାର ଦିନ କୋଲକାତାରେ ଆର୍ଜେଣ୍ଟିନାର ଫୁଟବଲ୍ କିମ୍ବଦନ୍ତୀ ଲିଓନେଲ୍ ମେସିଙ୍କ ଏକ ପ୍ରତିମୂର୍ତ୍ତିକୁ ଏକ ଗାଡ଼ି ସାହାଯ୍ୟରେ ସ୍ଥାନାନ୍ତର କରୁଛନ୍ତି ।

# ପହଲଗାମ ଆକ୍ରମଣର ମୋବାଇଲ୍ ରହସ୍ୟ: ୪ ବର୍ଷ ବନ୍ଦ ଥିବା ପାକିସ୍ତାନୀ ଫୋନ୍ ହୋଇଥିଲା ସକ୍ରିୟ



ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏବଂ ଜମ୍ମୁ-କାଶ୍ମୀର ପୋଲିସର ମିଳିତ ତଦନ୍ତରୁ ୨୦୨୫ ପହଲଗାମ ଆତଙ୍କବାଦୀ ଆକ୍ରମଣର ଏକ ବଡ଼ ପର୍ଦ୍ଦାଫାଶ ହୋଇଛି । ଏନକାଉଣ୍ଟରରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ନିକଟରୁ ଜବତ ଦୁଇଟି ମୋବାଇଲ୍ ଫୋନରୁ ଜଣାପଡ଼ିଛି ଯେ ଏହି ଆକ୍ରମଣ ପାଇଁ ପାକିସ୍ତାନରେ ବହୁ ବର୍ଷ ପୂର୍ବରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଜବତ ହୋଇଥିବା ଦୁଇଟି ଯାକ ସାଓମି କମ୍ପାନୀର ରେଡମି ଫୋନ୍ ପାକିସ୍ତାନରୁ ଆସିଥିଲା । ସେଥିମଧ୍ୟରୁ ଗୋଟିଏ ଫୋନ୍ ୨୦୨୧ ମସିହାରେ କରାଚିର ଏକ କମ୍ପାନୀ ଦ୍ୱାରା ବୈଧ ଭାବେ ଅଣାଯାଇଥିଲା ଏବଂ ଏଥିପାଇଁ ଆତଙ୍କବାଦୀ ପାଣ୍ଠି ସହ ଜଡ଼ିତ ଅଭିଯୋଗ ଥିବା ଫୈସଲ ବ୍ୟାଙ୍କ ଆର୍ଥିକ ସହାୟତା କରିଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ପାକିସ୍ତାନ ଆସିବା ପରେ ଦୀର୍ଘ ୪ ବର୍ଷ ଧରି ଏହି ଫୋନରେ କୌଣସି ସିମ୍ କାର୍ଡ ପଡ଼ିନଥିଲା କିମ୍ବା ଏହାକୁ ଅନ୍ କରାଯାଇ ନ ଥିଲା । ଆକ୍ରମଣର ଠିକ୍ ପୂର୍ବରୁ ଏହାକୁ ହଠାତ୍ ସକ୍ରିୟ କରାଯାଇଥିଲା । ଦ୍ୱିତୀୟ ଫୋନଟି ୨୦୨୩ରେ ଲାହୋରରୁ ଅଣଯାଇଥିଲା ଏବଂ ତାହା ମଧ୍ୟ ଆକ୍ରମଣ ପୂର୍ବ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ତଦନ୍ତକାରୀ ସଂସ୍ଥା ଅନୁସାରେ, ଏହି ଫୋନଗୁଡ଼ିକୁ ବିଶେଷ ଭାବେ ଆତଙ୍କବାଦୀ ଆକ୍ରମଣ ପାଇଁ ହିଁ ସୁରକ୍ଷିତ ରଖାଯାଇଥିଲା । ଫୋନରେ କୌଣସି କଲ୍ ରେକର୍ଡ ବା ମେସେଜ୍ ନ ମିଳିବାର କାରଣ ହେଉଛି ଆତଙ୍କବାଦୀମାନେ ଯୋଗାଯୋଗ ପାଇଁ ଇଣ୍ଟରନେଟ୍ ବଦଳରେ ଦୂରଗାମୀ ରେଡିଓ ତରଙ୍ଗ ପ୍ରଯୁକ୍ତିର ବ୍ୟବହାର କରୁଥିଲେ । ଗତ ବର୍ଷ ପହଲଗାମରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ, ଯାହାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ଦେଖାଦେଇଥିଲା । ବର୍ତ୍ତମାନ ଏହି ମୋବାଇଲ୍ ଲିଙ୍କ୍ ମିଳିବା ପରେ ପାକିସ୍ତାନର ସମ୍ପୃକ୍ତିକୁ ନେଇ ଭାରତୀୟ ସଂସ୍ଥାଗୁଡ଼ିକ ତଦନ୍ତକୁ ଆହୁରି ଜୋରଦାର କରିଛନ୍ତି ।

## ୬ରେ ଭାରତ ଫେରି ଆନ୍ଦୋଳନ କରିବେ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା



ନୂଆଦିଲ୍ଲୀ, ୧।୬(ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସନ୍ତା ଜୁନ୍ ୬ ତାରିଖରୁ ପ୍ରତିବାଦ ପ୍ରଦର୍ଶନ କରିବ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) । ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚିତ ବ୍ୟଙ୍ଗାତ୍ମକ ଆନ୍ଦୋଳନ କରିଥିବା 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ଏକ ଭିଡିଓ ବାର୍ତ୍ତା ଜରିଆରେ ଏହି ଘୋଷଣା କରିଛନ୍ତି । ସେ ଆମେରିକାର ବୋଷ୍ଟନରୁ ଜୁନ୍ ୬ ସକାଳେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସମର୍ଥକମାନଙ୍କ ସହ ଜନ୍ତର ମନ୍ତରଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପାଇଁ ଅନୁମତି ମାଗିବେ । ମନ୍ତ୍ରୀଙ୍କ ଇସ୍ତଫା ପାଇଁ ହୋଇଥିବା ଅନଲାଇନ୍ ଅଭିଯାନରେ ୬ ଲକ୍ଷ ଦସ୍ତଖତ ସଂଗ୍ରହ ହୋଇଥିବା ସେ କହିଛନ୍ତି । ଅଭିଜିତ ଅଭିଯୋଗ କରିଛନ୍ତି ଯେ, ନିଟ୍, ସିବିଏସ୍‌ଇ, ସିୟୁଇଟି ଏବଂ ଏସ୍‌ଏସ୍‌ସିଜିଡି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଦେଖାଦେଇଥିବା ବିବାଦ ଓ ଅନିୟମିତତା ଯୋଗୁଁ ଦେଶର ୧ କୋଟିରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି । ଏତେ ବଡ଼ ବିବାଦ ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଜବାବ ଦିଆଯାଇନାହିଁ । କିଛି ଦିନ ପୂର୍ବେ ସୁପ୍ରିମକୋର୍ଟଙ୍କ ଏକ ଶୁଣାଣି ସମୟରେ ଆସିଥିବା ଏକ ବିବାଦୀୟ ମନ୍ତବ୍ୟକୁ ନେଇ ଏହି ବ୍ୟଙ୍ଗାତ୍ମକ 'କକ୍ରୋଚ୍ ଜନତା ପାର୍ଟି'ର ସୃଷ୍ଟି ହୋଇଥିଲା, ଯାହା ଇନ୍‌ଷ୍ଟାଗ୍ରାମରେ କୋଟି କୋଟି ଯୁବପିଢ଼ିଙ୍କ ସମର୍ଥନ ପାଇଛି । ବର୍ତ୍ତମାନ ଏହି ଆକାଉଣ୍ଟକୁ ବନ୍ଦ କରାଯିବା ନେଇ କୋର୍ଟରେ ଆଇନଗତ ଲଢେଇ ମଧ୍ୟ ଚାଲିଛି ।





- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-334 ◆TUESDAY ◆2 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୩୪ ◆ମଙ୍ଗଳବାର ◆୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଅନଲାଇନ୍ ପରୀକ୍ଷା ଆବେଦନକୁ ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ

### ନିଟ୍ ପୁନଃ-ପରୀକ୍ଷା ପୂର୍ବଭଳି କାଗଜ କଲମ ମାଧ୍ୟମରେ ହେବ

■ ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ ପୁନଃ-ପରୀକ୍ଷାକୁ ଅନ୍‌ଲାଇନ୍ (ସିବିଟି) ମାଧ୍ୟମରେ କରିବା ପାଇଁ ଆବେଦନକୁ ସୁପ୍ରିମକୋର୍ଟ ଆଜି ଅଗ୍ରାହ୍ୟ କରିଦେଇଛନ୍ତି । ଜଷ୍ଟିସ୍ ପିଏସ୍ ନରସିଂହ ଏବଂ ଜଷ୍ଟିସ୍ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ବର୍ତ୍ତମାନ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକ ଚାପରେ ଅଛନ୍ତି । ତେଣୁ ଏହି ସମୟରେ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ କରିବା ସମ୍ଭବ ନୁହେଁ । ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ମାସରେ କରିବାକୁ ଧାର୍ଯ୍ୟ କରିଛନ୍ତି । ଗତ ମେ ୩ ତାରିଖରେ ଦେଶବ୍ୟାପୀ ଅନୁଷ୍ଠିତ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିବା ପରେ ମେ ୧୨ ରେ ପରୀକ୍ଷାକୁ ବାତିଲ କରାଯାଇଥିଲା । ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ସିବିଆଇ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କରାଯାଇଛି । ଆରଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନରେ ପରୀକ୍ଷା ପରିଚାଳନା ସଂସ୍ଥା ଏନ୍‌ଟିଏ ବଦଳରେ ଏକ ନୂତନ ସ୍ୱାଧୀନ ସଂସ୍ଥା ଗଠନ କରିବା ଏବଂ ପରୀକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ତଥା ବାୟୋମେଟ୍ରିକ୍ ବ୍ୟବସ୍ଥାର ବ୍ୟବହାର କରିବାକୁ ଦାବି କରାଯାଇଥିଲା । ▶ପୃଷ୍ଠା-୭





## ସ୍ୱେଚ୍ଛାକୃତ ବେଶ୍ୟାବୃତ୍ତି ବେଆଇନ ନୁହେଁ: ସୁପ୍ରିମକୋର୍ଟ

### ପ୍ରାପ୍ତବୟସ୍କଙ୍କୁ ହଇରାଣ କରିପାରିବ ନାହିଁ ପୁଲିସ

■ ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନିଜ ଇଚ୍ଛାରେ ବେଶ୍ୟାବୃତ୍ତି କରୁଥିବା ପ୍ରାପ୍ତବୟସ୍କଙ୍କ ଉପରେ ପୁଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ କିମ୍ବା ସେମାନଙ୍କୁ ହଇରାଣ କରିପାରିବେ ନାହିଁ । ଯୌନ ଶୋଷଣ ପାଇଁ ଚାଲାଣର ଶିକାର ହେଉଥିବା କର୍ମୀଙ୍କ ସୁରକ୍ଷା ଓ ଅଧିକାରକୁ ଦୃଷ୍ଟିରେ ରଖି ଅଦାଲତ କହିଛନ୍ତି ଯେ ସେମାନଙ୍କର ପୁନର୍ବାସ, ସମାଜରେ ପୁନଃସ୍ଥାପନ ଏବଂ ସୁରକ୍ଷିତ ଗୃହରେ ରଖିବା ନିଷ୍ପତ୍ତିରେ ସମ୍ପୃକ୍ତ ବୟସ୍କ ଯୌନକର୍ମୀଙ୍କ ସମ୍ମତିକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯିବା ଉଚିତ । ଅନୈତିକ ଚାଲାଣ ପ୍ରତିରୋଧ ଅଧିନିୟମର ସମୀକ୍ଷା କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ୭୦ ବର୍ଷ ପୁରୁଣା ଆଇନ ପୁଲିସକୁ ସ୍ୱେଚ୍ଛାକୃତ ଯୌନକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମତା ଦେଇନାହିଁ । କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ ବେଶ୍ୟାଳୟ ଚଲାଇବା ନିଶ୍ଚିତ ଭାବେ ବେଆଇନ, ମାତ୍ର ଚଢ଼ଉ ସମୟରେ ଧରାପଡ଼ିଥିବା ସ୍ୱେଚ୍ଛାକୃତ ଯୌନକର୍ମୀଙ୍କୁ ଅପରାଧୀ ବିବେଚନା କରାଯାଇ ପାରିବ ନାହିଁ କିମ୍ବା ସେମାନଙ୍କୁ ଗିରଫ କରାଯାଇ ପାରିବ ନାହିଁ । ବିଚାରପତି ଜେ ବି ପାର୍ଦ୍ଦିୱାଲା ଏବଂ ▶ପୃଷ୍ଠା-୭

### ବିବାଦରେ କବିସୂର୍ଯ୍ୟନଗର ଥାନା ପୁଲିସ

# ଥାର୍ଡ ଡିଗ୍ରୀ ଦେଇ ଦିବ୍ୟାଙ୍ଗଙ୍କୁ ମାରିଦେଲେ

■ ବ୍ରହ୍ମପୁର/କବିସୂର୍ଯ୍ୟନଗର, ୧।୬ (ସମିସ): ରାଜ୍ୟର ଏକାଧିକ ଥାନାରେ 'ଥାର୍ଡ ଡିଗ୍ରୀ' ପାଇଁ ବିବାଦରେ ଫସିଥିବା ଓଡ଼ିଶା ପୁଲିସ୍ ପାଇଁ ପୁଣି ନୂଆ ସମସ୍ୟା ସୃଷ୍ଟି କରିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା । ଏଠାରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ପୁଲିସ ୭ ଦିନ ଧରି ଥାନାରେ ଅଟକ ରଖି ଅମାନୁଷିକ ନିର୍ଯାତନା ଦେବା ଏବଂ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହେବା ଭଳି ଏକ ସାଂଘାତିକ ଅଭିଯୋଗ ପଦାକୁ ଆସିବା ପରେ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି । ମୃତକ ହେଲେ, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁବୁଲିଆ ଗାଁର ସୁଶାନ୍ତ କୁମାର ସାହୁ (୩୩) । ଉଦ୍‌ବେଗର ବିଷୟ ହେଲା, ସୁଶାନ୍ତଙ୍କ ମୃତ୍ୟୁ ପରେ ଘଟଣାକୁ ଚପାଇବାକୁ କବିସୂର୍ଯ୍ୟନଗର ପୁଲିସ ଜୋରଦାର ଉଦ୍ୟମ କରିଥିଲା । ସୁଶାନ୍ତଙ୍କ ବାପା ଓ ଭାଇଙ୍କୁ ଥାନାକୁ ଡାକି ଧମକ ଚମକ ଦେବା ସହ ସାଦା କାଗଜରେ ଦସ୍ତଖତ ପାଇଁ ଚାପ ପକାଇଥିଲା । ଏଥିରେ ରାଜି ନ ହେଲେ, ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପୁଲିସ ଧମକ ଦେଇଥିବା ସୁଶାନ୍ତଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି । ପୁଲିସର ଏହି କାରନାମା ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

ବାରଙ୍ଗ ଥାନା ପୁଲିସର ଥାର୍ଡ ▶ପୃଷ୍ଠା-୭

- ୭ ଦିନ ଧରି ଥାନାରେ ଅଟକ ରଖିଥିଲେ
- ପ୍ରୋବେସନ୍ ଆଇପିଏସଙ୍କୁ ବଦଳି, ୩ ପୁଲିସ ନିଲମ୍ବିତ
- ଥାନା ଓ ଫାଣ୍ଡି ଖାଲି କରିବାକୁ ଆଇଜିଙ୍କ ନିର୍ଦ୍ଦେଶ
- ଲୋକଙ୍କ ଆସ୍ଥା ହରାଉଛି ପୁଲିସ



### ନିଜ ସୁରକ୍ଷା ଲାଗି ଅଧସ୍ତନଙ୍କୁ ବଳି...

■ ଭୁବନେଶ୍ୱର ୧।୬ (ସମିସ): ଥାନା କାର୍ଯ୍ୟ ତଦାରଖ, ସମ୍ବେଦନଶୀଳ ମାମଲାର ତଦନ୍ତ, ଅପରାଧ ନିୟନ୍ତ୍ରଣ ପାଇଁ ନୀତି ପ୍ରସ୍ତୁତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆଇପିଏସ୍ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଥାନାରେ ପୁଲିସଠାରୁ ନ୍ୟାୟ ନ ମିଳିଲେ ପୀଡ଼ିତ ବରିଷ୍ଠ ଅଧିକାରୀ ପଦରେ ଅବସ୍ଥାପିତ ଆଇପିଏସ୍‌ଙ୍କ ଦ୍ୱାରସ୍ଥ ହୋଇଥାଆନ୍ତି । ମାତ୍ର କ୍ଷେତ ବାଡ଼ ଖାଇବା ପରି ଓଡ଼ିଶାରେ ଅନେକ ଘଟଣାରେ ଖୋଦ୍ ଆଇପିଏସ୍ ▶ପୃଷ୍ଠା-୭

## ଗାନ୍ଧୀମାର୍ଗରେ ବିଷ ପିଇଲେ ଦୁଇ ଆନ୍ଦୋଳନକାରୀ ମହିଳା

■ ଭୁବନେଶ୍ୱର, ୧।୬ (ସମିସ): ରାଜ୍ୟରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ସ୍ଥାନୀୟ ଅଞ୍ଚଳରେ ପ୍ରଶାସନ କିମ୍ବା ରାଜନୈତିକ ମହଲରେ କେହି କିଛି ଶୁଣୁ ନାହାନ୍ତି । ତେଣୁ ଲୋକେ ନ୍ୟାୟ ପାଇଁ ରାଜଧାନୀ ମୁହାଁ ହେଉଛନ୍ତି । ସରକାର, ମନ୍ତ୍ରୀ, ବଡ଼ ଅଫିସରଙ୍କୁ ଭେଟି ନ୍ୟାୟ ଦାବି କରୁଛନ୍ତି । ମାତ୍ର ଜଟିଳ ବ୍ୟବସ୍ଥା ଯୋଗୁଁ ସେମାନଙ୍କୁ ନ୍ୟାୟ ମିଳୁନାହିଁ ଓ ଅନନ୍ୟୋପାୟ ହୋଇ ପୀଡ଼ିତ ଲୋକମାନେ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଛନ୍ତି । ରାଜଧାନୀରେ ଏପରି ଏକ ଘଟଣା ସମଗ୍ର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନ୍ୟାୟ ନ ପାଇ ଗୋଟିଏ ପରିବାରର ଦୁଇଜଣ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ସେମାନଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁସାରେ ଘରୋଇ ଗଣ୍ଡଗୋଳ ଏବଂ ଜମିବାଡ଼ି ବିବାଦକୁ ନେଇ ବାଣପୁର ଅଞ୍ଚଳରୁ ଏକ ପରିବାର ଗାନ୍ଧୀମାର୍ଗରେ ଧାରଣାରେ ▶ପୃଷ୍ଠା-୭



### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଘଟଣ

## ବୃଦ୍ଧଙ୍କ ଆତ୍ମଦାହ ଉଦ୍ୟମ

■ ଯାଜପୁର, ୧।୬ (ସମିସ): ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣିନଥିଲେ । ଭାବିଥିଲେ, ଯୁଗ୍ମ ଜନଶୁଣାଣିରେ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । କିନ୍ତୁ ସେଠାରେ ବି ତାଙ୍କୁ ନିରାଶାର ମୁହଁ ଦେଖିବାକୁ ପଡ଼ିଲା । ସବୁଆଡୁ ନିରାଶ, ହତାଶ ହେବା ପରେ ଜୀବନ ହାରିବାକୁ ଚେଷ୍ଟା କରି ଆଜି ଜଣେ ବୃଦ୍ଧ ଆତ୍ମାହୁତି ଉଦ୍ୟମ କରିଛନ୍ତି । ଯାଜପୁର ଜିଲ୍ଲା ପ୍ରଶାସନର ଯୁଗ୍ମ ଜନଶୁଣାଣି ଶିବିର ବେଳେ ଏପରି ଏକ ଅଭାବନୀୟ ଘଟଣା ଘଟିଛି । ଆତ୍ମାହୁତି ଉଦ୍ୟମ କରିଥିବା ବୃଦ୍ଧଜଣଙ୍କ ହେଲେ, ଦଶରଥପୁର ବ୍ଲକ ଆନ୍ଦୋଳା ଗାଁର ଯୋଗେନ୍ଦ୍ର ନାୟକ । ସେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ପାଇଁ ଉଦ୍ୟମ କରିବା ବେଳେ ଘଟଣାସ୍ଥଳରେ ଉପସ୍ଥିତ ପୁଲିସ ତାଙ୍କୁ କାବୁ କରିନେଇଥିଲେ । ଜମିବାଡ଼ି ବିବାଦ ସମାଧାନ ପାଇଁ ଯୋଗେନ୍ଦ୍ର ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟକୁ ଦୌଡ଼ିଥିଲେ ହେଁ କୌଣସି ସୁଫଳ ମିଳିନଥିଲା । ତେଣୁ, ସେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ▶ପୃଷ୍ଠା-୭



## କଟକ ମାଛ ଗୋଦାମରେ ନିଆଁ



■ କଟକ, ୧।୬(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ପ୍ରେସ୍‌ଛକ ନିକଟସ୍ଥ ମାଛ ଗୋଦାମରେ ଗତ ରାତି ୧ଟା ୪୦ ମିନିଟ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏଠାରୁ ନିଆଁ ବ୍ୟାପି ପାଖରେ ଥିବା ୩ ମହଲା ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଏହି ବିଲ୍ଡିଂର ତଳ ମହାଲାରେ ଥିବା ରଙ୍ଗ ଗୋଦାମ, ଦ୍ୱିତୀୟ ମହାଲାରେ ଥିବା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ତୃତୀୟ ମହାଲାରେ ଥିବା ରଙ୍ଗ ଗୋଦାମ ଷ୍ଟୋର୍‌ରୁମ୍ ଜଳିଯାଇଛି । ତେବେ ୧୯ଟି ମାଛ ଗୋଦାମରେ ଥିବା ଲକ୍ଷ ଲକ୍ଷ ଟଙ୍କାର ମାଛ, ଆଲମାରି ଓ କ୍ୟାସ୍‌ବାକ୍ସରେ ଥିବା ୨୦ଲକ୍ଷରୁ ଅଧିକ ଟଙ୍କା ଏବଂ ସମସ୍ତ ଆସବାବପତ୍ର ଭସ୍ମୀଭୂତ ହୋଇଛି । ଦୀର୍ଘ ୩୫ ବର୍ଷ ହେବ, ମାଛ ବ୍ୟବସାୟ କରୁଥିବା ୧୯ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି ।

ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସମସ୍ତ କାଗଜପତ୍ର, କମ୍ପ୍ୟୁଟର୍, ଏସି, ଇଲେକ୍ଟ୍ରିକ୍ ୱେୟାରିଂ, ସୋଫା ସମେତ ସମସ୍ତ ଅଫିସିଆଲ୍ ଆସବାବପତ୍ର ଜଳିଯାଇଛି । ବ୍ୟାଙ୍କ୍ ଲକର୍‌ରେ ରହିଥିବା ସୁନା ଓ ଟଙ୍କାର ଆକଳନ କରାଯାଇ ▶ପୃଷ୍ଠା-୭

- ପୋଡ଼ିଗଲା କୁଇଣ୍ଟାଲ କୁଇଣ୍ଟାଲ ମାଛ
- ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବି ଭସ୍ମିଭୂତ: ପୋଡ଼ି ଯାଇଥିବା ଲକ୍ଷ ଲକ୍ଷ ଟଙ୍କାର ଆକଳନ ହୋଇନାହିଁ

## ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଓ ଜିଆର୍‌ପି ଅଧିକାରୀଙ୍କୁ ଏନ୍‌ଏଚ୍‌ଆର୍‌ସିର ଜେରା

■ ଭୁବନେଶ୍ୱର, ୧।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ଖୋଳତାଡ ଆରମ୍ଭ କରିଛି ଜାତୀୟ ମାନବାଧିକାର କମିସନ । କମିସନଙ୍କ ଦୁଇ ଜଣିଆ ଟିମ୍ ରାଜେନ୍ଦ୍ର ସିଂ ଏବଂ ଅବିନାଶ କୁମାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଡିଏସ୍‌ପି ରତ୍ନପ୍ରଭା ଶତପଥୀ, ବାଲିଅନ୍ତା ଥାନା ପୂର୍ବତନ ଆଇଆଇସି ଅନିଲ ପରିଡ଼ା ଓ ଜିଆରପି ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ପଚେରା କରିଛନ୍ତି । ରାଜ୍ୟ ଅତିଥି ଭବନରେ ଦୀର୍ଘ ସମୟ ଧରି ଭିଡ଼ ହତ୍ୟା ସମ୍ପର୍କରେ ଏହି ଅଧିକାରୀମାନଙ୍କୁ ▶ପୃଷ୍ଠା-୭

**ବାଲିଅନ୍ତା ଭିଡ଼ହତ୍ୟା**



## ୭ ଦିନିଆ ଦିଲ୍ଲୀ ଗସ୍ତରେ ନବୀନ

■ ଭୁବନେଶ୍ୱର, ୧।୬ (ସମିସ): ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ୭ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ସମୟରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ୭ ତାରିଖରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି । ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ରଙ୍କ ସୂଚନା ଅନୁସାରେ ଏହା ଏକ ରୁଟିନ ଗସ୍ତ । ପ୍ରାୟ ସପ୍ତାହେ ବ୍ୟାପି ସେ ଦିଲ୍ଲୀରେ ରହିବେ ଓ ବିଭିନ୍ନ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଏକାଧିକ ରାଜନୈତିକ ଓ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ▶ପୃଷ୍ଠା-୭



### ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌ର ଦିଶାହୀନ ଗତି

## ୨୪ ଘଣ୍ଟିଆ ପାଣି ସୁନିଶ୍ଚିତ କରିପାରୁନି ୱାଟ୍‌କୋ

■ ଭୁବନେଶ୍ୱର, ୧।୬ (ସମିସ): ନବୀନ ସରକାର ସମୟରେ ଓଡ଼ିଶାର "ଡ୍ରିଙ୍କ ଫ୍ରମ ଟ୍ୟାପ୍' ସାରା ଦେଶ ପାଇଁ ରୋଲ ମଡେଲ୍ ହୋଇଥିଲା । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଲୋକମାନଙ୍କୁ ସିଧା ନଳରୁ ଜଳ ପିଇବା ପାଇଁ ବ୍ୟବସ୍ଥା କରିଥିଲେ । ପ୍ରଥମ ସହର ଭାବେ ପୁରୀରେ ଏହି ଯୋଜନା ଆରମ୍ଭ ହୋଇ ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା । ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଓଡ଼ିଶାର "ଡ୍ରିଙ୍କ ଫ୍ରମ ଟ୍ୟାପ୍' ମିଶନ କେବଳ ଜଳ ଯୋଗାଣ ନୁହେଁ, ଏକ ସ୍ୱାସ୍ଥ୍ୟ ଓ ବିକାଶର ମଡେଲ୍ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବହୁ ରାଜ୍ୟ ଆପଣାଇଥିଲେ । ମାତ୍ର ୨ ବର୍ଷ ମଧ୍ୟରେ ତତ୍‌କାଳୀନ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନା ଏବେ ଦିଗହରା ହୋଇ ପଡ଼ିଛି । ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥାରେ ଏବେ ଘୋର ସମସ୍ୟା ସୃଷ୍ଟି ହୋଇଛି । ଖୋଦ୍ ରାଜଧାନୀରେ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ କେଉଁଠି ଦିନରେ ଦୁଇ ଥର ତ କେଉଁଠି ଦିନରେ ଥରେ ପାଣି ଆସୁଛି । ଯଦିଓ ଏହାର ମାନକୁ ନେଇ ବିଶେଷ କିଛି ବଡ଼ ସମସ୍ୟା ସୃଷ୍ଟି ହୋଇ ନାହିଁ, ହେଲେ ଅନେକ ସ୍ଥାନରେ 'ଆର୍‌ଓ' ମାନର ପାଣି ବଦଳରେ ପାଣି ଗୁଣ୍ଡି କିମ୍ବା ସାମାନ୍ୟ ହଳଦିଆ ପାଣି ଆସୁଥିବା ଅଭିଯୋଗ ହୋଇଛି । ଭୁବନେଶ୍ୱରର ଲେକ୍‌ଭେଲି ଅଞ୍ଚଳରେ ଏବେ ସକାଳେ ଓ ସନ୍ଧ୍ୟାରେ ପାଣି ଆସୁଛି । ଅନ୍ୟ କେତେକ ସ୍ଥାନରେ ପାଣି ଅଭାବ ହେତୁ ୨୪ ଘଣ୍ଟିଆ ଜଳ ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି ।

୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଘରୁ ଟ୍ୟାପ୍‌ରୁ ସିଧାସଳଖ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ରଖାଯାଇଥିଲା । ବିନା କୌଣସି ଫିଲ୍ଟରରେ ଲୋକେ ଆର୍‌ଓ ମାନର ପାଣି ପିଇବେ ବୋଲି ଲକ୍ଷ୍ୟ ରଖି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଭାରତର ପ୍ରଥମ ସହର ଭାବେ ପୁରୀରେ ପୂର୍ଣ୍ଣରୂପେ ଏହି ଯୋଜନା କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଶ୍ୱସ୍ତରରେ ▶ପୃଷ୍ଠା-୭

**ଯୋଜନାରେ ସାମିଲ ହୋଇପାରୁନି ଅନ୍ୟ ସହର**




SIKSHA 'O' ANUSANDHAN

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ବାହାନଗା ଟ୍ରେନ୍ ଟ୍ରାଜେଡିକୁ ୩ ବର୍ଷ

# ଫାଇଲ ଭିତରେ ଅନେକ ପ୍ରତିଶ୍ରୁତି

ବାଲେଶ୍ୱର, ୧/୬ (ରୁଚିକ ରଞ୍ଜନ ମହାପାତ୍ର)

ଇତିହାସରେ କେତେକ ତାରିଖ ଥାଏ ଯାହା କେବଳ ଏକ ଦିନ ନୁହେଁ, ଏକ ଯନ୍ତ୍ରଣା, ଏକ ଅଭିଶାପ ଓ ଏକ ବିଫଳ ବ୍ୟବସ୍ଥାର ପ୍ରତୀକ ହୋଇ ରହିଯାଏ। ୨ ଜୁନ ୨୦୨୩ ସେହିଭଳି ଏକ ତାରିଖ। ସନ୍ଧ୍ୟା ୬ଟା ୫୫ ମିନିଟ୍‌ରେ ବାଲେଶ୍ୱର ଜିଲ୍ଲାର ବାହାନଗା ବଜାର ନିକଟରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଥିଲା। ମାତ୍ର କିଛି ସେକେଣ୍ଡ ମଧ୍ୟରେ କରମଣ୍ଡଳ ଏକ୍ସପ୍ରେସ, ଯଶବନ୍ତପୁର-ହାୱଡା ସୁପରଫାଷ୍ଟ ଏକ୍ସପ୍ରେସ ଓ ଏକ ମାଲବାହୀ ଟ୍ରେନକୁ ନେଇ ସୃଷ୍ଟି ହୋଇଥିଲା ମୃତ୍ୟୁର ଏମିତି ତାଣ୍ଡବ, ଯାହାର ଦୃଶ୍ୟ ଦେଖି ଉଦ୍ଧାରକାରୀମାନେ ମଧ୍ୟ ସ୍ତବ୍ଧ ହୋଇଯାଇଥିଲେ। ସରକାରୀ ହିସାବରେ ୨୯୬ ଜଣଙ୍କ ମୃତ୍ୟୁ ଓ ୧୨୦୦ରୁ ଅଧିକ ଆହତଙ୍କ ତାଲିକା ରହିଛି। କିନ୍ତୁ ବାହାନଗାର ସେହି କଳାରାତିକୁ ନିଜ ଆଖିରେ ଦେଖିଥିବା ଲୋକମାନେ ଆଜି ବି କହନ୍ତି ସେଦିନ ରେଳଧାରଣା ଉପରେ କେବଳ ମୃତଦେହ ନୁହେଁ, ଶହ ଶହ ପରିବାରର ଭବିଷ୍ୟତ ଉଜୁଡ଼ି ଯାଇଥିଲା।

ବଗି ଭିତରେ ଫସିଥିବା ଲୋକଙ୍କ ଚିତ୍କାର, ନିଜ ଲୋକଙ୍କୁ ଖୋଜୁଥିବା ପରିବାରର କାନ୍ଦଣା ଓ ରାତିସାରା ଚାଲିଥିବା ଉଦ୍ଧାର କାର୍ଯ୍ୟର ଭୟଙ୍କର ଦୃଶ୍ୟ ଆଜି ବି ବାହାନଗାର ମାଟିରେ ଜୀବନ୍ତ ରହିଛି।

ଦୁର୍ଘଟଣା ପରେ ସମଗ୍ର ଦେଶର ନଜର ବାହାନଗା ଉପରେ ଥିଲା। ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ବିଭିନ୍ନ ଦଳର ନେତା, କେନ୍ଦ୍ରୀୟ ଏଜେନ୍ସି ଓ ପ୍ରଶାସନିକ ଅଧିକାରୀମାନେ ଦୌଡ଼ି ଆସିଥିଲେ। ମୃତକଙ୍କ ପରିବାରକୁ ସହାୟତା, ଆହତଙ୍କୁ ଉନ୍ନତ ଚିକିତ୍ସା, ରେଳ ସୁରକ୍ଷାରେ ଆମୂଳଚୂଳ ପରିବର୍ତ୍ତନ, ଅତ୍ୟାଧୁନିକ ସିଗନାଲିଂ ବ୍ୟବସ୍ଥା, "କବଚ' ସୁରକ୍ଷା ପ୍ରଣାଳୀର ବିସ୍ତାର, ବାହାନଗାରେ ସ୍ମୃତିସ୍ତମ୍ଭ ନିର୍ମାଣ ଏବଂ ଅଞ୍ଚଳର ବିକାଶ ପାଇଁ ଅନେକ ଘୋଷଣା କରାଯାଇଥିଲା। ସେତେବେଳେ ଲାଗିଥିଲା, ହୁଏତ ଏହି ଟ୍ରାଜେଡି ଭାରତୀୟ ରେଳ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନର ଆରମ୍ଭ କରିବ। କିନ୍ତୁ ଆଜି, ଠିକ୍ ୩ ବର୍ଷ ପରେ, ପ୍ରଶ୍ନ ଉଠୁଛିସେହି ପ୍ରତିଶୃତିଗୁଡ଼ିକ କେଉଁଠି? ବାହାନଗା ଆଜି ବି ସେହି ପ୍ରତୀକ୍ଷାରେ ରହିଛି। ଦୁର୍ଘଟଣା ସ୍ଥଳକୁ ଏକ ଜାତୀୟ ସ୍ମୃତିସ୍ଥଳୀରେ ପରିଣତ କରିବାର ଦାବି ବାରମ୍ବାର ଉଠିଥିଲେ ମଧ୍ୟ, ଏଭଳି କୌଣସି ବୃହତ୍ ପଦକ୍ଷେପ ଦୃଶ୍ୟମାନ ହୋଇନାହିଁ।

ଯେଉଁ ସ୍ଥାନରେ ଦେଶର ସବୁଠାରୁ ବଡ଼ ରେଳ ଦୁର୍ଘଟଣା ମଧ୍ୟରୁ ଗୋଟିଏ ଘଟିଥିଲା, ସେହି ସ୍ଥାନ ଆଜି ମଧ୍ୟ ସାଧାରଣ ରେଳପଥ ଭଳି ଦେଖାଯାଉଛି। ଦୁର୍ଘଟଣାର ସାକ୍ଷୀ ଥିବା ଲୋକଙ୍କ ମତରେ, ମୃତକଙ୍କ ସ୍ମୃତି ପ୍ରତି ଏହା ଏକ ପ୍ରକାର ଅବହେଳା। ଏତେ ବଡ଼ ଦୁର୍ଘଟଣା ପରେ ତଦନ୍ତ ହେଲା, ରିପୋର୍ଟ ଆସିଲା, କେତେକ ଅଧିକାରୀଙ୍କ ବିରୋଧରେ ମାମଲା ହେଲା। କିନ୍ତୁ ସାଧାରଣ ଲୋକଙ୍କ ମନରେ ଆଜି ବି ପ୍ରଶ୍ନ ଶତାଧିକ ଜୀବନ ଯିବା ପରେ ମଧ୍ୟ କି ବ୍ୟବସ୍ଥାଗତ ବିଫଳତାର ସମ୍ପୂର୍ଣ୍ଣ ହିସାବ ଦେଶ ପାଇଲା ? ଏତେ ବଡ଼ ବିପର୍ଯ୍ୟୟ ପାଇଁ ପ୍ରକୃତରେ କିଏ ଦାୟୀ, ତାହାର ସ୍ପଷ୍ଟ ଉତ୍ତର ଆଜି ବି ଧୂଆଁ ଭିତରେ ଲୁଚି ରହିଛି। ସବୁଠାରୁ ବଡ଼ ବିଫଳତା ହେଉଛି ସ୍ମୃତିର ରାଜନୀତି। ଦୁର୍ଘଟଣା ପରେ ବାହାନଗାରେ ଯେଉଁ ଗ୍ରାମବାସୀମାନେ ମୋବାଇଲ ଟର୍ଚ୍ଚ ଧରି ମୃତ୍ୟୁର ମୁହଁରୁ ଶହ ଶହ ଲୋକଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ଅବଦାନ ଆଜି ଧୀରେ ଧୀରେ ଭୁଲି ଯାଇଛି। ଯେଉଁ ଯୁବକମାନେ ରକ୍ତଦାନ କରିଥିଲେ, ଶବ ଉଦ୍ଧାର କରିଥିଲେ, ଆହତଙ୍କୁ ହସ୍ପିଟାଲ ପଠାଇଥିଲେ, ସେମାନଙ୍କ ପାଇଁ କୌଣସି ସ୍ଥାୟୀ ସମ୍ମାନ ବ୍ୟବସ୍ଥା ନାହିଁ। ରେଳବାଇ ଦାବି କରୁଛି ଯେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ହୋଇଛି, କବଚ ବ୍ୟବସ୍ଥା ବିସ୍ତାର ହେଉଛି ଏବଂ ସିଗନାଲିଂ ବ୍ୟବସ୍ଥାକୁ ଆଧୁନିକ କରାଯାଉଛି। କିନ୍ତୁ ପ୍ରଶ୍ନ ହେଉଛି, ଯଦି ବାହାନଗା ଭଳି ଘଟଣା ଏକ ଜାଗରଣର ଘଣ୍ଟି ଥିଲା, ତେବେ ସେହି ଜାଗରଣର ଫଳାଫଳ ସାଧାରଣ ଲୋକ ଏତେ ସ୍ପଷ୍ଟ ଭାବରେ କାହିଁକି ଦେଖିପାରୁନାହାନ୍ତି ? ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଆଜି ବି ସେହି ଯନ୍ତ୍ରଣା ସହ ବଞ୍ଚୁଛନ୍ତି। କାହାର ବାପା ଫେରିଲେ ନାହିଁ, କାହାର ମା' ଫେରିଲେ ନାହିଁ, କାହାର ସ୍ୱାମୀ ଓ କାହାର ପୁଅ ଫେରିଲେ ନାହିଁ। କ୍ଷତିପୂରଣର ଚେକ୍ ଜୀବନର ଶୂନ୍ୟତା ପୂରଣ କରିପାରିନାହିଁ। ବାହାନଗାର ନାମ ଶୁଣିଲେ ଆଜି ବି ଅନେକ ପରିବାରର ଆଖିରେ ଲୁହ ଆସିଯାଏ। ୫୧ ଘଣ୍ଟା ଧରି ଠପ୍ ପଡ଼ିଥିବା ହାୱଡା-ଚେନ୍ନାଇ ମୁଖ୍ୟ ରେଳପଥ ପୁଣି ଚାଲୁ ହୋଇଗଲା, ଟ୍ରେନ ପୁଣି ଦୌଡ଼ିବା ଆରମ୍ଭ କଲା, ରାଜନେତାମାନେ ନିଜ ନିଜ ରାସ୍ତାରେ ଚାଲିଗଲେ, ଖବର ଚ୍ୟାନେଲର କ୍ୟାମେରା ମଧ୍ୟ ହଟିଗଲା। କିନ୍ତୁ ବାହାନଗାର ମାଟି ତଳେ ଆଜି ବି ଲୁଚି ରହିଛି ଅନେକ ଅକୁହା କାହାଣୀ, ଅନେକ ଅନୁତ୍ତରିତ ପ୍ରଶ୍ନ ଏବଂ ଅନେକ ଭଙ୍ଗା ପ୍ରତିଶୃତି। ୩ ବର୍ଷ ପରେ ବାହାନଗା ଗୋଟିଏ ପ୍ରଶ୍ନ କରୁଛି୨୯୬ ଜଣଙ୍କ ମୃତ୍ୟୁ କେବଳ ଏକ ଅଙ୍କ ହୋଇ ରହିଗଲା, ନା ଦେଶ ପ୍ରକୃତରେ ସେହି ରକ୍ତାକ୍ତ ଶିକ୍ଷାରୁ କିଛି ଶିଖିଲା?



**ବାହାନଗାର କଳରାତି:** ଯେଉଁ ୫୧ ଘଣ୍ଟା ଥକି ଯାଇଥିଲା ଭାରତର ରେଳ ଚକ। ୨ ଜୁନ ୨୦୨୩ ସନ୍ଧ୍ୟା ୬ଟା ୫୫ ମିନିଟ୍। ବାହାନଗା ବଜାର ରେଳ ଷ୍ଟେସନ ନିକଟରେ କରମଣ୍ଡଳ ଏକ୍ସପ୍ରେସ, ଯଶବନ୍ତପୁର-ହାୱଡା ସୁପରଫାଷ୍ଟ ଏକ୍ସପ୍ରେସ ଓ ଏକ ମାଲବାହୀ ଟ୍ରେନ ମଧ୍ୟରେ ଘଟିଥିଲା ଭୟଙ୍କର ଦୁର୍ଘଟଣା। ସରକାରୀ ତଥ୍ୟ ଅନୁସାରେ ୨୯୬ ଜଣଙ୍କ ମୃତ୍ୟୁ ଓ ୧୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ରେଳଧାରଣା ଉପରେ ଛିନ୍ନଭିନ୍ନ ମୃତଦେହ ଓ ଭଙ୍ଗା ବଗିର ଦୃଶ୍ୟ ଦେଶକୁ ସ୍ତବ୍ଧ କରିଦେଇଥିଲା। ପ୍ରାୟ ୫୧ ଘଣ୍ଟା ଧରି ହାୱଡା-ଚେନ୍ନାଇ ମୁଖ୍ୟ ରେଳପଥ ବନ୍ଦ ରହିଥିଲା।

**୩ ବର୍ଷ ପରେ ବି ଅଧୁରା ପ୍ରତିଶ୍ରୁତି:** ଦୁର୍ଘଟଣା ପରେ ବାହାନଗାରେ ନେତା, ମନ୍ତ୍ରୀ ଓ ଅଧିକାରୀଙ୍କ ଭିଡ଼ ଲାଗିଥିଲା। ରେଳ ସୁରକ୍ଷାରେ ଆମୂଳଚୂଳ ପରିବର୍ତ୍ତନ, ସ୍ମୃତିସ୍ତମ୍ଭ ନିର୍ମାଣ, ପୀଡ଼ିତ ପରିବାରଙ୍କ ଦୀର୍ଘମିଆଦୀ ସହାୟତା ଓ ବାହାନଗା ଅଞ୍ଚଳର ବିକାଶ ନେଇ ଅନେକ ଘୋଷଣା ହୋଇଥିଲା। ହେଲେ ୩ ବର୍ଷ ପରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଅଧିକାଂଶ ପ୍ରତିଶୃତି କେବଳ ଭାଷଣ ଓ ଫାଇଲ ମଧ୍ୟରେ ସୀମିତ ରହିଯାଇଛି।

**ମୃତକଙ୍କ ସ୍ମୃତି ପ୍ରତି ଅବହେଳା :** ୨୯୬ ଜଣଙ୍କ ଜୀବନ ନେଇଥିବା ଏହି ଟ୍ରାଜେଡି ପରେ ଦୁର୍ଘଟଣା ସ୍ଥଳରେ ଏକ ସ୍ଥାୟୀ ସ୍ମୃତିସୌଧ ନିର୍ମାଣ ଦାବି ଜୋର ଧରିଥିଲା। କିନ୍ତୁ ୩ ବର୍ଷ ପରେ ମଧ୍ୟ ବାହାନଗାରେ ସେଭଳି କୌଣସି ଜାତୀୟ ସ୍ତରର ସ୍ମୃତିସ୍ଥଳୀ ଗଢ଼ି ଉଠିନାହିଁ। ମୃତକଙ୍କ ପରିବାର ଓ ସ୍ଥାନୀୟ ବୁଦ୍ଧିଜୀବୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି।

**ଉଦ୍ଧାରକାରୀଙ୍କ ଅବଦାନକୁ ଭୁଲିଗଲା କି ବ୍ୟବସ୍ଥା?:** ଦୁର୍ଘଟଣା ରାତିରେ ବାହାନଗା ଓ ଆଖପାଖ ଗାଁର ଶହ ଶହ ଯୁବକ ନିଜ ଜୀବନକୁ ବାଜି ଲଗାଇ ଆହତଙ୍କୁ ଉଦ୍ଧାର କରିଥିଲେ। ମୋବାଇଲ ଟର୍ଚ୍ଚରେ ରାତିସାରା ଚାଲିଥିଲା ଜୀବନ ବଞ୍ଚାଇବାର ଅଭିଯାନ। କିନ୍ତୁ ଆଜି ସେମାନଙ୍କ ଅବଦାନକୁ ନେଇ କୌଣସି ସ୍ଥାୟୀ ସମ୍ମାନ କିମ୍ବା ସ୍ୱୀକୃତି ନ ମିଳିବା ନେଇ ପ୍ରଶ୍ନ ଉଠୁଛି।

**ଜବାବ ମାଗୁଛି ବାହାନଗା :** ଏତେ ବଡ଼ ଟ୍ରାଜେଡି ପାଇଁ ଦାୟୀ କିଏ ? ସିଗନାଲିଂ ତ୍ରୁଟିକୁ ଦୁର୍ଘଟଣାର ପ୍ରମୁଖ କାରଣ ବୋଲି କୁହାଯାଇଥିଲା। ତଦନ୍ତ ହେଲା, ମାମଲା ହେଲା, ଗିରଫ ମଧ୍ୟ ହେଲା। କିନ୍ତୁ ୨୯୬ ଜଣଙ୍କ ମୃତ୍ୟୁ ପରେ ମଧ୍ୟ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ରହିଛିପ୍ରକୃତରେ କିଏ ଦାୟୀ? ବ୍ୟବସ୍ଥାଗତ ତ୍ରୁଟି ପାଇଁ କିଏ ଉତ୍ତରଦାୟୀ? ଏବଂ ଭବିଷ୍ୟତରେ ଏଭଳି ଘଟଣା ରୋକିବାକୁ କଣ ସ୍ଥାୟୀ ପଦକ୍ଷେପ ନିଆଯାଇଛି? ୨୯୬ ପରିବାରର ଯନ୍ତ୍ରଣା ଆଜି ବି ଜୀବନ୍ତ: ସରକାରୀ କ୍ଷତିପୂରଣ ମିଳିଥିଲେ ମଧ୍ୟ ଅନେକ ପରିବାର ଆଜି ବି ମାନସିକ ଓ ଆର୍ଥିକ ସଙ୍କଟ ଭିତରେ ଜୀବନ କାଟୁଛନ୍ତି। କାହାର ସ୍ୱାମୀ, କାହାର ପୁଅ, କାହାର ମା' କିମ୍ବା ବାପା ଆଉ ଫେରି ଆସିବେ ନାହିଁ। ସେମାନଙ୍କ ପାଇଁ ବାହାନଗା କେବଳ ଏକ ଦୁର୍ଘଟଣା ନୁହେଁ, ଏକ ଅପୂରଣୀୟ କ୍ଷତିର ନାମ ପାଲଟି ରହି ଯାଇଛି।

**ବାହାନଗାର ଲୁହ ଶୁଖିଗଲା, କିନ୍ତୁ ଭୟ ଯାଇନି:** ଦୁର୍ଘଟଣାର ୩ ବର୍ଷ ପରେ ମଧ୍ୟ ବାହାନଗା ଅଞ୍ଚଳର ଅନେକ ଲୋକ ସେହି ରାତିର ଭୟଙ୍କର ଦୃଶ୍ୟକୁ ଭୁଲିପାରିନାହାନ୍ତି। ରାତିରେ ଟ୍ରେନର ଶବ୍ଦ ଶୁଣିଲେ ଅନେକଙ୍କ ମନକୁ ସେହି ଦୁର୍ଘଟଣାର ଚିତ୍ର ଆସିଯାଏ। ଉଦ୍ଧାର କାର୍ଯ୍ୟରେ ସାମିଲ ଅନେକ ଯୁବକ ଆଜି ବି ମାନସିକ ଆଘାତରୁ ସମ୍ପୂର୍ଣ୍ଣ ମୁକୁଳି ପାରିନାହାନ୍ତି।

**ଟ୍ରାଜେଡି ପରେ ବଦଳିଲା କ'ଣ :** ଟ୍ରେନ ଦୁର୍ଘଟଣାର ୩ ବର୍ଷ ମଧ୍ୟରେ ବାହାନଗା ରେଳ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ କରାଯାଇଛି, ପୁରୁଣା ଆଜବେଷ୍ଟସ ଷ୍ଟେସନ ବିଲଡିଂକୁ ଭଙ୍ଗାଯାଇ ୨୦୨୫ ମସିହା ସେପ୍ଟେମ୍ବର ମାସ ୧୪ ନୂତନ ଷ୍ଟେସନ ବିଲଡିଂ, ରିଲେ ରୁମ, ପେନାଲ ରୁମ ଆଦିର ନବକଳେବର ଦେଖିବାକୁ ମିଳିଥିଲା। ରେଳ ଦୁର୍ଘଟଣାର ମୁକସାକ୍ଷୀଥିବା ରେଳ ଷ୍ଟେସନର ଉତ୍ତର କେବିନକୁ ଭାଙ୍ଗି ମାଟିରେ ମିଶାଯାଇ ନୂତନ ଭାବେ ଉତ୍ତର ପାଶ୍ୱର୍ ପଶ୍ଚିମ ପଟରେ ନିର୍ମାଣ ହୋଇଛି। ବାହାନଗା ରେଳ ଦୁର୍ଘଟଣାରେ ବାହାନଗା ରେଳ ଫାଟକ ଠାରୁ ଷ୍ଟେସନ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଦୀର୍ଘ ଦିନର ଅପେକ୍ଷା ପରେ ନୂତନ ପକ୍କା ରାସ୍ତା ନିର୍ମାଣ କରିଛି ରେଳ ବିଭାଗ। ରେଳ ଫାଟକ ନିକଟରେ ଅନ୍ଧାର ଥିବା ବେଳେ ଦୁର୍ଘଟଣା ପରେ ଯାତାୟତ ସମୟରେ ସେଦିନର ସେହି କାଳ ରାତିକୁ ମନେ ପଡ଼ିବା ବେଳେ ମନରେ ଭୟ ସଞ୍ଚୟ ହୋଇ ଉଠୁଥିବା ବେଳେ ସନ୍ଧ୍ୟା ପରେ ଲୋକେ ଏହି ଫାଟକ ଦେଇ ଯାତାୟତକୁ ଭୟ କରୁଥିଲେ। ଲୋକଙ୍କ ମନରୁ ଭୟକୁ ଦୂରେଇବା ପାଇଁ ରେଳ ଫାଟକ ନିକଟରେ ହାଇମାଷ୍ଟ ଲାଇଟ ଲଗାଯିବା ସହ ବାହାନଗା ବଜାରକୁ ଆଲୋକୀକରଣ କରାଯାଇଛି।






**ନିର୍ମାଣ ପରେ ବନ୍ଦ ପଡ଼ିଛି ଗୋଷ୍ଠୀ ଶୌଚାଳୟ:** ନିର୍ମାଣ ସରିଲା, ୨୦୨୫ ମସିହା ସେପ୍ଟେମ୍ବର ମାସ ୧୯ ତାରିଖରେ ଗୋଷ୍ଠୀ ଶୌଚାଳୟ ଉଦଘାଟନ ହେଲା, ଅର୍ଥାତ ଉଦଘାଟନକୁ ଦୀର୍ଘ ୮ ମାସ ରୁ ଉର୍ଦ୍ଧ ସମୟ ବିତିଥିଲେ ସୁଦ୍ଧା ତାହା ଲୋକଙ୍କ କାମରେ ଆସିନି, ବନ୍ଦ ପଡ଼ି ଅବହେଳିତ ଅବସ୍ଥାରେ ରହିଛି ଗୋଷ୍ଠୀ ଶୌଚାଳୟ। ବାହାନଗାରେ ଟ୍ରମା କେୟାର ସେଣ୍ଟରର ଦାବି ପୂରଣ

**ହେଲାନି :** ଦୁର୍ଘଟଣା ପରେ ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅନେକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଜାତୀୟ ରାଜପଥ ପାଶ୍ୱର୍ରେ ଥିବାରୁ ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଏଠାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଦିଆଯିବା ଉଦ୍ଦେଶ୍ୟରେ ସେତେବେଳେ ବାହାନଗାବାସୀ ବାହାନଗାରେ ଟ୍ରୋମାକେୟାର ସେଣ୍ଟର ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ, ପ୍ରତିଶୃତି ମିଳିଥିଲା। ହେଲେ ଦାବି ଏଯାଏଁ ପୂରଣ ହେଲାନି।

**ରେଳ ଉଡ଼ନ୍ତା ପୋଲ ନିର୍ମାଣ ଆରମ୍ଭ ହେଲାନି:** ଦୀର୍ଘଦିନଧରି ବାହାନଗା ରେଳ ଫାଟକ ନିକଟରେ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ବାରମ୍ବାର ରେଳ ଉଡ଼ନ୍ତା ପୋଲ ନିର୍ମାଣ ପାଇଁ ଦାବି କରିଥିଲେ ଅଞ୍ଚଳବାସୀ। କିନ୍ତୁ ଦୁର୍ଘଟଣାର ୩ ବର୍ଷ ପରେ ବି ଏହାର କାର୍ଯ୍ୟ ଆରମ୍ଭ ହେଲାନି, ଜନ ଅସନ୍ତୋଷ ତେଜିବାରେ ଲାଗିଛି।




ଅନେକ ସମୟରେ ଫାଟକ ଉଠୁନି, ଲୋକଙ୍କ **ବିପଦପୂର୍ଣ୍ଣ ଯାତ୍ରା:** ବାହାନଗା ରେଳ ଷ୍ଟେସନର ଉତ୍ତର କେବିନ ରେଳ ଫାଟକ ଲୋକଙ୍କ ପାଇଁ ଅଭିଶାପ ସଦୃଶ ପାଲଟିଛି। ଅନେକ ସମୟ ଧରି ରେଳ ଫାଟକରେ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଛି। ଦୀର୍ଘ ସମୟ ସାଧାରଣ ଲୋକଙ୍କ ସହ ଆମ୍ବୁଲାନ୍ସ ଫସି ରହୁଥିବା ବେଳେ ଗୋଟିଏ ପଟ ଗେଟ ଉଠୁଥିବା ଅନ୍ୟ ପଟ ଗେଟ ପଡ଼ି ରହୁଛି, ଫଳରେ ବିପଦ ସଂକୁଳ ଭାବେ ଲୋକେ ରେଳ ଧାରଣାରେ ଛିଡ଼ା ହେଉଛନ୍ତି।

## ସିଂଲା ଥାନା କର୍ମଚାରୀ ଓ ବାଲି ମାଫିଆଙ୍କ ଫଟୋ ଭାଇରାଲ

ରାଜଘାଟ, ୧/୬ (ସମିସ): ବସ୍ତା ବ୍ଲକ ସିଂଲା ଥାନାର କିଛି ପୁଲିସ ଅଧିକାରୀଙ୍କ ସହ ବାଲି ମାଟି ମାଫିଆଙ୍କ ସମ୍ପର୍କ ଥିବା ନେଇ ଦୀର୍ଘ ଦିନରୁ ଚାଲିଥିବା ଚର୍ଚ୍ଚା ଏବେ ସତ ପ୍ରମାଣିତ ହୋଇଛି। ଉଭୟଙ୍କ ମଧ୍ୟରେ ସମୁଦ୍ର କୂଳରେ କାନ୍ଧରେ ହାତ ପକା ପକି ହୋଇ ଫଟୋ ସାମାଜିକ ଗଣମାଧ୍ୟମ ରେ ଘୁରି ବୁଲୁଛି, ଏହି ଫୋଟରୁ ଅନୁମେୟ କରିହେଉଛି ପୁଲିସ ଓ ମାଫିଆଙ୍କ ମଧ୍ୟରେ ନିବିଡ଼ତା। ଉକ୍ତ ଫଟୋରେ ସିଂଲା ଥାନାର ୪ଜଣ ପୁଲିସ ଅଧିକାରୀ ଦୁଇଜଣ ବାଲି ମାଟି ମାଫିଆଙ୍କ ସହ କାନ୍ଧରେ ହାତ ପକାଇ ଫୋଟ ଉଠାଇବା, ଏହାର ଜ୍ୱଳନ୍ତ ପ୍ରମାଣ ମିଳୁଛି ମାଫିଆ ଓ ସିଂଲା ପୁଲିସର ସମ୍ପର୍କ। ଫଟୋରେ ଥିବା ୪ ଜଣ ପୁଲିସ କର୍ମଚାରୀଙ୍କୁ ଚିହ୍ନଟ କରି ତଦନ୍ତ ହେଉ, ସିଂଲା ଥାନାର ସମସ୍ତ କଲ ରେକର୍ଡ ଯାଞ୍ଚ ହେଉ ବ୍ଲକର ସମସ୍ତ ଚୋରା ବାଲି ଘାଟ ନିକଟ ଥାନାର କର୍ମଚାରୀଙ୍କ ସମ୍ପତ୍ତି ତାଲିକା ଯାଞ୍ଚ କରାଯାଉ।ଏହି ଫଟୋ ସାମ୍ନାକୁ ଆସିବା ପରେ ସିଂଲା ଥାନାରେ ଚାଞ୍ଚଲ୍ୟ ଖେଳିଯାଇଛି। ଏ ନେଇ ସିଂଲା ଥାନା ଅଧିକାରୀ ସୂଚନ୍ଦ୍ର ମହାଲିକ ଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲୁ ମାତ୍ର ସେ ଫୋନ୍ ରସିଭି କରିନଥିଲେ।

## କାମୁଡ଼ି ଛିଣ୍ଡାଇ ଦେଲା ହାତର ଅଙ୍ଗୁଳି

ନୀଳଗିରି, ୧/୬ (ସମିସ) : ଗତ ରବିବାର ଆଇପିଏଲ ଫାଇନାଲ ମ୍ୟାଚ୍ ଚାଲିଥିବା ବେଳେ ନିଜ ସାଙ୍ଗ ମାନଙ୍କ ସହିତ ନୀଳଗିରି କଦମସାହି ଗ୍ରାମର ସଞ୍ଜୀବ ମେଦିନିରାୟଙ୍କ ପୁଅ ଶୋଭନ କ୍ୟାରମ ଖେଳୁଥିଲେ। ରାତି ପ୍ରାୟ ୧୦ଟା ସମୟରେ ଉକ୍ତ ଗ୍ରାମର ଅଭୟ ବେହେରା ହଠାତ୍ ତାଙ୍କ ଘରେ ପ୍ରବେଶ କରି କୌଣସି କାରଣ ନ ଥାଇ ପାଟିତୁଣ୍ଡ କରିବା ସହ ଉତ୍‌କ୍ଷିପ୍ତ ହୋଇ ଶୋଭନର ହାତର ଆଙ୍ଗୁଳିକୁ କାମୁଡ଼ି ଛିଣ୍ଡାଇ ଦେଇ ଫେରାର ହୋଇଯାଇଥିଲା। ଏନେଇ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲ, ପରେ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏପଟେ ବାପା ସଞ୍ଜୀବ ମେଦିନୀ ରାୟ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ନଥିପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବାଲେଶ୍ୱର(ଉତ୍ତର),୧/୬ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଆରୁହାବୃତ୍ତି -୧ ପଞ୍ଚାୟତ ନଥିପୁର ଗ୍ରାମରେ ନଥିପୁର ପ୍ରିମିୟର ଲିଗ କ୍ରିକେଟ ଟର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦ ର ପ୍ରତିଷ୍ଠାତା- ସମ୍ପାଦକ ରାଜକିଶୋର ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ଏତଦ ଅଞ୍ଚଳର ୧୨ ଟି ଅଗ୍ରଣୀ କ୍ରିକେଟ ଟିମ ଅଂଶ ଗ୍ରହଣ କରିଥିବା ବେଳେ ମିଆଁପାଟଣା ନାଇନ ଷ୍ଟାର ଚମ୍ପିୟାନ ଓ ବାସୁଳିମାତା କ୍ରିକେଟ ଟିମ ଭୋଗରାଇ ରନର୍ସ ଅପ୍ ହୋଇଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଏମ୍ପାୟାର ଭାବେ ସ୍ନେହାଶିଷ ଭାୟା, ପ୍ରଦୀପ ଭାୟା, ସେକ ମୁନ୍ନା, ଜିତେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ନଥିପୁର ପ୍ରିମିୟର ଲିଗ ର ଆୟୋଜକ ସେକ ବାବର, ଶୁଭେନ୍ଦୁ ଅଧିକାରୀ, ଅଜୟ ବେହେରା, ଗାଲୁ, ଜାୟଦ ଖାଁ, ଆଶିଷ ଭାୟା, ହରିଶଙ୍କର ପାତ୍ର, ଚିତ୍ତରଞ୍ଜନ ପ୍ରଧାନ, ପ୍ରକାଶ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ମୁସ୍ତାକିନ, ଆକାଶ ବେହେରା, ଇମ୍ରାନ ପ୍ରମୁଖ ପରିଚାଳନା କରିଥିଲେ।

## ଭତ୍ତା ନ ମିଳିବାରୁ ପଞ୍ଚାୟତ ଅଫିସ୍ ଆଗରେ ଧାରଣା



ସୋର,୧/୬ (ସମିସ): ତିନିମାସ ଧରି ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ହୀତାଧିକାରୀଙ୍କୁ ଭତ୍ତା ନମିଳିବାରୁ ସେମାନେ ନାନଦି ସମସ୍ୟାକୁ ସମ୍ମୁଖୀନ ହେଉଛନ୍ତି। ଏହାକୁ ପ୍ରତିବାଦ କରି ସୋର ବ୍ଲକ ମଧୁସୁଦନପୁର ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଓ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ଆଜି ସକାଳେ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା ଦେବା ସହିତ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ସରପଞ୍ଚଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି। ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ସମସ୍ୟା ସାଙ୍ଗକୁ ଭତ୍ତା ନମିଳିବା ବୋଝ ଉପରେ ନଳିତା ବିଡା ସଦୃଶ ଯନ୍ତ୍ରଣା ଦେଉଥିବାରୁ ତୁରନ୍ତ ଭତ୍ତା ଟଙ୍କା ପ୍ରଦାନ କରିବା ଓ ବ୍ୟାଙ୍କରେ ଟଙ୍କା ଉଠାଣ ସମୟରେ ବିଭିନ୍ନ ସମସ୍ୟା ଉପୁଜୁଥିବାରୁ ଉକ୍ତ ବକେୟା ତିନିମାସର ଭତ୍ତାକୁ ବ୍ୟାଙ୍କ ନ ପଠାଇ ସିଧାସଳଖ ପଞ୍ଚାୟତ ମାଧ୍ୟମରେ ପଠାଇବାକୁ ଦାବି କରିଛନ୍ତି। ଏହି ସମୟରେ ବଂଶୀଧର ଶିଅଳ, ଗୁଲମଣି ସେଠୀ, ସତ୍ୟଭାମା ଶିଅଳ, ଉପେନ୍ଦ୍ର ଜେନା, ପ୍ରଭାକର ପାଣିଗ୍ରାହୀ, ଭାସ୍କରଚନ୍ଦ୍ର ଦାସ ଓ ସରସ୍ୱତୀ ଦାସଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା ଉପସ୍ଥିତ ରହି ସରପଞ୍ଚ ମାଳତୀଲତା ଜେନାଙ୍କ ଉପସ୍ଥିତିରେ ପିଇଓ ଭାରତ ଭୁଷଣ ଖିଲାରଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରିଥିଲେ।

## ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ସୋର,୧/୬ (ସମିସ): ଗତ ଗୁରୁବାର ସକାଳେ ରାସ୍ତା ଅବରୋଧ କାରଣରୁ ଉତ୍ତେଜନା ଓ ଏହାର ନିରପେକ୍ଷ ତଦନ୍ତ ଦାବି କରି ଆଜି ଅପରାହ୍ଣରେ ସୋର ଷ୍ଟେସନ ଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ସମଗ୍ର ହିନ୍ଦୁ ସମାଜ ସୋର ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆବାହକ ପ୍ରହ୍ଲାଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୮ ତାରିଖରେ ଇଦ ଉଲ ଜୁହା ଅବସରରେ ସୋର ଇଦଘା ପଡିଆରେ ରାସ୍ତାର ଗୋଟିଏ ପାଶ୍ୱର୍କୁ ଅବରୋଧ କରି ପଡିଆ ସମେତ ରାସ୍ତା ଉପରେ ନମାଜ ପାଠ କରାଯାଇଥିଲା। ନମାଜ ପାଠ ପରେ ଭିଡକୁ ନଜରରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସୋର ଡାକ୍ତରଖାନା ଛକ ଓ କୋର୍ଟ ଛକକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିଲା। ଏହି ସମୟରେ ଯାତାୟତକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମନୀଷ ଗୁପ୍ତା ପୁଲିସକୁ ଏ ବାବଦରେ ପ୍ରଶ୍ନ କରିଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଗୋଷ୍ଠୀଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ପୁଲିସ ସେଠାରେ ଉପସ୍ଥିତ ଥିବା ମନିଷ ଗୁପ୍ତାଙ୍କୁ ଥାନାରେ କିଛି ସମୟ ପାଇଁ ଅଟକ ରଖିଥିବା ବେଳେ ବାଲେଶ୍ୱର ଏସ୍ପି ପ୍ରତ୍ୟୁଷ ଦିବାକର ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମାତ୍ର ଏହି ଘଟଣାରେ ପୁଲିସ ପକ୍ଷପାତିତା କରିବା ସହିତ ମନିଷ ଗୁପ୍ତାଙ୍କ ନାମରେ ମିଛ ମାମଲା ରୁଜୁ କରିବା, ରାସ୍ତା ବନ୍ଦ କରି ନମାଜ ପାଠ କରିବାକୁ ଅନୁମତି ଦେବା ଓ ଇଦ ପୁର୍ବରୁ ଶାନ୍ତି କମିଟି ବୈଠକ ନ ଡାକିବାକୁ ପ୍ରତିବାଦ କରି ଆଜି ଅପରାହ୍ଣରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଆଗାମୀ ୧୫ ଦିନ ମଧ୍ୟରେ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆନଗଲେ ସମଗ୍ର ହିନ୍ଦୁ ସମାଜ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଏନେଇ ସୋର ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀ ଓ ଭଦ୍ରକ ଏବଂ ବାଲେଶ୍ୱର ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ କାହ୍ନୁ ଚରଣ ବେହେରା ଓ ମହେଶ୍ୱର ବେହେରା ଉପସ୍ଥିତ ଥିଲେ।

## ବାବା ସୁବୁଦ୍ଧେଶ୍ୱର ମହାଦେବଙ୍କ ଚଡ଼କ ପର୍ବ ଉଦ୍‌ଯାପିତ

ବାଲେଶ୍ୱର(ଉତ୍ତର), ୧/୬ (ସମିସ)

ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ପାଲୁସିଆ ଗ୍ରାମରେ ବିରାଜିତ ବାବା ସୁବୁଦ୍ଧେଶ୍ୱର ମହାଦେବଙ୍କ ପବିତ୍ର ଚଡ଼କ ପର୍ବ ଉଦଯାପିତ ହୋଇଯାଇଛି। ଗତ ଇଂରାଜୀ ମଇ ମାସ ୧୯ ତାରିଖ ଠାରୁ ୧୩ ଅର୍ଘ୍ୟ ଉପବିତ ଧାରଣ ଆରମ୍ଭ ହୋଇ ଗତ ଶନିବାର ନୀଳପର୍ବ ଓ କାମିନା ବିବାହ ଅନୁଷ୍ଠିତ ହୋଇଥିଲା ବେଳେ ଗତ ରବିବାର ଅନ୍ତିମ ପାଟ ପର୍ବ ସମ୍ପନ୍ନ ହୋଇଥିଲା। ଏହି ଚଡକ ପର୍ବରେ ଶହେରୁ ରୁ ଉର୍ଦ୍ଧ୍ୱ ଉପବୀତଧାରୀ ଭକ୍ତ ଦୀର୍ଘ ୧୧ ଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳିକୁ ଖାତିର ନକରି ଦିନତମାମ ଛେପ ମଧ୍ୟ ନ ଢ଼ୋକି



ଉପବାସରେ ରହି ରାତିରେ ଅର୍ଘ୍ୟଦାନ ପରେ ହବିଷାନ୍ନ ଭୋଜନ କରିଥିଲେ। ସେହିପରି ଚଳିତ ବର୍ଷ ସୂର୍ଯ୍ୟ କୁମାର ଘୋଷଙ୍କ ଘରେ କାମୀନା ବିବାହ ଅନୁଷ୍ଠିତ ହୋଇଥିଲା ବେଳେ ରବିବାର ଏହି ଚଡ଼କ ପର୍ବର ଉଦଯାପନୀ ଉତ୍ସବ ଭାବେ ପବିତ୍ର ପାଟ ପର୍ବ ଯଥାରୀତି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜୟନ୍ତ ମହାପାତ୍ର ରୀତିନୀତି ଅନୁଯାୟୀ ବିଭିନ୍ନ ସେବାବିଧି କରିଥିଲା ବେଳେ ପାଟଭକ୍ତ ପ୍ରବୋଧ କୁମାର ମହାନ୍ତି, ଶ୍ରୀବେକଡି ଜୟନ୍ତ କୁମାର ମହାନ୍ତି, ମୁଖ୍ୟ ଦେଉଳିଆ ଭକ୍ତ ରବୀନ୍ଦ୍ର ସାମଲଙ୍କ ସହିତ ଅନ୍ୟ ୧୦ ଜଣ ଦେଉଳିଆ ସେବାୟତଙ୍କ ନେତୃତ୍ୱରେ ହାକାଣ୍ଡ ପୋଖରୀରେ ପୂଜାର୍ଚ୍ଚନା କରାଯିବା ପରେ ସେଠାରୁ ମହାଦେବ ଓ ପାର୍ବତୀଙ୍କ ଚଳନ୍ତି ଘଟ ଦଶଲକ୍ଷ୍ମୀକୁ ମୁଣ୍ଡରେ ଧାରଣ କରି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମନ୍ଦିରକୁ ନେଇଥିଲେ। ପାରମ୍ପରିକ ବାଦ୍ୟ, ବିଭିନ୍ନ ବାଦ୍ୟଯନ୍ତ୍ର,ଶିବ ପିର୍ବତୀ ଓ ବିଭିନ୍ନ ଜୀବଜନ୍ତୁ ବେଶରେ ସଜେଇ ହୋଇ ଭକ୍ତ ମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ମନୋରମ ପରିବେଶରେ ୧୦ରୁ ଅଧିକ ଭକ୍ତ ମାନସିକ ପୂରଣ ପାଇଁ ନିଜ ଶରୀରରେ କଣ୍ଟା ଫୋଡି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଡକ ମେଳା କମିଟିର ସଭାପତି ପ୍ରଦୀପ ପରିଡ଼ା ଉକ୍ତ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ କମିଟିର ସଦସ୍ୟ ଅମଳେନ୍ଦୁ ଦାସ, ପୂର୍ବତନ ଶିକ୍ଷକ ତ୍ରିଲୋଚନ ଜେନା, ଅନନ୍ତ ମହାନ୍ତି, ଦେବାଶିଷ ମହାନ୍ତି, ରାମକୃଷ୍ଣ ସାମଲ, ଦିଲ୍ଲୀପ ଘୋଷ, ହେମନ୍ତ ଘୋଷ, କରୁଣାକର ସାମଲ, ତରୁଣ ସାମଲ, ଯତୀନ୍ଦ୍ର ଘୋଷ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ କାରଣରୁ ଅତିଷ୍ଠ ଜନସାଧାରଣ

# କୁଆଖିଆ ଡିଭିଜନ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା

**କୁଆଖିଆ, ୧।୬(ସମିସ)**



ଅସହ୍ୟ ଗରମ ଓ ଗୁଳୁଗୁଳିରେ ଜନ ସାଧାରଣ ହନ୍ତସନ୍ତ ହେଉଥିବା ବେଳେ ବାରମ୍ବାର ବିଦ୍ୟୁତ କାଟ୍ ଲୋକମାନଙ୍କର ଯନ୍ତ୍ରଣାକୁ ଦ୍ୱିଗୁଣିତ କରୁଛି। ଯେତେବେଳେ ଇଛା ସେତେବେଳେ ପାୱାରକଟ୍ ହେଉଛି। କେତେବେଳେ ସୂଚନା ଦେଇ ତ ଆଉ କେତେବେଳେ ବିନା ସୂଚନାରେ। ମରାମତି ଆଳରେ ଘଣ୍ଟା ଘଣ୍ଟା ଧରି ପାୱାରକଟ୍ ସହିତ ଲୋ-ଭୋଲଟେଜ୍ ସମସ୍ୟାରେ ସନ୍ତୁଳି ହୋଇଗଲେଣି କୁଆଖିଆ ବିଦ୍ୟୁତ ଡିଭିଜନ ଅଞ୍ଚଳର ବିଦ୍ୟୁତ ଗ୍ରାହକମାନେ। ପଚାରିଲେ କେହି ଉତ୍ତର ଦେବାକୁ ନାହାଁ। ତ୍ରୁଟିପୂର୍ଣ୍ଣ ବିଲ୍ ବାହାର କରିବା ଓ ଏହାକୁ ସଂଶୋଧନ ନ କରି ବିଲ୍ ଅର୍ଥ ଆଦାୟ କରିବାକୁ ଜୁଲମକରିବା, ଅକାରଣରେ ଜରିମାନା ଲଗାଇବା, ପ୍ରବଳ ଗରମରେ କୌଣସି କାରଣରୁ ବକେୟା ଥିବା ବିଲ୍ କିମ୍ବା ଜରିମାନା ଅର୍ଥ ଆଦାୟ କରିବାକୁ ଜୁଲମ କରିବା ନ ହେଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ଭଳି ଅଭିଯୋଗ ମଧ୍ୟ ହେଉଛି। ଏହିସବୁ ଅଭିଯୋଗକୁ ଆଧାର କରି ଆଜି କୁଆଖିଆ ବିଦ୍ୟୁତ ଡିଭିଜନ ଉପଭୋକ୍ତା କମିଟି ଓ କୁଆଖିଆ ଲାୟନ୍ସ କ୍ଲବ ପକ୍ଷରୁ ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉପଭୋକ୍ତା କମିଟି ସଭାପତି ପ୍ରହ୍ଲାଦ ପଣ୍ଡା ଓ ଲାୟନ୍ସ କ୍ଲବ୍ ସଭାପତି ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ଦୁଇଶହରୁ ଅଧିକ ଉପଭୋକ୍ତା ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାରର ଚୁକ୍ତି ବାତିଲ କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରସୁଲପୁର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଟାଟା ପାୱାର ଲୋକମାନଙ୍କୁ ହଇରାଣ କରୁଥିବା ବେଳେ ଆର୍ଥିକ ଶୋଷଣ କରୁଥିବାରୁ ଏହାର ଚୁକ୍ତି ବାତିଲ କରି ପୂର୍ବଭଳି ସରକାର ବିଦ୍ୟୁତ ବିତରଣ ଦାୟିତ୍ୱ ନେବାକୁ ଦାବି ହୋଇଛି। ପ୍ରଥମେ ଉପଭୋକ୍ତାମାନେ କୁଆଖିଆ ବଜାରରୁ ପଦଯାତ୍ରାରେ ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଉପଭୋକ୍ତାମାନଙ୍କର ଟାଟା ପାୱାର ଗୋ ବ୍ୟାକ୍ ନାରାରେ କୁଆଖିଆ ବଜାର ପ୍ରକମ୍ପିତ ହୋଇଥିଲା। ସମସ୍ୟାର ତତ୍କାଳ ସମାଧାନ ପାଇଁ ଏକ ୭ଦଫା ସମ୍ବଳିତ ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସୀତାଂଶୁ ଶତପଥୀ ଦାବିପତ୍ର ଗ୍ରହଣ କରିବା ସହ ଉପଭୋକ୍ତାମାନଙ୍କର ଉଚିତ ଦାବିଗୁଡ଼ିକ ପ୍ରତି ଧ୍ୟାନ ଦେଇ ଏହାକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ସମ୍ପାଦକ ଅମୂଲ୍ୟ କୁମାର ବରାଳ, କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ସାଂସଦଙ୍କ ରସୁଲପୁର ବ୍ଲକ ପ୍ରତିନିଧି ଦେବକାନ୍ତ ନାୟକ, ସମ୍ପାଦକ କୈଳାସ ଚନ୍ଦ୍ର ମଲିକ, ବରିଷ୍ଠ ସଦସ୍ୟ ଅରୁଣ କୁମାର ସାହୁ, ପ୍ରତିଷ୍ଠାତା ସଦସ୍ୟ ବାବୁଲି ସାହୁ, ମୁକୁନ୍ଦ ଦେବ ମହାନ୍ତି, ବଟକୃଷ୍ଣ ସାହୁ, ଲାଲମୋହ ନନ୍ଦୀ, ପ୍ରଦୀପ କୁମାର ସାମଲ, ରମେଶ ଚନ୍ଦ୍ର ପତି, ଦେବେନ୍ଦ୍ର ପାଢ଼ୀ, ଗଦାଧର ଦାସ, ଗୋବିନ୍ଦ ଦାସ, ଆନନ୍ଦ ସାହୁ, ପଞ୍ଚାନନ ରାଉତ, ଶିଶିର ପଣ୍ଡା, ଶ୍ରୀଧର ଦେ, ମାନସ ରଞ୍ଜନ ଆଚାର୍ଯ୍ୟ, ଅମର କୁମାର ସାହୁ, ସ୍ୱାଗତ ସାହୁ, ଶୁଭମଜିତ୍ ମିଶ୍ର, ରିତେଶ ରଣା, ସୌମ୍ୟସ୍ୱାଗତ ସେଠୀ, ଲକ୍ଷ୍ମୀଧର ପଣ୍ଡା, ମଦନ ମୋହନ ରାଉତ, ଦର୍ଶନ ପଣ୍ଡା, ସମରଜିତ ଗାରେଡ଼ିଆ, ଚୈତନ୍ୟ ସାମଲ, ସୂର୍ଯ୍ୟମଣି ମହାନ୍ତି, ବିଶ୍ୱନାଥ ମଲ୍ଲିକ, ଦେବାଶିଷ ନାୟକ, ଆଶୀର୍ବାଦ ସାହୁ, ସଞ୍ଜୟ ସାହୁ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଉପଭୋକ୍ତା ସାମିଲ ହୋଇଥିଲେ।

## ବିରଜା କ୍ଷେତ୍ର ବିକାଶ ପରିଷଦର ବାର୍ଷିକୋତ୍ସବ

**ଯାଜପୁର, ୧।୬(ସମିସ):** ବିରଜା କ୍ଷେତ୍ର ବିକାଶ ପରିଷଦର ୩୩ତମ ବାର୍ଷିକୋତ୍ସବ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସଭାପତି ତପନ ମହାରଣ୍ୟ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ବିରଜା କ୍ଷେତ୍ର ବିକାଶ ପରିଷଦର କାର୍ଯ୍ୟଧାରା ଆଗକୁ ବୃଦ୍ଧି କରିବା ସହିତ ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ରୂପେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଅନ୍ୟତମ ଅତିଥି ଭାବେ ପୂର୍ବତନ ସାଂସଦ ଅଞ୍ଚଳ ଦାସ ଯୋଗଦେଇ ଯାଜପୁରକୁ ରେଳ ସଂଯୋଗର ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଗମ୍ବର କର, ସନ୍ତୋଷ କୁମାର ନନ୍ଦ, ଦୀପ୍ତିରେଖା ମିଶ୍ର, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ରୂପେ ପଣ୍ଡିତ ଭୁପତି ଭୁଷଣ ମିଶ୍ର, ସମ୍ମାନିତ ବକ୍ତା ରୂପେ ଡ. ଜ୍ଞାନ ରଞ୍ଜନ ପତି ପ୍ରମୁଖ ଯୋଗଦେଇ ଏହି ରେଳ ପ୍ରକଳ୍ପ କାର୍ଯ୍ୟ ଯଥାଶିଘ୍ର ଶେଷ ହେଲେ ଏଠାକୁ ଲକ୍ଷ ଲକ୍ଷ ଯାତ୍ରୀ ଆସିବା ସହ ନାଭିଗୟାରେ ପିଣ୍ଡ ପ୍ରଦାନ, ବୈତରଣୀ ସ୍ନାନ, ମା' ବିରଜାଙ୍କ ମୁଖ ଦର୍ଶନ, ଅସ୍ଥି କ୍ଷେପଣ, ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣି ଦର୍ଶନ, ଭିତରକନିକା ପରିଭ୍ରମଣ କରିବା ସହିତ କଳିଙ୍ଗନଗରରୁ ଧାମରା ବନ୍ଦରକୁ ଖଣିଜ ପଦାର୍ଥ ସହ ବିଭିନ୍ନ ଦ୍ରବ୍ୟ ରପ୍ତାନୀ ହୋଇପାରିବ। ଏଣୁ ଏହି କାର୍ଯ୍ୟ ଯଥାଶିଘ୍ର ଶେଷ କରିବାକୁ ସରକାରଙ୍କ ଠାରେ ଅନୁରୋଧ କରିଥିଲେ। ଏହି ସଭାରେ ଅନୁଷ୍ଠାନର ସମ୍ପାଦକ କଳିଙ୍ଗ କେଶରୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ସ୍ଥଳେ ସନ୍ତୋଷ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ପରିଷଦ ପକ୍ଷରୁ ଏକ ପୁସ୍ତିକା 'ଯାଜପରକୁ ରେଳ ସଂଯୋଗ; ଏକ ଐତିହାସିକ ସଫଳତା' ସାଂସଦ ଉନ୍ମୋଚନ କରିଥିଲେ।

## ଭୁଲେଖ ବନ୍ଦୋବସ୍ତ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ୧।୬(ସମିସ):** ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଭୁଲେଖ ବନ୍ଦୋବସ୍ତର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକଙ୍କ ଅବସର ଗ୍ରହଣ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦାମୋଦର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ମୁଖ୍ୟବକ୍ତା ଭାବେ ବିରଜା ସଂସ୍କୃତି ଗବେଷକ ପଣ୍ଡିତ ଭୂପତି ଭୁଷଣ ମିଶ୍ର ଯୋଗ ଦେଇ ଶ୍ରୀଯୁକ୍ତ ମଲ୍ଲିକଙ୍କ କର୍ମମୟ ଜୀବନରେ ପ୍ରଶଂସା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ସମାଜସେବୀ ପଦ୍ମାକର ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ।

## ଗାନ୍ଧୀ ଆଗମନ ସ୍ମାରକୀ ପଦଯାତ୍ରା ଓ ଜନସଭା



**ବରୀ, ୧।୬(ସମିସ):** ଜାତିର ପିତା ମହାତ୍ମା ଗାନ୍ଧୀ ୧୯୩୪ ମସିହା ମେ' ମାସ ୩୦ ତାରିଖରେ ହରିଜନ ପଦଯାତ୍ରା କରି ବରୀ ଅନ୍ୟାସୀପୁର ଠାରେ ରାତ୍ରିଯାପନ କରିଥିଲେ। ଅରଙ୍ଗାବାଦ, ବାଗଦା, ବରୀ ମାଉଣ୍ଡ, ନୂଆଗାଁ ଆଦି ଅଞ୍ଚଳରେ ପଦଯାତ୍ରା କରି ସାହସପୁରର ଗୋବିନ୍ଦପୁର ଠାରେ ରାତ୍ରିଯାପନ କରିଥିଲେ। ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ବରୀ ପୂଜ୍ୟପୂଜା ପରିଷଦର ଆବାହକ ସମାଜସେବୀ ସତ୍ୟରଞ୍ଜନ କରଙ୍କ ନେତୃତ୍ୱରେ ବରୀ ବାଗଦା ବାମନଚନ୍ଦ୍ର ଦାସଙ୍କ ଚୌପାଢ଼ୀ ଠାରୁ ଆରମ୍ଭକରି ସାହାସପୁର ଗୋବିନ୍ଦପୁରର ଆମ୍ବତୋଟା ପର୍ଯ୍ୟନ୍ତ ଏକ ସ୍ମାରକୀ ପଦଯାତ୍ରା ବରୀ ପୂଜ୍ୟପୂଜା ପରିଷଦ ଦ୍ୱାରା ଆୟୋଜନ କରିବା ସହ ପଦଯାତ୍ରା କରିଥିଲେ। ଉକ୍ତ ପଦଯାତ୍ରା ପୂର୍ବରୁ ଚଳିତ ମାଟ୍ରିକ ପରୀକ୍ଷାରେ ଯାଜପୁର ଜିଲ୍ଲାର ଶ୍ରେଷ୍ଠ ଛାତ୍ର ଶୁଭମ ସାହୁ ଓ ବରୀ ବ୍ଲକର ଏ-୧ ଗ୍ରେଡ ରଖିଥିବା ଛାତ୍ରଛାତ୍ରୀ ବିଦୁସ୍ମିତା ସ୍ୱାଇଁ, ବିଶ୍ୱମୋହିତ ସାହୁ, ମଧୁସ୍ମିତା ସାହୁ, ଅମ୍ରିତା ମଲ୍ଲିକଙ୍କ ସହ ଯୁକ୍ତ ୨କଳାରେ ବରୀ ବ୍ଲକର ଶ୍ରେଷ୍ଠ ଛାତ୍ରୀ ଗୁଡୁଲୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ କୁଳମଣି ଶୁକ୍ଳ ଓ ଗ୍ଲୋବାଲ ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷ ଡାକ୍ତର ରାଜକିଶୋର ପଣ୍ଡା ଉକ୍ତ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। କୃଷକନେତା ଶେଷଦେବ ନନ୍ଦ, ଅହିଂସା ବିଚାର ଫାଉଣ୍ଡେସନର ସୀତାକାନ୍ତ ପଣ୍ଡା, ମହେଶ୍ୱର ପଲାଇ, ପ୍ରଶାନ୍ତ ବେହୁରିଆ, ଶରତ ଜେନା, ସାବିତ୍ରୀ ଦାଶ, ପଦନ କର, ଡ. ନୃସିଂହ ବେହେରା, ବ୍ରହ୍ମାନନ୍ଦ କର, ସ୍ନେହଲତା ଧଳ, ଅନିରୁଦ୍ଧ ମଲ୍ଲ, ମକରଧ୍ୱଜ ସାହୁ, ସରୋଜ ଦାଶ, ଚିତ୍ତରଞ୍ଜନ କର, ବୈଷ୍ଣବ ଚରଣ ଦାସ, ଚୈତନ୍ୟ ଚରଣ ଶାନ୍ତି, ଅଜୟ ରଥ, ବିବେକାନନ୍ଦ ନାଥ ପ୍ରମୁଖ ପଦଯାତ୍ରାରେ ଯୋଗଦେଇଥିଲେ। ବହୁ ସାମାଜିବ ଅନୁଷ୍ଠାନର କର୍ମକର୍ତ୍ତା ମାନେ ବିଭିନ୍ନ ଛକ ବଜାରରେ ପଦଯାତ୍ରାକୁ ସ୍ୱାଗତ କରିଥିବା ବେଳେ ସାହାସପୁର ପଞ୍ଚାୟତର ବୁଦ୍ଧିଜୀବୀ, ସମାଜସେବୀ, କୃଷକ ପ୍ରତିନିଧି ଏବଂ ଯୁବଗୋଷ୍ଠୀମାନେ ପଦଯାତ୍ରାକୁ ସ୍ୱାଗତ କରିବା ସହ ଏକ ସାଧାରଣ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ ସତ୍ୟରଞ୍ଜନ କର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ଗାନ୍ଧିବାଦୀ ପ୍ରହ୍ଲାଦ ସିଂ, ମୁଖ୍ୟବକ୍ତା ଭାବେ କୃଷକନେତା ଶେଷଦେବ ନନ୍ଦ, ସମ୍ମାନିତ ଅତିଥି ଭାବେ ଅହିଂସା ବିଚାର ଫାଉଣ୍ଡେସନ ଶ୍ରୀ ସୋମ, ବିକ୍ରମ ମହାପାତ୍ର ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ଆଭିମୁଖ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଉକ୍ତ ସଭାରେ ଅତିଥି ମାନଙ୍କୁ ପରିଷଦ ପକ୍ଷରୁ ଖଦିବସ୍ତ୍ର ପ୍ରଦାନ କରଯାଇଥିଲା।

## ବିଞ୍ଝାରପୁରରେ ନୂତନ ବିଡିଓଙ୍କ ଯୋଗଦାନ



**ବିଞ୍ଝାରପୁର, ୧।୬(ସମିସ):** ବିଞ୍ଝାରପୁର ବ୍ଲକର ନୂତନ ବିଡିଓ ଭାବେ ଛବିରାଣୀ ସାହୁ ସୋମବାର ଯୋଗଦାନ କରିଛନ୍ତି। ସେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇ ଶୁଭେଚ୍ଛା ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ବିଞ୍ଝାରପୁର ବ୍ଲକର ବିଡିଓ ପଦବୀ ପ୍ରାୟ ୭ ମାସ ଧରି ଖାଲି ପଡ଼ିଥିଲା। ଫଳରେ ବିଭିନ୍ନ ପ୍ରଶାସନିକ ଏବଂ ବିକାଶମୂଳକ କାର୍ଯ୍ୟର ସୁଚାରୁ ପରିଚାଳନାରେ କିଛି ସମସ୍ୟା ଦେଖାଦେଉଥିଲା। ନୂତନ ବିଡିଓଙ୍କ ଯୋଗଦାନ ପରେ ବ୍ଲକର ବିକାଶ କାର୍ଯ୍ୟକ୍ରମରେ ଅଧିକ ଗତି ଆସିବ ବୋଲି ସାଧାରଣ ଲୋକଙ୍କ ମଧ୍ୟରେ ଆଶା ଓ ଉତ୍ସାହ ପ୍ରକାଶ ପାଇଛି। ଦାୟିତ୍ୱ ଗ୍ରହଣ ପରେ ଶ୍ରୀମତୀ ସାହୁ ବ୍ଲକରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ସରକାରୀ ସେବାକୁ ଅଧିକ ଫଳପ୍ରଦ ଓ ଜନମୁଖୀ କରିବା ତାଙ୍କର ପ୍ରାଥମିକତା ରହିବ ବୋଲିକହିଛନ୍ତି।

## ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ; ଜଣେ ଗିରଫ

**ଧର୍ମଶାଳା, ୧।୬(ସମିସ):** ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ସାରୋଇ ନିକଟରେ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରୁଥିବା ଯୁବକଙ୍କୁ ଧର୍ମଶାଳା ପୁଲିସ ଆଜି ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ସକାଳେ ସାରୋ ଛକ ନିକଟରେ ଯୁବକ ଜଣକ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ସେମାନଙ୍କ ଠାରୁ ଲୁଟ୍ ଉଦ୍ୟମ ଚଳାଇଥିଲା। ଏନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ସହ ତାକୁ କାବୁ କରି ପୁଲିସ ଜିମ୍ମା ଦେଇଥିଲେ। ଧର୍ମଶାଳା ପୁଲିସ ତାକୁ ଥାନାକୁ ଆଣି ଅଟକ ରଖିବା ସହ ପଚରା ଉଚରା ଚଳାଇଥିଲା। ଯୁବକ ଜଣକ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ପୁରୁଣା ସ୍କୋୟାର ଅଞ୍ଚଳର ସୀମାଞ୍ଚଳ ରାଓଙ୍କ ପୁଅ ଆର୍ ଆଦିତ୍ୟ ରାଓ (୨୫) ବୋଲି ଜଣାପଡ଼ିଛି। ପଚରା ଉଚରା ଓ ତଦନ୍ତ ପରେ ଭୁବନେଶ୍ୱର ଅଞ୍ଚଳର ଏକାଧିକ ଥାନାରେ ଆଦିତ୍ୟ ନାମରେ ଏକାଧିକା ମାମଲା ରହିଥିବା ଜଣାପଡ଼ିଥିଲା। ଆଦିତ୍ୟ ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ବନ୍ଧୁକ ଦେଖାଇ ଲୁଟ କରି ଫେରାର ହୋଇଯାଉଥିଲା। ଏନେଇ ଧର୍ମଶାଳା ପୁଲିସ ୨୨୨/୨୬ରେ ଏକ ମାମଲା ରୁଜୁ କରି ଗିରଫ କରିବା ସହିତ ଆଜି ତାକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଧର୍ମଶାଳା ଥାନା ଏସଆଇ ତଥା ତଦନ୍ତକାରୀ ଅଧିକାରୀ ଦିଲିପ କୁମାର ଦେଉରୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ୨ ଆହତ

**କବାଟବନ୍ଧ, ୧।୬(ସମିସ):** ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଦ୍ୱୟଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର- ଦଳଗାଁ ଛକର ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ରାଇଛନ୍ଦା ପଞ୍ଚାୟତର ବାବୁଲି ମଲିକ ଏକ ସାଇକଲରେ ଦଳଗାଁ ଛକ ପଟରୁ ରାଜପଥ ଦେଇ ନିଜ ଘରକୁ ଫେରୁଥିବା ସମୟରେ କଳିଙ୍ଗନଗରରୁ ନିଜ ଡ୍ୟୁଟି ସାରି ଚକ୍ରଧରପୁର ପଞ୍ଚାୟତ କୁସୁନପୁର ଗ୍ରାମର ବିପିନ ମଲିକ ବିପରୀତ ଦିଗରୁ ମୋଟର ସାଇକଲରେ ଘରକୁ ଫେରୁଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ଉଭୟଙ୍କ ମଧ୍ୟରେ ଧକ୍କା ଲାଗିଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆ ଯାଇଥିଲା।

## ବିଦ୍ୟୁତ୍ ଆଘାତରେ ଗାଈ ମୃତ

**ସିଂହପୁର, ୧।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଏକ ଗାଈ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ଗାଈଟି ଆଜି ସକାଳେ ଚରିବାକୁ ଯାଇଥିବା ବେଳେ ସ୍ଥାନୀୟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟ ଆର୍ଥି ତାର ଲାଗି ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁଁ ଗାଈର ମୃତ୍ୟୁ ହେଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସ୍ଥାନଟି କଭର କରି ନ ଥିବାରୁ ଏପରି ଅଘଟଣ ଘଟିଛି। ପୂର୍ଣ୍ଣଚନ୍ଦ୍ରଙ୍କୁ ସରକାରୀ ସହାୟତା ଦେବାକୁ ଦାବି ହୋଇଛି।

## ୬ ବାଲି ହାଇୱା ଜବତ

**ପାଣିକୋଇଲି, ୧।୬(ସମିସ):** ପାଣିକୋଇଲି ଥାନା ଅଞ୍ଚଳ ଦେଇ ପ୍ରତ୍ୟେହ ଶହ ଶହ ହାଇୱାରେ ଚୋରା ବାଲି ଚାଲାଣ କରାଯାଉଛି। ପାଣିକୋଇଲି ପୁଲିସ ରବିବାର ରାତ୍ରି ପାଟ୍ରୋଲିଂ ସମୟରେ ଯାଉଥିବା ବାଲି ଗାଡି ଗୁଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ସେମାନଙ୍କ ମଧ୍ୟରୁ ୬ଟି ବାଲିଗାଡ଼ି କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସେ ଗାଡ଼ି ଗୁଡିକୁ ଧରି ଥାନାକୁ ଆଣିଥିଲା। କୋରେଇ ରୋଡରୁ ଗୋଟିଏ ଓ କରଦା ଛକରୁ ୫ଟି ହାଇୱାଜବତ କରିଥିଲା। ଜବତ ହାଇୱା ଗୁଡିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ସଦଳବଳେ ଏହି ଚଢାଉରେ ସାମିଲ ହୋଇଥିଲେ।

## ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**କୁଆଖିଆ, ୧।୬(ସମିସ):** ଦୁର୍ଘଟଣାରେ ସ୍ୱାମୀ ସମ୍ମୁଖରେ ଚାଲିଗଲା ସ୍ତ୍ରୀର ଜୀବନ। କୁଆଖିଆ ଥାନା ୧୬ନଂ ଜାତୀୟ ରାଜପଥ ମୂଳାପାଳ ଛକ ନିକଟରେ ଘଟିଛି ଏହି ଦୁର୍ଘଟଣା। ବାଇକ୍‌ରେ ସ୍ୱାମୀ ସ୍ତ୍ରୀ ଯାଜପୁରରୋଡ଼ରୁ ଜାରକା ଅଭିମୁଖେ ଆସୁଥିବା ବେଳେ ୧୬ନଂ. ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ଏକ ଟ୍ରକ୍ ସାଇଡ ମାରିଥିଲା। ଫଳରେ ଭାରସାମ୍ୟ ହରାଇ ସ୍ୱାମୀ ସ୍ତ୍ରୀ ଗାଡିରୁ ଖସି ପଡ଼ିଥିଲେ। ଏହି ସମୟରେ ଟ୍ରକଟି ମହିଳାଙ୍କ ଉପରେ ମାଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ଯାଜପୁର ଡୋଲୀପୁର ଅଞ୍ଚଳର ସମୀରଙ୍କ ପତ୍ନୀ ଗୁଲାବସାହା ଖାତୁନ। କୁଆଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଧର୍ମଶାଳା, ୧।୬(ସମିସ):** ଧର୍ମଶାଳା ଥାନା ବୌଦ୍ଧ କୀର୍ତ୍ତିରାଜି ସମ୍ପନ୍ନ ତରାପୁର ପାହାଡ଼ରେ ଆଜି ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଯୁବକ ଯଖପୁରା ଥାନା ଅସନମାଳି ଗ୍ରାମର ସ୍ୱର୍ଗତ ଭଗବାନ ସିଂହଙ୍କ ପୁଅ ଭବାନୀ ପ୍ରସାଦ ସିଂ(୨୭) ବୋଲି ଜଣାପଡ଼ିଛି। ଆଜି ସେ ତରାପୁର ପାହାଡକୁ ଆସି ସେଠାରେ ହଠାତ ଗୁରୁତର ହାଇପଡ଼ିଥିଲେ। ତାଙ୍କ ସହିତ ଥିବା ଅନ୍ୟ ଦୁଇଜଣ ଯୁବକ ସଂଗେ ସଂଗେ ତାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାର ଡାକ୍ତର ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କର ସନ୍ଦେହ ଜନକ ମୃତ୍ୟୁକୁ ନେଇ ଡାକ୍ତର ଧର୍ମଶାଳା ପୁଲିସକୁ ଖବର କରିଥିଲେ। ପୁଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତ ଯୁବକଙ୍କ ସାଙ୍ଗରେ ଆସିଥିବା ଦୁଇଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି।

## ବିଜେଡିର ୧୯ ନଂ ଜୋନ୍ ସଭାପତି ହେଲେ ରଶ୍ମିରଞ୍ଜନ

କୁନ୍ଦଳ, ୧।୬(ସମିସ): ବଡ଼ଚଣା ବ୍ଲକ ବିଜୁ ଜନତା ଦଳର ବ୍ଲକ ଓ ଜୋନ ସ୍ତରୀୟ ନୂତନ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଛି। ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କୁମାର ମହାପାତ୍ରଙ୍କ ଅନୁମୋଦନ କ୍ରମେ ବଡ଼ଚଣା ନିର୍ବାଚନ ମଣ୍ଡଳୀ ୧୯ ନଂ ଜିଲ୍ଲା ପରିଷଦ ଜୋନ ସଭାପତି ଭାବେ ରଶ୍ମିରଞ୍ଜନ ବଳଙ୍କୁ ନିଯୁକ୍ତି ମିଳିଥିବା ବଡ଼ଚଣା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ସଭାପତି ତାପସ ଚନ୍ଦ୍ର ରାୟ ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଥିବା ଜଣାପଡ଼ିଛି।

## ଶିକ୍ଷୟିତ୍ରୀ ଆଶାଲତା ସାମଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବରୀ, ୧।୬(ସମିସ):** ଅଭିମନ୍ୟୁ ବାଲିଆଠାରେ ଥିବା ସାମନ୍ତସିଂହାର ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଆଶାଲତା ସାମଲ ଆଜି ତାଙ୍କ ସରକାରୀ ଚାକିରି ଜୀବନରୁ ଅବସର ନେଇଛନ୍ତି। ଏ ନେଇ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବରୀ ଉପଶିକ୍ଷାମଣ୍ଡଳ ଅଧିକାରୀ ସଂଯୁକ୍ତା ମିଶ୍ର, ରସୁଲପୁର ଶିକ୍ଷା ମଣ୍ଡଳର ଉପ ଶିକ୍ଷା ମଣ୍ଡଳ ଅଧିକାରୀ ପଣ୍ଡିତ ଡ. ପ୍ରଭଞ୍ଜନ ପତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ପଣ୍ଡିତ ରବୀନ୍ଦ୍ର କୁମାର ପତି, ଶିକ୍ଷକ ନେତା ଦିଲ୍ଲୀପ କୁମାର ଦାସ, ସିଆର୍‌ସିସି ପ୍ରତାପ ଚନ୍ଦ୍ର ସାହୁ, ଶିକ୍ଷାବିତ ଭରତ ଚନ୍ଦ୍ର ଜେନା, ସମାଜସେବୀ ତଥା ସାମ୍ବାଦିକ ଚୈତନ୍ୟ ଚରଣ ଜେନା, ପଞ୍ଚସଖା ଶିକ୍ଷା ସେତୁର ସଭାପତି ବିପିନ ବିହାରୀ ଦାସ, ଶିକ୍ଷାବିତ ବସନ୍ତ କୁମାର ଜେନା, ପରିଚାଳନା କମିଟି ସଭାପତି କାଦମ୍ବିନୀ ଜେନା ପ୍ରମୁଖ ଯୋଗଦାନ କରିଥିବା ବେଳେ ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ବିଶ୍ୱବନ୍ଦିତା ଦାସ ସଭାରେ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ସାମଲଙ୍କ ଅବସର ତାଙ୍କ ଅନୁଷ୍ଠାନ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା ଯୋଗଦେଇ ଆଶା ଦିଦି ଏହି ଗୌରବମୟ ବିଦ୍ୟାଳୟର ଜଣେ ମାଇଲଖୁଣ୍ଟ ଥିଲେ ବୋଲି ପ୍ରକାଶ କରିଥିଲେ। ତେବେ ଅନୁଷ୍ଠାନର ଶିକ୍ଷକ କର୍ଣ୍ଣକୁମାର ଜେନା, ଗିରିବାଳା ସାହୁ, ସୁଦାମ ଚରଣ ଜେନା, ଶୁଭେନ୍ଦୁ ଦାସ, ମହେଶ୍ୱର ମହାନ୍ତ, ସ୍ୱାଗତିକା ମହାପାତ୍ର, ବର୍ଷା ସାହୁ, ପ୍ରଣତୀ ପ୍ରିୟଦର୍ଶିନୀ, ଜ୍ୟୋତି ରଞ୍ଜନ ସାମଲ, ତାରାକାନ୍ତ ମଲିକ ପ୍ରମୁଖ ଶିକ୍ଷକ ଶିକ୍ଷିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଅନୁଷ୍ଠାନ ଏନ୍‌ସିସି ୱିଙ୍ଗ ଛାତ୍ରଙ୍କ ସହିତ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରି ନିଜର ପ୍ରିୟ ଗୁରୁମାଆଙ୍କୁ ଅବସରକାଳୀନ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଶେଷରେ ସ୍ୱର୍ଣ୍ଣଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଷାଗାର ଅଧିକାରଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

**ଯାଜପୁର, ୧।୬(ସମିସ):** ଯାଜପୁର ଜିଲ୍ଲା କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ରଙ୍କ ବିରୋଧରେ ନାନା ଅଭିଯୋଗ ଆସିଛି। ଅଧସ୍ତନ କର୍ମଚାରୀଙ୍କୁ ଦୁର୍ବ୍ୟବହାର, ଅଶ୍ଳୀଳ ଗାଳିଗୁଲଜ ଓ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ସେ ଗତ କିଛି ମାସ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ନିୟମିତ ଅଫିସ ଆସୁନଥିଲେ। ଆଜି ସେ ପ୍ରାୟ ୧ ମାସ ପରେ ଅଫିସକୁ ଆସିଥିବା ବେଳେ ନିଜର ବାଇଓମେଟ୍ରିକ ଅପଡେଟ କରିବାକୁ ଅଧସ୍ତନ କର୍ମଚାରୀଙ୍କୁ ବାଧ୍ୟ କରିଥିଲେ। କାର୍ଯ୍ୟାଳୟର ବରିଷ୍ଠ ସହାୟକ ବ୍ରହ୍ମାନନ୍ଦ ନାଥଶର୍ମା ଏଭଳି ବେଆଇନ କାର୍ଯ୍ୟ କରିବାକୁ ମନା କରିବାକୁ ତାଙ୍କୁ ଆକ୍ରମଣ ସହିତ ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦରେ ଟ୍ରେଜେରି ଅଫିସର ଅନ୍ୟ କର୍ମଚାରୀମାନେ ଏକତ୍ରିତ ହୋଇ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ବିଞ୍ଝାରପୁର ବିଜେପିରେ ତୀବ୍ର ହେଉଛି ଗୋଷ୍ଠୀକନ୍ଦଳ



**ଯାଜପୁର, ୧।୬(ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଥି?ବା ବେଳେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେପିର ଡବଲ ଇଞ୍ଜିନ ସଂଗଠନ ଚାଲିଥିବା ଚର୍ଚ୍ଚା ହେଉଛି। ବିଜେପି ସଂଗଠନରେ ରହିଥିବା ଗୋଷ୍ଠୀ କନ୍ଦଳ ପାଇଁ ଦୁଇଟି ଗୋଷ୍ଠୀ ସମାନ୍ତରାଳ ଭାବେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ସରଗରମ କରିଛି। ବିଞ୍ଝାରପୁର ବିଜେପିର ବିଧାୟିକା ପ୍ରାର୍ଥୀ ବବିତା ମଲ୍ଲିକ ଓ ନିର୍ବାଚନ ମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆଙ୍କ ସହ ନୂଆ ଦାୟିତ୍ୱ ନେଇଥିବା ଜିଲ୍ଲା ଉପସଭାନେତ୍ରୀ ପ୍ରଭାତୀ ସାହୁ ଓ କମୋଲିନି ସାହୁଙ୍କ ମଧ୍ୟରେ ବିବାଦ ଏବେ ଚରମସୀମାରେ ପହଞ୍ଚିଛି। ବିଗତ ବିଧାନସଭା ନିର୍ବାଚନରେ ବବିତା ମଲ୍ଲିକ ବିଜେପି ପ୍ରାର୍ଥୀ ଭାବେ ଲଢ଼ି ବିଜେଡିର ପ୍ରମିଳା ମଲ୍ଲିକଙ୍କଠାରୁ ହାରିଥିଲେ। ହେଲେ ରାଜ୍ୟରେ ବିଜେପି ସରକାର ଗଢ଼ିବା ପରେ ଅନେକ ସରକାରୀ କାର୍ଯ୍ୟରେ ବବିତା ମଲ୍ଲିକଙ୍କୁ ଦେଖିବାକୁ ମିଳୁଛି। ନିର୍ବାଚନମଣ୍ଡଳୀର ସଂଯୋଜକ ଦାୟିତ୍ୱରେ ଥିବା ନିରଞ୍ଜନ ବେହୁରିଆ ପୁରୁଖା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରୁଥିବା ଅଭିଯୋଗ ଆଣି ପୁରୁଖା କର୍ମୀମାନେ ବବିତାଙ୍କ ବିରୋଧରେ ଏକାଠି ହୋଇଛନ୍ତି। ଜିଲ୍ଲା କମିଟି ଘୋଷଣା ପରେ ପ୍ରଭାତୀ ସାହୁ ଓ କମୋଲିନି ସାହୁ ଦାୟିତ୍ୱ ନେବା ମାତ୍ରେ ଏହି କନ୍ଦଳ ଉଗ୍ର ରୂପ ନେଇଛି। ଗତକାଲି ଥାଳକୁଡ଼ି କଲ୍ୟାଣ ମଣ୍ଡପରେ ବବିତା ମଲ୍ଲିକ ଓ ନିରଞ୍ଜନ ବେହୁରିଆଙ୍କ ବିରୋଧରେ ଶତାଧିକ ପୁରୁଖା କାର୍ଯ୍ୟକର୍ତ୍ତା ପ୍ରଭାତୀ ସାହୁ, କମୋଲିନି ସାହୁ, ଗୋପୀନାଥ ଜେନା, ହଳଦୀଡ଼ିହ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଅଜୟ ବେହେରା ଏକାଠି ହୋଇଥିବାର ଦେଖିବାକୁ ମିଳିଥିଲା। କର୍ମୀ ସମାବେଶ ନାଁରେ ହୋଇଥିବା ଏହି ବୈଠକରେ କ୍ଷମତା କନ୍ଦଳ ସାମ୍ନାକୁ ଆସିଛି। ଏପରି ଗୋଷ୍ଠୀ କନ୍ଦଳ ଯୋଗୁଁ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ନିଜେ ନିଜ ପାଦରେ କୁରାଢ଼ି ମାରିବ, ଆଉ ଏହାର ଫାଇଦା ବିଜେଡି ଉଠାଇବ ବୋଲି ଚର୍ଚ୍ଚା ହେଉଛି।

# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶାନେଇ,
ଆଜିର ଜୀବନ ବଂଚିବା ଶିଖ !
-ଆଲବର୍ଟ ଆଇନଷ୍ଟାଇନ

ସକାଳ
THE SAKALA

## ଏକ ଯଥାର୍ଥ ଆନ୍ଦୋଳନ

ଐତିହାସିକ ଓ ପୌରାଣିକ ଗୁରୁତ୍ୱ ବହନ କରୁଥିବା ଦକ୍ଷିଣ ଓଡ଼ିଶାର ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉଦ୍ୟମ ପ୍ରଶଂସନୀୟ। ଇକୋ ଟୁରିଜିମ୍ ଓ ରାମାୟଣ କରିଡର ଆଳରେ ବିରଳ ଖଣିଜ ଓ ଜୈବ ବିବିଧତାପୂର୍ଣ୍ଣ ମହେନ୍ଦ୍ରଗିରିକୁ ଯେଭଳି ବିପଦ ମୁହଁକୁ ଠେଲି ଦିଆଯାଇଛି ସେହ ଧାରା ଜାରି ରହିଲେ ଖୁବ୍‌ଶୀଘ୍ର କେରଳର ୱାଇନାଡ୍ ଭଳି ସ୍ଥିତି ଓଡ଼ିଶାରେ ସୃଷ୍ଟି ହେବ ଏବଂ ପୃଥିବୀ ପୃଷ୍ଠରୁ ଏକ ଜୈବ ବିବିଧତାପୂର୍ଣ୍ଣ ଅଞ୍ଚଳ ଖୁବ୍‌ଶୀଘ୍ର ବିଲୁପ୍ତ ହୋଇଯିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ପୃଷ୍ଠଭୂମିରେ ଏହି ସ୍ଥାନୀୟ ଜନ ଆନ୍ଦୋଳନ ଅନେକ ଗୁରୁତ୍ୱ ବହନ କରେ।

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବାତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନଷ୍ଟ କରିଚାଲିଛି।

ରାଜ୍ୟ ସରକାରଙ୍କ ଇକୋ ଟୁରିଜିମ୍‌ର ବିକାଶ ଫଳରେ ଏବେ ସେଠାରେ ରାଜ୍ୟସ୍ତରୀୟ ମହୋତ୍ସବମାନ ନିୟମିତ ଆୟୋଜିତ ହେଉଛି। ଧନାଢ୍ୟଙ୍କ ମନୋରଞ୍ଜନ ଓ ପ୍ରମୋଦ କିନ୍ତୁ ମହେନ୍ଦ୍ରଗିରିର ପ୍ରାକୃତିକ ଅବସ୍ଥିତି ପ୍ରତି ବିପଦ ସୃଷ୍ଟି କରୁଛି। ଏହାର ପ୍ରତିରୋଧ ଓ ମହେନ୍ଦ୍ରଗିରିର ସୁରକ୍ଷା ସ୍ଥାନୀୟ ଜନଜାତିଙ୍କ ସହଯୋଗ ବିନା ସମ୍ଭବ ନୁହେଁ। ଓଡ଼ିଶାର ସୌଭାଗ୍ୟ ଯେ ବିଳମ୍ବରେ ହେଲେ ମଧ୍ୟ ସ୍ଥାନୀୟ ଜନଜାତି ଏ ସମ୍ପର୍କରେ ଚେତିଛନ୍ତି ଏବଂ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମହେନ୍ଦ୍ରଗିରିରେ ଶିଖରରେ ଚାଲିଥିବା ଅନୈତିକ ଖନନ, ନିର୍ମାଣ କାର୍ଯ୍ୟ, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିୟମର ଖୋଲାଖୋଲି ଉଲ୍ଲଂଘନ ସହ ବନ ବିଭାଗର ମନମୁଖି କାର୍ଯ୍ୟକଳାପ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏଥିସହିତ ଜୁନ୍ ୧ରୁ ୯ ପର୍ଯ୍ୟନ୍ତ ହେବାକୁ ଥିବା 'ମହେନ୍ଦ୍ର ମେଳା'କୁ ବିରୋଧ କରିଛନ୍ତି। ମହେନ୍ଦ୍ରଗିରି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ, ମହେନ୍ଦ୍ରଗିରି ପୂଜା କମିଟି (ବାରଘର)ର ପୁରୋହିତ ସଦସ୍ୟ ଏବଂ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚର ଶତାଧିକ ମହିଳା ଓ ପୁରୁଷ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୩ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରି କହିଛନ୍ତି ଯେ ମହେନ୍ଦ୍ରଗିରି କେବଳ ଏକ ପାହାଡ଼ ନୁହେଁ, ଏହା ଅନାଦି କାଳରୁ ଆଦିବାସୀ ସମ୍ପ୍ରଦାୟର ବିଶ୍ୱାସ, ପ୍ରାଚୀନ ଐତିହ୍ୟ, ସଂସ୍କୃତି, ପରମ୍ପରା, ବଂଶ ପ୍ରଥା, ସାମାଜିକ ପ୍ରଥା ଏବଂ ଆଧ୍ୟାତ୍ମିକ ପରିଚୟ ସହିତ ଗଭୀର ଭାବରେ ଜଡ଼ିତ। ଅଥଚ ଏବେ ବିଭିନ୍ନ ମାଫିଆ, ଦଲାଲ ଏବଂ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଆଦିବାସୀଙ୍କୁ ସେମାନଙ୍କ ପୈତୃକ ଘରୁ ବଳପୂର୍ବକ ବିସ୍ଥାପିତ କରୁଛନ୍ତି ଏବଂ ସେମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏଣୁ ତୁରନ୍ତ ଏହାର ପ୍ରତିକାର ପାଇଁ ସେମାନେ ଦାବି କରିଛନ୍ତି।

ମହେନ୍ଦ୍ରଗିରିର ବିରଳ ପ୍ରାକୃତିକ ସମ୍ପଦ ଜମି ମାଫିଆ ଓ ଲାଭଖୋର ଶିଳ୍ପପତିଙ୍କ ହାତକୁ ଚାଲିଯିବା ପୂର୍ବରୁ ସ୍ଥାନୀୟ ଜନଜାତିଙ୍କ ଆନ୍ଦୋଳନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। ଆଦିବାସୀଙ୍କ ଏହି ଦାବିକୁ ଅଣଦେଖା କଲେ ହୁଏତ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେଇପାରେ। ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ।

## ସ୍ୱାଧୀନ ଦେଶର ନିରବ ବନ୍ଦୀ

**ଡ ପଦ୍ମଲୋଚନ ରାଉତ**

ସ୍ୱାଧୀନତାର ଅର୍ଥ କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ; ନିଜ ଜୀବନ, ନିଜ ପରିଶ୍ରମ ଓ ନିଜ ଅଧିକାର ଉପରେ ନିଜର ନିୟନ୍ତ୍ରଣ ରହିବା। କିନ୍ତୁ ଆଜିର ସମୟରେ ସାଧାରଣ ନାଗରିକଙ୍କ ମନରେ ଏକ ପ୍ରଶ୍ନ ଉଠୁଛି ଆମେ ସତରେ କେତେଦୂର ସ୍ୱାଧୀନ? ଗତ ଏକଦଶକରୁ ଅଧିକ ସମୟ ଧରି ଦେଶର ସାଧାରଣ ଲୋକ ଦୈନନ୍ଦିନ ଜୀବନରେ ବିଭିନ୍ନ ନିୟମ, କଟକଣା ଓ ଅର୍ଥନୈତିକ ଚାପର ମଧ୍ୟରେ ବଞ୍ଚୁଛନ୍ତି। ଜଣେ ମଧ୍ୟବିତ୍ତ କିମ୍ବା ଗରିବ ପରିବାର ନିଜ ଝିଅର ବିବାହ ପାଇଁ ସୁନା କିଣିବାକୁ ଗଲେ ମଧ୍ୟ ଅନେକ ନିୟମ ଓ ଅର୍ଥନୈତିକ ଚାପର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରେ ଜମା ଥିବା ନିଜ ପରିଶ୍ରମର ଟଙ୍କା ଉଠାଇବାକୁ ଯାଇ ମଧ୍ୟ ସାଧାରଣ ଲୋକଙ୍କୁ ବହୁ ସମୟରେ ଅସୁବିଧା ଭୋଗିବାକୁ ପଡୁଛି। ଏହା ଜନମନରେ ଏକ ଅସୁବିଧାଜନକ ପ୍ରଶ୍ନ ସୃଷ୍ଟି କରୁଛି ଯେ ଯେଉଁ ଟଙ୍କା ଜଣେ ନାଗରିକ ନିଜ ପରିଶ୍ରମରେ ଉପାର୍ଜନ କରିଛି, ସେହି ଟଙ୍କା ବ୍ୟବହାର କରିବାର ସ୍ୱାଧୀନତା ମଧ୍ୟ ଆଜି ସୀମିତ ହୋଇଯାଇଛି?

ଆଜି ସବୁଠି ଲାଇନ୍, ଅପେକ୍ଷା ଓ ଅସହାୟତାର ଚିତ୍ର ଦେଖାଯାଉଛି। ପେଟ୍ରୋଲ ଓ ଡିଜେଲ ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍, ରନ୍ଧନ ଗ୍ୟାସ ପାଇଁ ଚିନ୍ତା, ବ୍ୟାଙ୍କରେ ଟଙ୍କା ବଦଳେଇବା କିମ୍ବା ଉଠାଇବା ପାଇଁ ଅସୀମ ଭିଡ଼, ପିଇବା ପାଣି ପାଇଁ ଲୋକଙ୍କ ହାହାକାର, ଡାକ୍ତରଖାନାରେ ଚିକିତ୍ସା ପାଇଁ ଲମ୍ବା ପ୍ରତୀକ୍ଷା - ଏହିସବୁ ଦୃଶ୍ୟ ଆଜି ସାଧାରଣ ଜୀବନର ଅଂଶ ହୋଇଯାଇଛି। ଜଣେ ସାଧାରଣ ଲୋକ ନିଜ ଜୀବନର ମୌଳିକ ଆବଶ୍ୟକତା ପାଇଁ ମଧ୍ୟ ଆଜି ସଂଘର୍ଷ କରିବାକୁ ବାଧ୍ୟ ହେଉଛି। ଏହି ପରିସ୍ଥିତି ସାଧାରଣ ଜନତାଙ୍କ ମନରେ ଗଭୀର ଅସନ୍ତୋଷ ଓ ହତାଶା ସୃଷ୍ଟି କରୁଛି। ସବୁଠି ଅକଥନୀୟ ଦୁର୍ଦ୍ଦଶାର ଚିତ୍ର। ଜନଜୀବନରେ ଅନିଶ୍ଚିତତା ବଢୁଛି ଏବଂ ଲୋକମାନେ ନିଜକୁ ଅସହାୟ ଭାବୁଛନ୍ତି। ଦିନରାତି ପରିଶ୍ରମ କରିଥିବା ଲୋକ ଯେତେବେଳେ ନିଜ ପରିବାରର ମୌଳିକ ଆବଶ୍ୟକତା ମଧ୍ୟ ସହଜରେ ପୂରଣ କରିପାରୁନାହାନ୍ତି, ସେତେବେଳେ ସମାଜରେ କ୍ଷୋଭ ଓ ନିରାଶା ବଢ଼ିବା ସ୍ୱାଭାବିକ। ଅନେକ ସ୍ଥାନରେ ଲୋକ ନିର୍ଯାତନା ଓ ଅବ୍ୟବସ୍ଥାରେ ଅତିଷ୍ଠ ହୋଇ 'ତ୍ରାହି ତ୍ରାହି' ଡାକୁଛନ୍ତି।

ଏହାସହିତ ଅନେକ ଲୋକଙ୍କ ମନରେ ଏହି ଭାବନା ମଧ୍ୟ ଜନ୍ମ ନେଉଛି ଯେ, ସାଧାରଣ ଲୋକଙ୍କ ପାଇଁ ଏକ ନିୟମ ଓ ଶକ୍ତିଶାଳୀ ଶ୍ରେଣୀ ପାଇଁ ଅନ୍ୟ ନିୟମ ଚାଲୁଛି। ଯେଉଁଠାରେ ଜନସାଧାରଣ ଦୈନନ୍ଦିନ ଜୀବନର ଖର୍ଚ୍ଚ ସମ୍ଭାଳିବା ପାଇଁ ଲଢୁଛନ୍ତି, ସେଠାରେ ରାଜନୈତିକ କ୍ଷମତାର କେନ୍ଦ୍ରରେ ଥିବା ଲୋକଙ୍କ ଆଡ଼ମ୍ବରପୂର୍ଣ୍ଣ ଜୀବନ, ବଡ଼ ବଡ଼ ରୋଡ୍ ଶୋ, ଅତ୍ୟଧିକ ସରକାରୀ ବ୍ୟୟ ଓ ବିଦେଶ ଗସ୍ତ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି। ଲୋକମାନେ ଭାବୁଛନ୍ତି ଯଦି ଦେଶର ଅର୍ଥନୀତି ସାଧାରଣ ଲୋକଙ୍କ ଉପରେ କଟକଣା ଲାଗୁ କରୁଛି, କ୍ଷମତାରେ ଥିବା ଲୋକଙ୍କ ଜୀବନରେ ସେହି ସଂଯମ କାହିଁକି ଦେଖାଯାଉନାହିଁ? ଗଣତନ୍ତ୍ରରେ ସରକାର ହେଉଛି ଜନତାଙ୍କ ପ୍ରତିନିଧି, ମାଲିକ ନୁହେଁ। ନାଗରିକଙ୍କ ଟିକସ ଟଙ୍କାରେ ଚାଲୁଥିବା ଶାସନ ବ୍ୟବସ୍ଥାର ପ୍ରଥମ କର୍ତ୍ତବ୍ୟ ହେଉଛି ଜନତାଙ୍କ ପ୍ରତ ଉତ୍ତରଦାୟୀ ରହିବା। କିନ୍ତୁ ଯେତେବେଳେ ସାଧାରଣ ଲୋକ ପ୍ରଶ୍ନ କରନ୍ତି ଏବଂ ସେହି ପ୍ରଶ୍ନକୁ ଅସହିଷ୍ଣୁତା କିମ୍ବା ଅସନ୍ତୋଷ ଭାବେ ଦେଖାଯାଏ, ସେତେବେଳେ ଗଣତନ୍ତ୍ରର ମୂଳ ଆତ୍ମା ଦୁର୍ବଳ ହୋଇଯାଏ।

ଅନେକ ଲୋକ ଏହା ମଧ୍ୟ ଅନୁଭବ କରୁଛନ୍ତି ଯେ, ଏପରି ଯନ୍ତ୍ରଣା, ଅବ୍ୟବସ୍ଥା ଓ ନିରବ ଶୋଷଣରୁ ମୁକ୍ତି ପାଇବା ପାଇଁ ସମାଜରେ ଏକ ନୂଆ ସଚେତନତାର ଆବଶ୍ୟକତା ରହିଛି। ଏହି 'ଚେତନାସଂଗ୍ରାମ' କୌଣସି ହିଂସା କିମ୍ବା ଅସହିଷ୍ଣୁତାର ଆହ୍ୱାନ ନୁହେଁ; ଏହା ହେଉଛି ସଚେତନ ନାଗରିକତା, ଗଣତାନ୍ତ୍ରିକ ଅଧିକାର ଓ ଉତ୍ତରଦାୟୀ ଶାସନ ପାଇଁ ଏକ ନୈତିକ ଆହ୍ୱାନ। ପ୍ରଶ୍ନ କରିବା କୌଣସି ଅପରାଧ ନୁହେଁ। ବରଂ ଏହା ଏକ ସଚେତନ ନାଗରିକର ଅଧିକାର ଓ କର୍ତ୍ତବ୍ୟ। ଜଣେ ସାଧାରଣ ଲୋକ ଯଦି ନିଜ ପରିଶ୍ରମର ଟଙ୍କା, ନିଜ ଜୀବନର ସୁରକ୍ଷା ଓ ନିଜର ଭବିଷ୍ୟତକୁ ନେଇ ପ୍ରଶ୍ନ କରେ, ତାହା ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା। କାରଣ ଏହି ଦେଶ କୌଣସି ଏକ ଦଳ, ଏକ ନେତା କିମ୍ବା ଏକ କ୍ଷମତାଶାଳୀ ଶ୍ରେଣୀର ପୈତୃକ ସମ୍ପତ୍ତି ନୁହେଁ; ଏହା ଦେଶର କୋଟି କୋଟି ସାଧାରଣ ଲୋକଙ୍କ ପରିଶ୍ରମ, ସଂଘର୍ଷ ଓ ତ୍ୟାଗରେ ଗଢ଼ା।

ଆଜି ଆବଶ୍ୟକ ଦ୍ୱନ୍ଦ୍ୱ ନୁହେଁ, ବରଂ ସଚେତନତା। ଆବଶ୍ୟକ ଅନ୍ଧ ଭକ୍ତି ନୁହେଁ, ବରଂ ଯୁକ୍ତି ଓ ପ୍ରଶ୍ନ। କାରଣ ଯେତେବେଳେ ଜନତା ନିଜର ଅଧିକାର, ନିଜର ଶକ୍ତି ଓ ନିଜର ଗଣତାନ୍ତ୍ରିକ ଦାୟିତ୍ୱକୁ ବୁଝିପାରିବେ, ସେତେବେଳେ ହିଁ ଏକ ସତ୍ୟ, ସ୍ୱାଧୀନ ଓ ଉତ୍ତରଦାୟୀ ରାଷ୍ଟ୍ର ଗଢ଼ିଉଠିବ। ପ୍ରତ୍ୟେକ ଯୁଗରେ ସମାଜ କୌଣସି ନା କୌଣସି ସଙ୍କଟର ସମ୍ମୁଖୀନ ହୋଇଛି। ପ୍ରତ୍ୟେକ ସଙ୍କଟରୁ ମୁକ୍ତି ପାଇଁ ଲୋକଙ୍କୁ ସଂଗ୍ରାମ କରିବାକୁ ପଡ଼ିଛି। ଭାରତର ସ୍ୱାଧୀନତା ସଂଗ୍ରାମ ମଧ୍ୟ ସେହିପରି ଏକ ଐତିହାସିକ ଲଢ଼େଇ ଥିଲା, ଯେଉଁଠାରେ ଲକ୍ଷ ଲକ୍ଷ ଲୋକ ଅନ୍ୟାୟ ଓ ଶୋଷଣ ବିରୋଧରେ ଏକତ୍ର ହୋଇଥିଲେ। ଆଜି ପୁଣିଥରେ ସମୟ ଆସିଛି ଏକ ନୂଆ ମୁକ୍ତି ସଂଗ୍ରାମର। କିନ୍ତୁ ଏହି ସଂଗ୍ରାମ ବିଦେଶୀ ଶାସକ ବିରୋଧରେ ନୁହେଁ; ଏହା ଭୟ, ଅନ୍ୟାୟ, ଭ୍ରଷ୍ଟାଚାର, ଅନ୍ଧଭକ୍ତି ଓ ମିଥ୍ୟା ଅପପ୍ରଚାର ବିରୋଧରେ। ଏହି ନୂଆ ସଂଗ୍ରାମର ସବୁଠାରୁ ବଡ଼ ଶକ୍ତି ହେଉଛି ସଚେତନତା। ଯେତେବେଳେ ଜନତା ପ୍ରଶ୍ନ କରିବା ଆରମ୍ଭ କରନ୍ତି, ସେତେବେଳେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ। ଅନ୍ଧ ଭକ୍ତି କେବେ ମଧ୍ୟ ଦେଶକୁ ଉନ୍ନତିର ପଥରେ ନେଇଯାଇପାରେ ନାହିଁ। ସଚେତନ ନାଗରିକ ହିଁ ଏକ ସୁସ୍ଥରାଷ୍ଟ୍ରର ମୂଳ ଆଧାର।

ଏହି ସଂଗ୍ରାମରେ ଅସ୍ତ୍ର ହେବ ଶିକ୍ଷା, ଲେଖନୀ, ଚିନ୍ତା, ସତ୍ୟ ଓ ଗଣତାନ୍ତ୍ରିକ ପ୍ରତିବାଦ। ଛାତ୍ର, ଯୁବକ, ଚାଷୀ, ଶ୍ରମିକ, ନାରୀ ଓ ସାଧାରଣ ନାଗରିକ ସମସ୍ତଙ୍କ ଏହି ଜାଗରଣରେ ଭୂମିକା ଅଛି। କାରଣ ଗଣତନ୍ତ୍ର କେବଳ ସରକାରର ନୁହେଁ; ଏହା ଜନତାଙ୍କ ସକ୍ରିୟ ଭାଗିଦାରୀରେ ବଞ୍ଚିଥାଏ। ଯୁବପିଢ଼ି ଏହି ପରିବର୍ତ୍ତନର ସବୁଠାରୁ ବଡ଼ ଆଶା। ଇତିହାସର ପ୍ରତ୍ୟେକ ବଡ଼ ପରିବର୍ତ୍ତନରେ ଯୁବଶକ୍ତି ଅଗ୍ରଣୀ ଭୂମିକା ନେଇଛି। ଆଜି ମଧ୍ୟ ଯଦି ଯୁବସମାଜ ନିଜର ଶକ୍ତିକୁ ଚିହ୍ନିପାରେ, ସତ୍ୟ ଓ ନ୍ୟାୟ ପାଇଁ ସ୍ୱର ଉଠାଇପାରେ ଦେଶର ଭବିଷ୍ୟତ ନିଶ୍ଚୟ ବଦଳିପାରିବ। ଏହି ନୂଆ ଚେତନାସଂଗ୍ରାମ କୌଣସି ଏକ ଦଳ କିମ୍ବା ବ୍ୟକ୍ତି ବିରୋଧରେ ନୁହେଁ; ବରଂ ଏ ଦେଶକୁ ପୁଞ୍ଜିପତିଙ୍କ ହାତରେ ଟେକି ଦେଉଥିବା ଭ୍ରଷ୍ଟାଚାରୀ ସ୍ୱାର୍ଥପର ବ୍ୟବସ୍ଥା ଓ ଚିନ୍ତାଧାରା ବିରୋଧରେ, ଯାହା ମଣିଷକୁ ଭାଗ କରେ, ଭୟଭୀତ କରେ ଓ ନିରବ କରି ରଖେ। ଏହି ଚେତନାସଂଗ୍ରାମ ସଂବିଧାନ, ଗଣତନ୍ତ୍ର ଓ ମଣିଷତ୍ୱକୁ ବଞ୍ଚାଇ ରଖିବାର ଆହ୍ୱାନ।

ସମୟ ଆସିଛି ନିଜକୁ ପଚାରିବାର ଆମେ କି ନିରବ ଦର୍ଶକ ହୋଇ ରହିବୁ, ନା ସତ୍ୟ ଓ ନ୍ୟାୟର ପକ୍ଷରେ ଦୃଢ଼ ହୋଇ ଠିଆ ହେବୁ? କାରଣ ପରିବର୍ତ୍ତନ ସେତେବେଳେ ଆସେ, ଯେତେବେଳେ ସାଧାରଣ ଲୋକ ନିଜର ନିରବତା ଭାଙ୍ଗି ସଚେତନ ହୋଇ ଉଠନ୍ତି। ଆଜି ଆବଶ୍ୟକ ଏକ ନୂଆ ବ୍ୟବସ୍ଥା, ଯେଉଁଠି ଜନତା ନିଜର ଅଧିକାରକୁ ଚିହ୍ନିବେ, ମିଥ୍ୟାବାଦୀ ଓ ଛଦ୍ମବେଶୀଙ୍କ ଅସଲ ସ୍ୱରୂପ ଜାଣିବେ, ଶାସନ ନିଜର ଦାୟିତ୍ୱକୁ ବୁଝିବ ଏବଂ ଗଣତନ୍ତ୍ର ପୁନର୍ବାର ଗଣଙ୍କ ପାଖକୁ ଫେରିଆସିବ। କାରଣ ଦେଶ କେବେ ମଧ୍ୟ କୌଣସି କ୍ଷମତାଶାଳୀର ପୈତୃକ ସମ୍ପତ୍ତି ନୁହେଁ। ଏହା କୋଟି କୋଟି ଶ୍ରମଜୀବୀ ଲୋକଙ୍କ ରକ୍ତ ଓ ପରିଶ୍ରମରେ ଗଢ଼ା ଏକ ଜୀବନ୍ତ ଗଣତନ୍ତ୍ର। ଯେଉଁଦିନ ଜନତା ଭୟକୁ ଭାଙ୍ଗି, ନିରବତାକୁ ଛାଡ଼ି, ସତ୍ୟ ପାଇଁ ସ୍ୱର ଉଠାଇବେ ସେଦିନଠାରୁ ଆରମ୍ଭ ହେବ ଏକ ନୂଆ ଜାଗରଣ, ଏକ ନୂଆ ଗଣତନ୍ତ୍ର ଏବଂ ଏକ ସତ୍ୟ ସ୍ୱାଧୀନ ଭାରତ। ଯେଉଁଦିନ ଜନତା ଭୟକୁ ଜିତି ପ୍ରଶ୍ନ କରିବା ଆରମ୍ଭ କରିବେ, ସେଦିନଠାରୁ ଆରମ୍ଭ ହେବ ନୂଆ ଚେତନାର ସ୍ୱାଧୀନତା ସଂଗ୍ରାମ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୬୮୦୯୧୩୦୦

## ଛାତ୍ର ଆତ୍ମହତ୍ୟା: ଏକ ସାମାଜିକ କଳଙ୍କ

**ବିଦ୍ୟାଧର ମହାରଣା**

ପ୍ରତି ପିତାମାତା ଚାହାନ୍ତି ସେମାନଙ୍କର ପିଲାମାନେ ଭଲ ପଢ଼ି ଉଚ୍ଚ ଚାକିରିରେ ଅଧିଷ୍ଠିତ ହୁଅନ୍ତୁ। କିନ୍ତୁ ଆଜିର ଶିକ୍ଷା ବ୍ୟବସ୍ଥା ବହୁ ସମସ୍ୟା ଦେଇ ଗତି କରୁଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିକ୍ଷାରେ ପ୍ରଶ୍ନପତ୍ର ବିକ୍ରି ଏକ ସାଧାରଣ ଘଟଣା ହେଲାଣି। ଏଣୁ ଛାତ୍ରଛାତ୍ରୀମାନେ ଅତ୍ୟଧିକ ମାନସିକ ଚାପରେ ଜୀବନଯାପନ କରୁଛନ୍ତି। ପରୀକ୍ଷାର ଚାପ, ଅଭିଭାବକଙ୍କ ଅତ୍ୟଧିକ ଆଶା, ବେରୋଜଗାରୀର ଭୟ, ସାମାଜିକ ତୁଳନା ଏବଂ ମନୋସ୍ୱାସ୍ଥ୍ୟ ସମସ୍ୟା ଆଜିର ଯୁବପିଢ଼ିକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏହାର ଭୟାବହ ପରିଣାମ ହେଉଛି ଛାତ୍ର ଆତ୍ମହତ୍ୟା ବୃଦ୍ଧି। ଭାରତର ଜାତୀୟ ଅପରାଧିକ ତଥ୍ୟ ବ୍ୟୁରୋ(ଏନ୍‌ସିଆରବି) ୨୦୨୪ ରିପୋର୍ଟ ଅନୁସାରେ ଦେଶରେ ୧୪, ୪୮୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି, ଯାହା ୨୦୨୩ ଅପେକ୍ଷା ପ୍ରାୟ ୪.୩% ଅଧିକ। ଏହି ସଂଖ୍ୟା ଦେଶର ସମୁଦାୟ ଆତ୍ମହତ୍ୟା ଘଟଣାର ୮.୫%। ନିକଟରେ 'ନିଟ୍' ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ପରେ କେତେକ ଛାତ୍ର ଆତ୍ମହତ୍ୟା କରିଥିବା ଖବର ମିଳିଛି। ମୋଟାମୋଟି ଗତ ଦଶବର୍ଷରେ ଛାତ୍ର ଆତ୍ମହତ୍ୟାର ହାର ପ୍ରାୟ ୮୦% ବୃଦ୍ଧି ପାଇଛି। ୨୦୧୪ ମସିହାରେ ଏହି ସଂଖ୍ୟା ୮, ୦୬୮ ଥିଲା, ଯାହା ୨୦୨୪ରେ ୧୪, ୪୮୮ କୁ ବଢ଼ିଛି।

ଏପରି ଅତ୍ୟନ୍ତ ଚିନ୍ତାଜନକ ପରିସ୍ଥିତି ପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଆଜିର ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷାରେ ମାର୍କ ଓ ରାଙ୍କିଙ୍ଗ ଉପରେ ଅଧିକ ମୂଲ୍ୟ ଦିଆଯାଉଛି। ଛାତ୍ରମାନେ ନିଜ ରୁଚି ଓ ସୃଜନଶୀଳତାକୁ ହରାଇ କେବଳ ପରୀକ୍ଷାମୁଖୀ ହୋଇପଡୁଛନ୍ତି। ଅନେକ ଅଭିଭାବକ ନିଜ ସନ୍ତାନଙ୍କ ଉପରେ ଆଇଏସ, ଡାକ୍ତର, ଇଞ୍ଜିନିୟର ହେବା ପାଇଁ ଅଧିକ ମାର୍କ ଆଣିବା ପାଇଁ ଚାପ ପକାନ୍ତି। ସେମାନେ ବହୁ ଅର୍ଥ ବ୍ୟୟ କରି ଘରୋଇ କୋଚିଙ୍ଗ କେନ୍ଦ୍ରରେ ନାମ ଲେଖନ୍ତି। ଏହାଫଳରେ ଛାତ୍ରମାନେ ଅଧିକ ଚାପଗ୍ରସ୍ତ, ଭୟ, ଅସଫଳତା ଓ ହୀନମନ୍ୟତାର ଶିକାର ହୁଅନ୍ତି। ଦ୍ୱିତୀୟତଃ, ଫେସବୁକ, ଇନ୍‌ଷ୍ଟାଗ୍ରାମ ଆଦି ସାମାଜିକ ଗଣମାଧ୍ୟମରେ ଛାତ୍ରମାନେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମାନସିକ ସ୍ତରରେ ଅସ୍ଥିର ହୋଇପଡୁଛନ୍ତି। ଅନଲାଇନ ବୁଲିଙ୍ଗ ଓ ଏକାକୀପଣ ମଧ୍ୟ ସେମାନଙ୍କ ମନୋବଳକୁ ଆହୁରି ଦୁର୍ବଳ କରୁଛି। ଏନ୍‌ସିଆରବି ତଥ୍ୟ ଅନୁସାରେ ପାରିବାରିକ ସମସ୍ୟା ମଧ୍ୟ ଆତ୍ମହତ୍ୟାର ପ୍ରମୁଖ କାରଣ ଭାବେ ଚିହ୍ନଟ ହୋଇଛି। ଓଡ଼ିଶାରେ ୨୦୨୪ ମସିହାରେ ୫, ୭୯୧ ଆତ୍ମହତ୍ୟା ଘଟଣା ରେକର୍ଡ ହୋଇଥିଲା, ଯାହାର ଅଧିକାଂଶ ପାରିବାରିକ ଓ ମାନସିକ ସମସ୍ୟା ସହ ଜଡ଼ିତ ଥିଲା।

ବେସରକାରୀ କୋଚିଂ ସେଣ୍ଟରଗୁଡ଼ିକ ଆଜିର ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ହୋଇପଡ଼ିଛି। ସେଠାରେ ଅତ୍ୟଧିକ ପ୍ରତିଯୋଗିତାମୂଳକ ପରିବେଶ, ମାନସିକ ଚାପ ଓ ବ୍ୟାବସାୟିକ ମନୋଭାବ ଛାତ୍ରଛାତ୍ରୀଙ୍କୁ ଗଭୀର ଅବସାଦକୁ ଠେଲିଦେଉଛି। ଫଳସ୍ୱରୂପ କେତେକ ଛାତ୍ର ଆତ୍ମହତ୍ୟା ଭଳି ପଦକ୍ଷେପ ନେଉଛନ୍ତି। କୋଚିଂ ସେଣ୍ଟରରେ ପ୍ରତିଦିନ ଦୀର୍ଘ ସମୟ ପଢ଼ା, ପରୀକ୍ଷା, ରାଙ୍କିଙ୍ଗ ଓ ମାର୍କ ନେଇ ଚାପ ଛାତ୍ରମାନଙ୍କୁ ମାନସିକ ଭାବେ କ୍ଳାନ୍ତ କରିଦେଇଥାଏ। ଅନେକ ସଂସ୍ଥା କେବଳ ଶ୍ରେଷ୍ଠ ରାଙ୍କିଙ୍ଗ ଆଣିବାକୁ ଲକ୍ଷ୍ୟ କରେ, ଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟକୁ ନୁହେଁ। କୋଚିଂ ସେଣ୍ଟରମାନେ ପ୍ରାୟତଃ ଛାତ୍ରମାନଙ୍କ ମଧ୍ୟରେ ଅସ୍ୱସ୍ତିକର ପ୍ରତିଯୋଗିତା ସୃଷ୍ଟି କରନ୍ତି। ଟପର ତାଲିକା, ଅଲଗା ବ୍ୟାଚ୍ ଓ ସର୍ବସାଧାରଣ ସମ୍ମୁଖରେ ତୁଳନା କରିବା ଦ୍ୱାରା ଦୁର୍ବଳ ଛାତ୍ରମାନେ ନିଜକୁ ଅଯୋଗ୍ୟ ଭାବିବାକୁ ଲାଗନ୍ତି। ଏହା ତାଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗିଦେଇଥାଏ। ଅଭିଭାବକମାନେ ଅଧିକ ଟଙ୍କା ଖର୍ଚ୍ଚ କରୁଥିବାରୁ ଛାତ୍ରମାନେ ଫଳାଫଳ ନେଇ ଅଧିକ ଭୟରେ ରହନ୍ତି। ସେମାନେ ଭାବନ୍ତି ଯଦି ସଫଳ ହେବେ ନାହିଁ, ତେବେ ପରିବାରକୁ ନିରାଶ କରିବେ। ଏହି ଭୟ ଧୀରେ ଧୀରେ ଅବସାଦର ରୂପ ନେଇଥାଏ।

ମଧ୍ୟବିତ୍ତ ପରିବାରର ପିଲା ବହୁ ଆଶା ନେଇ ରାଜସ୍ଥାନର କୋଟା ସହରକୁ ଦଉଡନ୍ତି। ଘରୋଇ କୋଚିଂ କେନ୍ଦ୍ର ଯେପରି ଏକ କୁହୁକ ପେଡ଼ି। ତ୍ୱରିତ ସ୍ମରଣ ନିମନ୍ତେ ସଂକ୍ଷିପ୍ତ ସାର, ନିର୍ଦ୍ଧାରିତ ପ୍ରଶ୍ନ ଓ ଉତ୍ତର ଇତ୍ୟାଦି ଛାତ୍ରମାନଙ୍କ ଏକଲା ପଣିଆକୁ ଦୃଢ଼ୀଭୂତ କରେ। ଛାତ୍ରମାନେ ଥରେ ବା ଦୁଇଥର ଅସଫଳ ହେଲେ ଚାପଗ୍ରସ୍ତ ହୋଇ ପଡ଼ନ୍ତି ଏବଂ ଶେଷ ରାସ୍ତା ବାଛିବାକୁ ବାଧ୍ୟ ହୁଅନ୍ତି। ଅନେକ କୋଚିଂ ସେଣ୍ଟରରେ କାଉନସେଲିଂ ବା ମାନସିକ ସହାୟତା ବ୍ୟବସ୍ଥା ନଥାଏ। ଛାତ୍ରମାନେ ନିଜ ଚିନ୍ତା, ଭୟ କିମ୍ବା ଅସଫଳତା ବିଷୟରେ କାହା ସହ କଥାହେବାର ସୁଯୋଗ ପାଆନ୍ତି ନାହିଁ। କେତେକ କୋଚିଂ କେନ୍ଦ୍ରରେ ଭିତ୍ତିଭୂମି ଅଧିକ ନୈରାଶ୍ୟଜନକ, ଯାହାକି ଛାତ୍ରମାନଙ୍କ ମନରେ ଅବସାଦ ଆଣିଥାଏ। କିଛିଦିନ ତଳେ ଦିଲ୍ଲୀରେ ଏକ କୋଚିଂ ସେଣ୍ଟର ମଧ୍ୟରେ ଅଚାନକ ବର୍ଷା ଜଳ ପ୍ରବେଶ କରି କେତେକ ଛାତ୍ରଙ୍କ ଜୀବନ ନେଇଥିଲା।

ଏହି ସମସ୍ୟାର ପ୍ରତିକାର ପାଇଁ ସମାଜର ଏକ ଗୁରୁଦାୟିତ୍ୱ ରହିଛି। ସମାଜ, ପରିବାର ଓ ଶିକ୍ଷାନୁଷ୍ଠାନକୁ ସାମୂହିକ ଭାବେ ଏହି ସମସ୍ୟାର ସମାଧାନ ପାଇଁ କାମ କରିବାକୁ ପଡ଼ିବ। ପ୍ରଥମେ, ପରିବାରରେ ସକାରାତ୍ମକ ପରିବେଶ ଗଢ଼ିଉଠିବା ଆବଶ୍ୟକ। ଅଭିଭାବକମାନେ ସନ୍ତାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଗଢ଼ିବା ଉଚିତ। ତାଙ୍କ ମନର କଥା ଶୁଣିବା, ଭୁଲକୁ କ୍ଷମା କରିବା ଓ ସେମାନଙ୍କୁ ଆତ୍ମବିଶ୍ୱାସ ଦେବା ଦରକାର। ଦ୍ୱିତୀୟତଃ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାଉନସେଲିଂ ବ୍ୟବସ୍ଥା ଅନିବାର୍ଯ୍ୟ କରାଯିବା ଉଚିତ। ସରକାରୀ ଶିକ୍ଷାନୁଷ୍ଠାନରେ ଅଭିଜ୍ଞ ଶିକ୍ଷକ ଓ ଉତ୍ତମ ଶିକ୍ଷା ବାତାବରଣ ଥିଲେ ଛାତ୍ରମାନେ କାହିଁକି ଘରୋଇ କୋଚିଂ ପସନ୍ଦ କରିବେ? ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ମନୋବିଜ୍ଞାନୀ ଓ ପରାମର୍ଶଦାତା ଥିବା ଆବଶ୍ୟକ। ଛାତ୍ରମାନଙ୍କୁ କେବଳ ପାଠ୍ୟପୁସ୍ତକ ନୁହେଁ, ଜୀବନ ଦକ୍ଷତା, ଭାବନା ନିୟନ୍ତ୍ରଣ ଓ ଚାପ ପରିଚାଳନା ଶିଖାଇବା ପାଇଁ ସେମାନେ ଅଧିକ ତତ୍ପରତାର ସହ କାମ କରିବା ଆବଶ୍ୟକ। ତୃତୀୟତଃ, ସରକାରଙ୍କ ପକ୍ଷରୁ ଯୁବମାନଙ୍କ ମନୋସ୍ୱାସ୍ଥ୍ୟ ପାଇଁ ଅଧିକ ସଚେତନତା ଅଭିଯାନ ଆୟୋଜିତ ହେବା ଆବଶ୍ୟକ। ହେଲ୍ପଲାଇନ, ମାଗଣା ପରାମର୍ଶ ଓ ମାନସିକ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କ ପାଇଁ ସହଜ ହେବା ଦରକାର।

ଶେଷରେ କୁହାଯାଇପାରେ ଯେ ଛାତ୍ର ଆତ୍ମହତ୍ୟା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ମାନବ ସମାଜ ପାଇଁ ଏକ ଚେତାବନୀ। ଦେଶର ପ୍ରତ୍ୟେକ ଛାତ୍ରର ଜୀବନ ଅତୀବ ମୂଲ୍ୟବାନ। ସମୟ ଉପଯୋଗୀ ସହଯୋଗ, ସ୍ନେହ ଓ ସଠିକ୍ ମାର୍ଗଦର୍ଶନ ଦିଆଗଲେ ଅନେକ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରିବ। ତେଣୁ ଆମେ ସମସ୍ତେ ମିଳିମିଶି ଏକ ସୁସ୍ଥ, ଭୟମୁକ୍ତ ଓ ଛାତ୍ରବନ୍ଧୁ ସମାଜ ଗଢ଼ିବାକୁ ଆଗେଇ ଆସିବା ଆବଶ୍ୟକ। ସରକାର ମଧ୍ୟ ଘରୋଇ କୋଚିଂ ସେଣ୍ଟରଗୁଡ଼ିକର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ସରକାରୀ କୋଚିଂ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ଜାତୀୟ ଶିକ୍ଷା ନୀତି ୨୦୨୦ ଛାତ୍ର ଆତ୍ମହତ୍ୟା କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। କିନ୍ତୁ ଏହାର ସଫଳତା ନୀତିର ଠିକ୍ ରୂପାୟନ ଉପରେ ନିର୍ଭର କରିବ।

ଭୁବନେଶ୍ୱର, ମୋ: ୯୪୩୭୦ ୭୧୧୯୦

## ବାରମାସୀ ଧାନ

### ବିଜ୍ଞାନ ବାର୍ତ୍ତା

**ଶ୍ରୀନନ**

ପୃଥିବୀର ଅର୍ଦ୍ଧାଧିକ ଲୋକଙ୍କୁ ଖାଦ୍ୟ ଯୋଗାଇଥାଏ ଧାନ। ବିଗତ ହଜାର ହଜାର ବର୍ଷ ଧରି ଚାଷ ହୋଇ ଆସୁଛି ଏହାର ପ୍ରାୟ ୪୦ ହଜାର କିସମ। ଏହା ଏକ ଋତୁଗତ ଫସଲ। ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଋତୁରେ ଏହାକୁ ଚାଷ କରାଯାଏ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ପରେ ସେଥିରୁ ଶସ୍ୟ ଉତ୍ପାଦନ କରାଯାଏ। ତତ୍ପରେ ଗଛଟି ମୃତ୍ୟୁବରଣ କରେ। ଆମ ଦେଶରେ ତିନୋଟି ଋତୁରେ ତିନି ଶ୍ରେଣୀର ଧାନ ଚାଷ ହୁଏ। ସେଗୁଡ଼ିକ ହେଲା ଖରିଫ, ରବି ଓ ଡାଲୁଆ। ତାହା ଭିନ୍ନ ଭିନ୍ନ ପରିମାଣରେ ତାପମାତ୍ରା, ଦିବସର ଆଲୋକ, ଜଳ ଆଦି ଆବଶ୍ୟକ କରିଥା'ନ୍ତି। ଅନ୍ୟପକ୍ଷରେ କେତେକ ଜଙ୍ଗଲୀ କିସମର ଧାନ ଅଛନ୍ତି, ଯେଉଁଗୁଡ଼ିକ ବର୍ଷବର୍ଷ ଧରି ବଞ୍ଚି ରହନ୍ତି ଏବଂ ବାରମ୍ବାର ଫୁଲ ଫଳ ଧାରଣ କରନ୍ତି। ଅବଶ୍ୟ ଏଗୁଡ଼ିକ କମ ଉତ୍ପାଦନକ୍ଷମ। କେତେକ ବିଶେଷ ଜିନ୍‌ର କ୍ରିୟାଶୀଳତା ଏମାନଙ୍କୁ ଦୀର୍ଘଜୀବନ ପ୍ରଦାନ କରିଥାଏ। ନିକଟରେ କୃଷି ବିଜ୍ଞାନୀମାନେ ସେଗୁଡ଼ିକର ସନ୍ଧାନ ପାଇଛନ୍ତି। ତାହାକୁ ବ୍ୟବହାର କରି ସେମାନେ ଚାଷ ହେଉଥିବା ଋତୁଗତ ଧାନକୁ ଦୀର୍ଘଜୀବୀ ଅର୍ଥାତ୍ ବାରମାସୀ କରିବାରେ ସଫଳତା ହାସଲ କଲେଣି।

ଏହି ବିସ୍ମୟକୁ ବାସ୍ତବରେ ପରିଣତ କରିଛନ୍ତି 'ଚାଇନିଜ୍ ଏକାଡେମୀ ଅଫ୍ ସାଇନସେସ୍'ର 'ସେଣ୍ଟର ଫର୍ ଏକ୍ସଲେନ୍ସ ଇନ ମଲିକ୍ୟୁଲାର ପ୍ଲାଣ୍ଟ ସାଇନସେସ୍'ରେ କାର୍ଯ୍ୟରତ କିଛି ଗବେଷକ। ସେମାନେ ଏଥିପାଇଁ ଦୀର୍ଘଜୀବୀ ବା ତଥାକଥିତ ବାରମାସୀ ହୋଇଥିବା ୪୪୬ ଟି ବିଭିନ୍ନ କିସମର ଜଙ୍ଗଲୀ ଧାନକୁ ବିଶ୍ଳେଷଣ କରିଛନ୍ତି। ଏଗୁଡ଼ିକଠାରେ ବାରମ୍ବାର ଡାଳପତ୍ର କଅଁଳୁଥିଲା ଏବଂ ସେଥିରେ ନୂଆ ହୋଇ ଫୁଲ ଫଳ ଧରୁଥିଲା। ଏ ପ୍ରକ୍ରିୟା ଚାଲୁ ରହୁଥିଲା ବର୍ଷ ବର୍ଷ ଧରି। ଉପରୋକ୍ତ ଗବେଷକମାନେ ଏହି କିସମଗୁଡ଼ିକୁ ଦୀର୍ଘଜୀବୀ କରୁଥିବା ଜିନ୍‌ଗୁଡ଼ିକୁ ଆବିଷ୍କାର କରିବାକୁ ଚାଷ ହେଉଥିବା ଋତୁଗତ ଧାନ ସହିତ ଏହାର ଜଙ୍ଗଲୀ ସଂପର୍କୀୟମାନଙ୍କ ସଙ୍କର ପ୍ରଜନନ କରାଇଲେ। ଏଥିରୁ ଜାତ ସଙ୍କର ବିହନଗୁଡ଼ିକରେ ରହିଲା ଉଭୟ ଶ୍ରେଣୀର ଜିନ୍‌ମାନଙ୍କର ମିଶ୍ରଣ। ପୁନଶ୍ଚ ସେଗୁଡ଼ିକୁ ବାରମ୍ବାର ଚାଷ ହେଉଥିବା ଋତୁଗତ ଧାନ ସହିତ ପ୍ରଜନନ କରାଇ ସେମାନେ ଜିନ୍‌ର କେଉଁ ଅଂଶ ଜଙ୍ଗଲୀଧାନକୁ ବର୍ଷ ବର୍ଷ ଧରି ବଞ୍ଚି ରହିବାର ଦକ୍ଷତା ପ୍ରଦାନ କରେ ତାହା ଚିହ୍ନଟ କରିପାରିଲେ। ପୁନଶ୍ଚ ସେମାନେ କିଛି ସଙ୍କର କିସମ ମଧ୍ୟ ଆବିଷ୍କାର କଲେ, ଯାହାକି ଋତୁଗତ ଚାଷ ହେଉଥିବା ଧାନ ଭଳି ଦେଖାଯାଏ; ଅଥଚ ଜଙ୍ଗଲୀଧାନ ଭଳି ବାରମ୍ବାର ଡାଳପତ୍ର କଅଁଳାଇ ଫୁଲ ଧରେ।

ଏହି ସଙ୍କରଜାତ ବିହନଗୁଡ଼ିକରେ ଏଥିପାଇଁ ଦାୟୀ ହେଉଥିବା ଜିନ୍‌ର ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକ ମଧ୍ୟ ସେମାନେ ଚିହ୍ନଟ କରି ପାରିଲେ ଏବଂ ତାହାର ନାମ ଦେଲେ 'ଏଣ୍ଡଲେସ୍ ବ୍ରାଞ୍ଚେସ୍ ଆଣ୍ଡ ଟିଲରସ୍ - ୧'(ଇବିଟି-୧)। ସେଠାରେ ଥାଏ ଦୁଇଟି ସୂକ୍ଷ୍ମ ଆର୍‌ଏନ୍‌ଏ ଅଣୁ। ଏହାପରେ ଗବେଷକମାନେ ଜଙ୍ଗଲୀ ଧାନର ଇବିଟି୧କୁ ଅକ୍ଷମ କରି ଏହାର ଭୂମିକା ନିଶ୍ଚିତ କରିବାକୁ ଚେଷ୍ଟା କଲେ। ଫଳରେ ଏଗୁଡ଼ିକ ନୂତନ ଡାଳପତ୍ର ଓ ଫୁଲ ଫଳ ଧାରଣ କରିବାର ସାମର୍ଥ୍ୟ ହରାଇଲା। ଅନ୍ୟପକ୍ଷରେ ଚାଷ ହେଉଥିବା ଋତୁଗତ ଧାନରେ ଇବିଟି୧ ଯୋଗ କରିବାରୁ ଏହାର ଜୀବନଚକ୍ର ପୁନଃ ନିର୍ଦ୍ଧାରିତ ହେଲା ଏବଂ ଏହା ବାରମ୍ବାର ଡାଳପତ୍ର ଓ ଫୁଲ ଫଳ ଧାରଣ କରିବାକୁ ଲାଗିଲା। ଅତଏବ ତାହା ପରିଣତ ହେଲା ବାରମାସୀ କିସମରେ।

ଗବେଷକମାନଙ୍କ ମତରେ ଏହି ଆବିଷ୍କାର ଫଳରେ ଚାଷ ହେଉଥିବା ଋତୁଗତ ଧାନକୁ ଦୀର୍ଘଜୀବୀ କରିବାର ବାଟ ଖୋଲିବ। ଅତଏବ ତାହାକୁ ପ୍ରତ୍ୟେକ ଋତୁରେ ବାରମ୍ବାର ଚାଷ କରିବାକୁ ପଡ଼ିବ ନାହିଁ। ଫଳରେ ଧାନଚାଷ ଶସ୍ତା ଓ ସହଜ ହେବା ସଙ୍ଗେ ସଙ୍ଗେ ପରିବେଶ ସହାୟକ ମଧ୍ୟ ହେବ। ପୁନଶ୍ଚ କ୍ରମେ ଏ ପ୍ରକ୍ରିୟାକୁ ଅନ୍ୟାନ୍ୟ ଶସ୍ୟ ଓ ଫସଲକୁ ମଧ୍ୟ ସଂପ୍ରସାରିତ କରାଯାଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରେବ ନଦୀ କୂଳରୁ ଉଦ୍ଧାର ମୃତ ମହିଳାଙ୍କ ହତ୍ୟାକାରୀ ସ୍ୱାମୀ ଗିରଫ

# ଅଭିଯୁକ୍ତକୁ ନେଇ ସିନ୍ ରିକ୍ରିଏସନ କଲା ପୁଲିସ

ଭଦ୍ରକ/ତିହିଡ଼ି/ଦୋଳସାହି,୧୬(ସମିସ)





**ପରକୀୟା ପ୍ରୀତି ହତ୍ୟାର କାରଣ !**

ତିହିଡ଼ି ଥାନା ଅଧୀନ ବୋଡକ ପଞ୍ଚାୟତ ଅଧୀନ ରେବ ନଦୀ କୂଳରୁ ଗତ ମେ' ୨୯ ତାରିଖ ସକାଳେ କବିତା ବେହେରା(୩୫) ନାମ୍ନୀ ଜନୈକା ମହିଳାଙ୍କ ଜରିରେ ବନ୍ଧା ହୋଇଥିବା ମୃତଦେହ ପୁଲିସ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପତ୍ନୀଙ୍କ ଚରିତ୍ରକୁ ନେଇ ସ୍ୱାମୀ ସନ୍ଦେହ କରୁଥିଲେ। ଏହାକୁ ନେଇ ଅଧିକାଂଶ ସମୟ ଦମ୍ପତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ପତ୍ନୀକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା ସ୍ୱାମୀ ପ୍ରଫୁଲ୍ଲ। ଗତ ମେ' ୨୮ ତାରିଖ ରାତିରେ ସ୍ୱାମୀ ଏଥିରେ ସଫଳ ହେବାପରେ ସ୍ତ୍ରୀର ମୃତଦେହକୁ ନିଜ ଭାଇ ସହାୟତାରେ ଏକ ବାଇକ୍‌ରେ ନେଇ ରେବ ନଦୀ କୂଳରେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ପ୍ରଫୁଲ୍ଲକୁ ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେଙ୍କ ସହଯୋଗରେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଗିରଫ କରିଥିଲେ। ସୋମବାର ମଧ୍ୟାହ୍ନରେ ଅଭିଯୁକ୍ତ ପ୍ରଫୁଲ୍ଲ ବେହେରାକୁ ଘଟଣାସ୍ଥଳକୁ ନେଇ ତିହିଡ଼ି ପୁଲିସ ସିନ୍ ରିକ୍ରିଏସନ୍ କରିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଅପରାହ୍ନରେ ତିହିଡ଼ି ଥାନାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ସେ କହିଥିଲେ ଯେ, ଗତ ମେ' ୨୯ ତାରିଖ ସକାଳେ ତିହିଡ଼ି ଥାନା ଅଧୀନ ବୋଡ଼କ ପଞ୍ଚାୟତର ରେବ ନଦୀ କୂଳରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ପଡ଼ିଥିବା ଆଇଆଇସି ଶ୍ରୀ ନାୟକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ପରେ ମହିଳାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ଜଣାପଡ଼ିଥିଲା। ପରେ ବୋଡ଼କ ପଞ୍ଚାୟତ ସରପଞ୍ଚ ସୁଭାଷିନୀ ଜେନାଙ୍କ ଅଭିଯୋଗ କ୍ରମେ ଏକ ମାମଲା(ନଂ ୨୧୭/୨୬) ରୁଜୁ କରି ପୁଲିସ ମୃତା ମହିଳାଙ୍କ ପରିଚୟ ପାଇବାକୁ ଉଦ୍ୟମ କରିଥିଲା। ସେହିଦିନ ରାତିରେ ପୁଲିସକୁ ଖବର ମିଳିଥିଲା ଯେ ମୃତା ମହିଳାଙ୍କ ନାଁ କବିତା ବେହେରା (୩୫) ଓ ସେ ଧୂଷୁରୀ ଥାନା କଟସାହି ପଞ୍ଚାୟତ ଅଧୀନ ପଥରଡିହ ଗାଁର ପ୍ରଫୁଲ୍ଲ ବେହେରାଙ୍କ ପତ୍ନୀ। ମହିଳାଙ୍କ ପରିଚୟ ମିଳିବା ପରେ ଆଇଆଇସି ଶ୍ରୀ ନାୟକ ପଥରଡିହ ଗ୍ରାମକୁ ଯାଇ ଏହାର ତଦନ୍ତ ଚଳାଇଥିଲେ। ତେବେ ହତ୍ୟା ଅଭିଯୁକ୍ତ ସ୍ୱାମୀ ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟ ପ୍ରଫୁଲ୍ଲଙ୍କ ୨ ନାବାଳିକା ଝିଅକୁ ଘରେ ଛାଡ଼ି ଫେରାର୍ ହୋଇଯାଇଥିଲେ। ଆଇଆଇସି ଶ୍ରୀ ନାୟକ ତଦନ୍ତବେଳେ ଜାଣିବାକୁ ପାଇଥିଲେ ଯେ ପ୍ରଫୁଲ୍ଲ ୧୭/୧୮ ବର୍ଷ ପୂର୍ବେ ହାଇଦରାବାଦରେ କାମ କରୁଥିଲେ। ସେଠାରେ କାମ କରୁଥିବା ବିହାର ରାଜ୍ୟର କବିତାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ପ୍ରଫୁଲ୍ଲ ତାଙ୍କୁ ବିବାହ କରି ନିଜ ଗ୍ରାମ ପଥରଡିହକୁ ନେଇ ଆସିଥିଲେ। ତାଙ୍କର ୨ଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। ତେବେ ପତ୍ନୀଙ୍କ ଚରିତ୍ରକୁ ନେଇ ଅଧିକାଂଶ ସମୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଉପୁଜୁଥିଲା। ଏପରିକି ଗତ ୨୭ ତାରିଖରେ କବିତା ତାଙ୍କ ସ୍ୱାମୀଙ୍କ ସହ ଆଉ ରହିବାକୁ ଚାହୁଁ ନାହାନ୍ତି ବୋଲି ଧୂଷୁରୀ ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏହିସବୁ କାରଣକୁ ନେଇ ପ୍ରଫୁଲ୍ଲ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ଗୁରୁବାର ବିଳମ୍ବିତ ରାତିରେ କବିତା ଶୋଇଥିବା ଅବସ୍ଥାରେ ତାଙ୍କ ମୁଣ୍ଡକୁ ଏକ ହେମଦସ୍ତା ବାଡ଼ି ସହାୟତାରେ ବାରମ୍ବାର ଆଘାତ କରିଥିଲେ। କବିତା ଚିତ୍କାର କରି ଘର ବାହାରକୁ ଆସିବା ବେଳେ ସ୍ୱାମୀ ପ୍ରଫୁଲ୍ଲ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ମୃତଦେହକୁ ଏକ ପଲିଥିନ୍‌ରେ ଗୁଡ଼ାଇ ନିଜ ମଝିଆ ଭାଇ ରଙ୍ଗାଧର ସହ ବାଇକ୍ ଯୋଗେ ନେଇ ନଦୀ କୂଳରେ ଫିଙ୍ଗି ଦେଇଥିବା ପୁଲିସ ସାମ୍ନାରେ ସ୍ୱୀକାର କରିଥିଲେ। ସିନ ରିକ୍ରିଏସନରେ ପ୍ରଫୁଲ୍ଲ ମଧ୍ୟ ପଥରଡିହ ଗ୍ରାମ ଓ ରେବ ନଦୀ କୂଳକୁ ଯାଇ ରିକ୍ରିଏସନ କରି ଦେଖାଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ଶ୍ରୀ ବେହେରାଙ୍କ ସହ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ, ତିହିଡ଼ି ଥାନା ଆଇଆଇସି ଶ୍ରୀ ନାୟକ, ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ, ତିହିଡ଼ି ଥାନା ଏସ୍‌ଆଇ ରୋଜନ ମୁର୍ମୁ, ଏଏସ୍‌ଆଇ ଲକ୍ଷ୍ମଣ କୁମାର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୁକ୍ତ ପ୍ରଫୁଲ୍ଲକୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଭାଇ ରଙ୍ଗାଧର ଫେରାର୍ ଥିବାବେଳେ ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ବାଇକ୍, ହେମଦସ୍ତା ବାଡ଼ି ଓ ୨ଟି ମୋବାଇଲ୍ ଜବତ କରିଛି।

## ସ୍କୁଲରୁ ଚୋରି ଘଟଣା; ଜଗୁଆଳିକୁ ଉଠାଇନେଲା ପୁଲିସ

ଅସୁରାଳି/ସହିଦ ନଗର,୧୬(ସମିସ): ଧାମନଗର ଥାନା ଅନ୍ତର୍ଗତ ଇନ୍ଦ୍ରମଣି ଉଚ୍ଚ ବିଦ୍ୟାପୀଠରେ ଘଟିଥିବା ବଡ଼ଧରଣର ଚୋରି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବିଦ୍ୟାଳୟରୁ ଇନ୍‌ଭର୍ଟର, ୨ଟି ବ୍ୟାଟେରୀ, ସିସିଟିଭି କ୍ୟାମେରାର ହାର୍ଡଡିସ୍କ, କମ୍ପ୍ୟୁଟର ମନିଟର ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ପରେ ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି। ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ଘଟଣା ଦିନ ରାତି ପ୍ରାୟ ୯ଟାରେ ପ୍ରଭାତ ଜେନା ସ୍କୁଲ ରାସ୍ତା ଦେଇ ଯାଉଥିବାବେଳେ ବିଦ୍ୟାଳୟ ଘର ଖୋଲାଥିବା ଏବଂ ଭିତରେ ଲାଇଟ୍ ଜଳୁଥିବା ଦେଖି ସନ୍ଦେହ କରିଥିଲେ। ସ୍ଥାନୀୟ ଲୋକଙ୍କୁ ଡାକି ଭିତରକୁ ପ୍ରବେଶ କରିବା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଘଟଣାର ସବୁଠାରୁ ବଡ଼ ଦିଗ ହେଉଛି ସ୍କୁଲର କୌଣସି ତାଲା ଭଙ୍ଗାଯାଇ ନ ଥିଲା। ତାଲା ଖୋଲି ସାମଗ୍ରୀ ଚୋରି କରାଯାଇଥିବାରୁ ଘଟଣାକୁ ନେଇ ସନ୍ଦେହ ଆହୁରି ବଢ଼ିଛି। ଚୋରି ଧରାପଡ଼ିବା ପରେ ରାତ୍ର ଜଗୁଆଳି ସନ୍ତୋଷ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ ଓ ଘଟଣାସ୍ଥଳରେ ମଧ୍ୟ ମିଳି ନ ଥିଲେ। ପ୍ରଧାନଶିକ୍ଷକ ସିଧାସଳଖ ରାତ୍ର ଜଗୁଆଳି ସନ୍ତୋଷ ଦାସଙ୍କ ଉପରେ ସନ୍ଦେହ ପ୍ରକାଶ କରି ତାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି। ଏପରିକି ଏହା ପୂର୍ବରୁ ସ୍କୁଲରୁ ପଙ୍ଖା ଚୋରି ଘଟଣାରେ ମଧ୍ୟ ତାଙ୍କ ନାମ ନେଇ ସନ୍ଦେହ ପ୍ରକାଶ କରାଯାଇଥିବା କହିଛନ୍ତି। ଅନ୍ୟପଟେ ଅଭିଯୋଗ ପାଇବା ପରେ ଧାମନଗର ପୁଲିସ ରାତ୍ର ଜଗୁଆଳି ସନ୍ତୋଷଙ୍କୁ ଉଠାଇ ଆଣି ପଚରାଉଚରା କରୁଥିବା ସୂଚନା ମିଳିଛି। ତେବେ ଚୋରି ଘଟଣାରେ ତାଙ୍କର ସିଧାସଳଖ ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମଧୁବାବୁ ଆଇନ ସହାୟତା ଶିବିର

ବାରିକପୁର,୧୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଧୁବାବୁ ଆଇନ ସହାୟତା ଶିବିର ସରପଞ୍ଚ ଅକ୍ଷୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଆପତ୍ତି ଅଭିଯୋଗ ଓ ମୋକଦ୍ଦମାର ଆପୋଷ ସମାଧାନ ହୋଇଛି। ଆୟୋଜିତ ଶିବିରରେ ଆଇନ ପରାମର୍ଶଦାତା ସଞ୍ଜୟପ୍ରକାଶ ତିଆଡ଼ି, ବରିଷ୍ଠ ସଦସ୍ୟ ଅଲେଖପ୍ରସାଦ ଘଡ଼େଇ, ବସନ୍ତ ତ୍ରିପାଠୀ, ଶଶିକାନ୍ତ ମିଶ୍ର, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ବହୁ ଜନସାଧାରଣ ଅଭିଯୋଗ ନେଇ ଶିବିରରେ ଯୋଗଦେଇଥିଲେ। ଏଠାରେ ସୂଚିତ ଯେ, ପ୍ରତ୍ୟେକ ମାସ ରବିବାର ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଶିବିର ଆୟୋଜିତ ହେଉଛି। ଏହାଦ୍ୱାରା ଥାନାରେ ମାମଲା ହ୍ରାସ ପାଉଥିବା ଜଣାଯାଇଛି। ଅନ୍ୟ ପଞ୍ଚାୟତରେ ପ୍ରାୟତଃ ଏଭଳି ଆଇନ ସହାୟତା ଶିବିର ହେଉ ନ ଥିବାବେଳେ ବାଲିପୋଖରୀଠାରେ ପ୍ରତ୍ୟେକ ମାସରେ ଏହା ଅନୁଷ୍ଠିତ ହୋଇଥାଏ ବୋଲି ସରପଞ୍ଚ ମତପ୍ରକାଶ କରିଛନ୍ତି।

## ଆମ୍ବରୋଳି ପଞ୍ଚାୟତରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଭଦ୍ରକ,୧୬(ସମିସ): ଭଦ୍ରକର ଆମ୍ବରୋଳି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୪୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୦୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୩ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୨ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୩୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୨ଜଣ ଅଭିଯୋଗକାରୀଙ୍କୁ ମୋଟ ୬ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦଉ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ ପ୍ରହରାଜ, ତହସିଲ୍‌ଦାର ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିକପୁର,୧୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ବରିଷ୍ଠ ଅଧ୍ୟାପିକା ତଥା ସହିଦ ସ୍ମୃତି କଲେଜ ଅଧ୍ୟକ୍ଷା ତିଳୋତ୍ତମା ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରପଞ୍ଚ ଅମୂଲ୍ୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅରୁଣୋଦୟ ଖିଲାର, ପୂର୍ଣ୍ଣଚନ୍ଦ୍ର ଖିଲାର, ଯୁବ ନେତା ମୁକୁନ୍ଦଦେବ ସାମଲ, ସୁରେଶ ସାମଲ, ରାମଚନ୍ଦ୍ର ରାଉତ, ବିଜୟ ଖିଲାର ପ୍ରମୁଖ ଯୋଗଦେଇ ଶ୍ରୀମତୀ ଦାସଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡ଼ା ଡ. ରବୀନ୍ଦ୍ର ପଣ୍ଡା, ବିଦ୍ୟାଧର ସେଠୀ, ମନୋଜ ରାୟ, ମୁକ୍ତିକାନ୍ତ ସାହୁ, ବିଜୟ ମିଶ୍ର, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ଅତିଥିମାନେ ଅବସରପ୍ରାପ୍ତ ଅଧ୍ୟକ୍ଷାଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଚାନ୍ଦବାଲିରେ ଟ୍ରାକ୍ଟର ଓ ଜେସିବି ସଂଘ ପକ୍ଷରୁ ପ୍ରତିବାଦ

ଭଦ୍ରକ,୧୬(ସମିସ): ଭଦ୍ରକ ଜିଲ୍ଲାରେ ଲାଗୁ ଖଣିଜ ସମ୍ପଦ ବିଭାଗ ପକ୍ଷରୁ ମୋଟା ଅଙ୍କର ଫାଇନ୍ ପ୍ରତିବାଦରେ ଚାନ୍ଦବାଲି ବ୍ଲକର ଟ୍ରାକ୍ଟର ଓ ଜେସିବି ସଂଘର ଚାଳକ ଓ ମାଲିକମାନେ ତାଙ୍କର ଜୀବନ ଜୀବିକା ପାଇଁ ତହସିଲ୍‌ଦାରଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚାନ୍ଦବାଲି ବ୍ଲକ୍‌ରେ କିଛି ଗରିବ ଓ ବେକାରୀ ଯୁବକ ବ୍ୟାଙ୍କ ଓ ଘରୋଇ ଋଣ ଆଣି ଟ୍ରାକ୍ଟର ଓ ଜେସିବି କିଣି ବାଲି, ଗୋଡ଼ି, ମାଟି ଓ ଅନ୍ୟାନ୍ୟ ଦ୍ରବ୍ୟ ପରିବହନ କରି ସେହି ଅର୍ଥରେ ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ଏବେ ଖଣି ବିଭାଗ ପକ୍ଷରୁ ବାଲି, ଗୋଡ଼ି, ମାଟି ଓ ଇଟା ପରିବହନ ରୋକ୍ ଲଗାଇବା ସହ ମୋଟା ଅଙ୍କରେ ଫାଇନ୍ ଲଗାଯାଉଛି। ଯାହାକି ୨ ଲକ୍ଷ, ୪ ଲକ୍ଷ ଓ ୭୫ ହଜାର ତାହା ସେମାନଙ୍କ ପକ୍ଷେ ଦେବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଛନ୍ତି ସଂଘର କାର୍ଯ୍ୟକର୍ତ୍ତା। ସରକାର ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱଳ୍ପ ପରିମାଣରେ ଟିକସ ନେବା ସହ ସେମାନଙ୍କ ଜୀବନ ଜୀବିକାକୁ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି। ଏନେଇ ସୋମବାର ସଂଘର ସଭାପତି ମାନସ ଦାସଙ୍କ ନେତୃତ୍ୱରେ ସମ୍ପାଦକ ରୂପକ ବଳ, କୋଷାଧ୍ୟକ୍ଷ ଅଜୟ ସାହୁ, ଆଡ୍‌ଭାଇଜର ଏସ୍‌କେ ଫିରୋଜ, ଭାଗ୍ୟରଥୀ ସେଠୀ, ବିଶ୍ୱନାଥ ଦାସ, ରଞ୍ଜନ ପରିଡ଼ା, ରଞ୍ଜନ ଦାସ, ରାଜେନ୍ଦ୍ର ଦାସ, ଭାଗିରଥି ଦାସ ପ୍ରମୁଖ ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



### ବାର୍ ପାଲଟିଛି ବେତଡ଼ା ଠିପି ବନ୍ଦ ବିଦେଶୀ ମଦ ଦୋକାନ

## ହୋମ୍ ଡେଲିଭରୀ ହେଉଛି ପେଟି ପେଟି ମଦ

ବାସୁଦେବପୁର,୧୬(ସମିସ): ବାସୁଦେବପୁର ବ୍ଲକ୍‌ର ବରଣ୍ଡୁଆ ପଞ୍ଚାୟତର ବେତଡ଼ାଠାରେ ସରକାରୀ ଠିପି ବନ୍ଦ ମଦ ଦୋକାନ ବର୍ଷ ବର୍ଷ ଧରି ବିଶାଳ ଠିପି ଖୋଲା ମଦ ବାର୍‌ରେ ପରିଣତ ହୋଇଛି। ସବୁ ଜାଣିଶୁଣି ବାସୁଦେବପୁର ଅବକାରୀ ବିଭାଗ ଚୁପ୍ ରହୁଛନ୍ତି। କେବଳ ମଦ ବାର୍ ନୁହେଁ, ଏହି ଦୋକାନରୁ ପ୍ରତିଦିନ ବାଇକ୍‌ରେ ଚୋରା ମଦ ବିଭିନ୍ନ ଗାଁର ଛକମୁଣ୍ଡରେ ପାନ ଦୋକାନୀଙ୍କୁ ହୋମ୍ ଡେଲିଭରୀ କରାଯାଉଛି। ଫଳରେ ଗାଁ ଗଣ୍ଡାର ଛକମୁଣ୍ଡରେ ଚୋରା ମଦ କାଉଣ୍ଟର ଗଢ଼ି ଉଠୁଛି।

**ଅବକାରୀ ବିଭାଗ ସବୁ ଜାଣି ଅଜଣା**

ଦିନକୁ ଦିନ ବେତଡ଼ା ଆଖପାଖ ଅଞ୍ଚଳରେ ବୃଦ୍ଧି ପାଉଛି ଚୋରା ନିଶା କାରବାର। ଅବକାରୀ ବିଭାଗ ସବୁ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ବଦଳରେ ଧୃତରାଷ୍ଟ୍ର ସାଜିବା ଚୋରା ବେପାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବାସୁଦେବପୁର ବ୍ଲକ୍‌ର ବରଣ୍ଡୁଆ ପଞ୍ଚାୟତର ବେତଡ଼ା ଅଞ୍ଚଳ ଚୋରା ମଦ କାରବାର ପେଣ୍ଠସ୍ଥଳୀ ପାଲଟିଛି। ସରକାରୀ ଠିପି ବନ୍ଦ ମଦ ସରକାରୀ ନୀତିନିୟମକୁ ଉଲ୍ଲଂଘନ କରି ଠିପି ଖୋଲି ଢଳାଚାଲିଛି। ଏକ ମଦ ବାର୍ ପାଲଟିଛି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଢାଳି ପିଉଛନ୍ତି। ଯାହା ସରକାରୀ ନିୟମକୁ ଉଲ୍ଲଂଘନ କରୁଛି। ସେହିପରି ଏହି ଦୋକାନରୁ ଚୋରା ମଦ ସକାଳୁ ରାତି ପର୍ଯ୍ୟନ୍ତ ବାଇକ୍ ଯୋଗେ ବିଭିନ୍ନ ଛକକୁ ନେଇ ପାନ ଦୋକାନକୁ ଯୋଗାଇ ଦେଉଛନ୍ତି। ଘରେ ଘରେ ଚୋରା ମଦକୁ କୁଟୀରଶିଳ୍ପରେ ପରିଣତ କରିଛନ୍ତି। ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୋରା ବେପାରୀଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ଅଭିଯୋଗ ହେଉଛି। ଚୋରା ମଦ କାରବାର ବୃଦ୍ଧି ପାଇବା ବଦଳରେ ଗାଁ ଗଣ୍ଡାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଫଳରେ ଚୋରା ମଦ କାରବାରକୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି।

## ବିଜେଡି ପକ୍ଷରୁ ଧାମନଗରଠାରେ ରକ୍ତଦାନ ଶିବିର

ଅସୁରାଳି,୧୬ (ସମିସ): ଧାମନଗର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପାଳସାହି ଓ ରଇପୁର ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ୍ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ନିର୍ବାଚନମଣ୍ଡଳୀର ବିଜେଡି ନେତା ଡ. ସଞ୍ଜୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, "ରକ୍ତଦାନ ହେଉଛି ମହାଦାନ। ରକ୍ତଦାତାମାନଙ୍କର ଏହି ନିଃସ୍ୱାର୍ଥପର ତ୍ୟାଗ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ଏଥିସହ ଶିବିରକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମସ୍ତ ସ୍ୱେଚ୍ଛାସେବୀ, ରକ୍ତଦାତା ଏବଂ ଦଳୀୟ ନେତୃବୃନ୍ଦଙ୍କ ଉଲ୍ଲେଖନୀୟ ଯୋଗଦାନକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ରକ୍ତ ସଂଗ୍ରହ ପ୍ରକ୍ରିୟା ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଉପସ୍ଥିତ ଥିଲେ। ଏଥିରେ ଡା. ବିମଳା ମିଶ୍ର, ମଙ୍ଗୁଲି ପ୍ରଧାନ, ମନୀଷା ଜେନା ଓ ଭାଗ୍ୟସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ ଜଗଦାନନ୍ଦ ସେଠୀ, ସରପଞ୍ଚ ଅଜୟ ମଲ୍ଲିକ, ଗଜେନ୍ଦ୍ର ମହାନ୍ତି, ଅନିଲ ଦାସ, ସନ୍ଦୀପ ସ୍ୱାଇଁ, ବ୍ଲକ୍ ସଭାପତି ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ବହୁ ଯୁବକ ଓ ବିଜେଡି କର୍ମୀ ସ୍ୱେଚ୍ଛାକୃତ ଭାବେ ଶିବିରରେ ରକ୍ତଦାନ କରିଥିଲେ।



## ଉତ୍କଳ ସାମ୍ବାଦିକ ସଂଘର ବ୍ଲକ୍‌ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଧାମନଗର,୧୬(ସମିସ): ଉତ୍କଳ ସାମ୍ବାଦିକ ସଂଘ ଧାମନଗର ତରଫରୁ ବ୍ଲକ୍‌ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଯାଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜଳସେଚନ ଡାକବଙ୍ଗଳାରେ ବ୍ଲକ୍ ସଭାପତି ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ବିବେକାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ସାମ୍ବାଦିକ ପ୍ରଦୀପ ମହାପାତ୍ର, ଦୀପ୍ତି ରଞ୍ଜନ ନାୟକ, ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, ଦୀନକୃଷ୍ଣ ମହାପାତ୍ର, ସିଦ୍ଧାର୍ଥ ଶଙ୍କର ମିଶ୍ର, ଦେବାଶିଷ ରଥ, ସନ୍ତୋଷ ସାହୁ, ସନ୍ତୋଷ ଦାସ, ପ୍ରଦ୍ୟୁମ୍ନ ନାୟକ, ମାନସ ପରିଡ଼ା, ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ଉତ୍କଳ ସାମ୍ବାଦିକ ରାଜ୍ୟର ସର୍ବ ପୁରାତନ ସଂଘ ହୋଇଥିବାରୁ ଏହାର ନେତୃତ୍ୱ ନେଉଥିବା ରାଜ୍ୟ ସଭାପତି ବିଭୂତିଭୂଷଣ କରଙ୍କ କାର୍ଯ୍ୟକୁ ପ୍ରଥମେ ସ୍ୱାଗତ କରାଯାଇଥିଲା। ପରେ ଜୁନ୍ ମାସ ୨ୟ ସପ୍ତାହରେ ଭଦ୍ରକଠାରେ ହେବାକୁ ଥିବା ସଂଘର ରାଜ୍ୟ ସମ୍ମିଳନୀ କେମିତି ସଫଳ ସହ ବ୍ୟାପକ ହେବ ସେ ଦିଗରେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ସଦସ୍ୟ ସେକ୍ ଜାଫର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା,୧୬(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ତଥା ଓଡ଼ଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ମଙ୍ଗୁଲି ସରକାରୀ ସଂଯୁକ୍ତ ଉଚ୍ଚ ପ୍ରାଥମିକ ସ୍କୁଲର ଆଦର୍ଶ ପ୍ରଧାନଶିକ୍ଷକ ରମାକାନ୍ତ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ତିହିଡ଼ି ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସୁକାନ୍ତ ବେହେରାଙ୍କ ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନରେ ମୁଖ୍ୟଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟବକ୍ତା ଶିକ୍ଷାବିତ୍ ଶୁଭେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଧଳ, ସମିତିସଭ୍ୟା ନିରୂପମା ରାଉତ, ସିଆର୍‌ସିସି ପରମେଶ୍ୱର ପୃଷ୍ଟି, ସମାଜସେବୀ ସନ୍ତୋଷ ନାୟକ, ବନ୍ତ ପ୍ରାଥମିକ ନିଖିଳ ଉତ୍କଳ ସଂଘ ସଭାପତି ଧର୍ମେନ୍ଦ୍ର ନାରାୟଣ ଜେନା, ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ପହି, ପରିଚାଳନା କମିଟି ସଭାପତି ହରେକୃଷ୍ଣ ପରିଡ଼ା, ୱାର୍ଡ ସଭ୍ୟା ବୀଣାପାଣି ଘଡ଼ାଇ ପ୍ରମୁଖ ଯୋଗଦେଇଥିଲେ। ଅବସର ନେଉଥିବା ଆଦର୍ଶ ପ୍ରଧାନଶିକ୍ଷକ ରମାକାନ୍ତ ରାଉତଙ୍କ ଶିକ୍ଷକତା ଜୀବନରେ ତାଙ୍କ ଶିକ୍ଷାଦାନରେ ଅନେକ ଛାତ୍ରଛାତ୍ରୀ ଏବେ ବହୁ ଉଚ୍ଚ ପଦାଧିକାରୀରେ ଅବସ୍ଥିତ ଅଛନ୍ତି ବୋଲି କହିଥିଲେ। ଏହା ସହିତ ଏହି ବିଦ୍ୟାଳୟରେ ୧୨ ବର୍ଷର ଶିକ୍ଷାଦାନ ସମୟରେ ଏହି ସ୍କୁଲର ଉନ୍ନତି ଦିଗରେ ଅତୁଳନୀୟ ଅବଦାନ ଅଛି ବୋଲି ମଧ୍ୟ କହିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ମହାମାୟା ଜେନା ଧନ୍ୟବାଦ୍ ଅର୍ପଣ କରିଥିବାବେଳେ ଶିକ୍ଷକ ଅମର ସ୍ୱାଇଁ ମାନପତ୍ର ପଠନ କରିଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ମଲ୍ଲିକ, ଅନୁସୟା ଜେନା, ପ୍ରଫୁଲ୍ଲ ରାଉତ, ଚିନ୍ତାମଣି ଘଡ଼ାଇ, ଭବାନୀ ଶଙ୍କର ବିଶ୍ୱାଳ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ, ମଙ୍ଗୁଲି ଗ୍ରାମବାସୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

### ଆଖଣ୍ଡଳମଣି ମନ୍ଦିର ପରିକ୍ରମା ମାର୍ଗ ନିମନ୍ତେ ବିସ୍ଥାପିତଙ୍କୁ ସ୍ଥାନାନ୍ତର ଘୋଷଣା

## ବାବାମଣିଙ୍କ ନୀତିକାନ୍ତି ବନ୍ଦ କଲେ ସେବାୟତ

ଭଦ୍ରକ/ଆରଡ଼ି,୧୬(ସମିସ)

ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଚତୁଃପାର୍ଶ୍ୱ ଓ ପୁଷ୍କରିଣୀ ଚତୁଃପାର୍ଶ୍ୱର ସମ୍ପ୍ରସାରଣ ଓ ପରିକ୍ରମା ମାର୍ଗ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ବିସ୍ଥାପିତମାନଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଛି। ବିସ୍ଥାପିତମାନେ ନିଜର ଆସବାବପତ୍ର ନେଇ ଅନ୍ୟ ସ୍ଥାନକୁ ପଳାଇଯିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ କହିଛନ୍ତି। ଅନ୍ୟପଟେ ବିରୋଧ କରି ବିସ୍ଥାପିତଙ୍କ ମହାମେଳି ବୈଠକ ବସିବା ସହ ସରକାରୀ ନିୟମ ଅନୁଯାୟୀ ବିସ୍ଥାପିତଙ୍କୁ ଜମି ବଦଳରେ ଘର ଉପଯୋଗୀ ନିମନ୍ତେ ଜମି ନ ମିଳିଲେ ଜାଗା ଛାଡ଼ିବେ ନାହିଁ ବୋଲି କହିଛନ୍ତି। ଏପରି ଦାବି ନେଇ ମନ୍ଦିର ସମ୍ମୁଖରେ ଆନ୍ଦୋଳନ ଜାରି ରଖିବା ସହ ବସି ରହିଛନ୍ତି ବିସ୍ଥାପିତ। ଯାହାଫଳରେ ବାବା ଆଖଣ୍ଡଳମଣିଙ୍କ ସେବା ନୀତିରେ ବିଭ୍ରାଟ ଦେଖାଦେଇଛି। ବିସ୍ଥାପିତଙ୍କ କହିବା ଅନୁଯାୟୀ, ବାବାଙ୍କ ଦୈନନ୍ଦିନ ସେବା ପୂଜା ନିମନ୍ତେ ବ୍ୟବହୃତ ବାସନ ଓ ପୂଜା ସାମଗ୍ରୀ କେଉଁଠି ରଖିବେ, ଦୈନନ୍ଦିନ ମନ୍ଦିରକୁ କିପରି ଆଣିବେ ବୋଲି ପ୍ରଶ୍ନ କରିଛନ୍ତି।

**ବିସ୍ଥାପିତଙ୍କ ମହାମେଳି; ଜମି ନ ମିଳିଲେ ଜାଗା ଛାଡ଼ିବେ ନାହିଁ**



# ପତ୍ନୀ ଓ ପୁତ୍ର ହତ୍ୟାକାରୀକୁ ଆଜୀବନ ଜେଲ୍

ଭଦ୍ରକ,୧୬(ସମିସ)

ସୋମବାର ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରାଜଜ୍ ପ୍ରଭାତ କୁମାର ରାଜଗୁରୁ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ସାହାସପୁର ଗାଁର ବାବାଜୀ ମାଝୀଙ୍କ ପୁଅ କାଳିଆ ଓରଫ ଅଭୟ ମାଝୀକୁ ନିଜ ପତ୍ନୀ ମାତନ ଓରଫ ପଦ୍ମାବତୀ ଓ ନାବାଳକ ପୁତ୍ର ଜୀବନର ତଣ୍ଟି ଚିପି ହତ୍ୟା କରିଥିବା ଅପରାଧରେ ଦଫା ୩୦୨ ଅନୁଯାୟୀ ଆଜୀବନ ଜେଲ୍‌ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଶୁଣାଣି କରାଯାଇଛି। ଏଥିସହ ୨୦୧ ଦଫାରେ ପ୍ରମାଣ ନଷ୍ଟ କରିବା ଅପରାଧରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଅନାଦେୟ ପୁଣି ଏକ ବର୍ଷ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଧୂଷୁରୀ ଥାନା ନାନ୍ଦପୁର ଗାଁର ପଞ୍ଚାନନ ମାଝୀଙ୍କ ଝିଅ ମାତନ ଓରଫ ପଦ୍ମାବତୀ ସେହି ଥାନା ସାହାସପୁର ଗାଁର ବାବାଜୀ ମାଝୀଙ୍କ ମଧ୍ୟମ ପୁତ୍ର କାଳିଆ ଓରଫ ଅଭୟ ମାଝୀକୁ ୨୦୧୨ରେ ବିବାହ କରିଥିଲା। ସେମାନଙ୍କର ୨ଟି ଛୁଆ ମଧ୍ୟ ଥିଲେ। କାଳିଆ ଚେନ୍ନାଇରେ ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରୁଥିବାବେଳେ ମେସିନରେ ତା'ର ଏକ ହାତ ପାପୁଲି କଟିଯାଇଥିଲା। କମ୍ପାନୀ ତରଫରୁ ତାକୁ ୪ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ରାଶି ମିଳିଥିଲା। ଚାକିରି କରି ନ ପାରିବାରୁ ସେ ଆସି ଘରେ ରହିଥିଲା। ସେହି ଟଙ୍କାରେ ଘର ଚଳାଇଥିଲା। କିଛିଦିନ ଭିତରେ ନିଜ ପରିବାର ସହ ମତାନ୍ତର ହେବାରୁ ନିଜ ସ୍ତ୍ରୀ ଓ ୨ ପିଲାଙ୍କ ସହ ସେ ଅନ୍ୟ ଗୋଟିଏ ଘର ତିଆରି କରି ଅଲଗା ରହୁଥିଲା। ମାତନ ଅନେକ ସମୟରେ ତାକୁ ହାତ ଖଣ୍ଡିଆ ବୋଲି ଆକ୍ଷେପ କରି ପରିହାସ କରୁଥିଲେ, ଯାହା ତାକୁ ବାଧୁଥିଲା। ୨୦୧୮ ମସିହା ଫେବୃଆରୀ ୨୪ ତାରିଖ ଦିନ ଘରୁ ସଞ୍ଚିତ ଅର୍ଥରୁ ୫ ଶହ ଟଙ୍କା ନେଇ ବଜାର ଯାଇଥିଲା। ସେଥିରୁ ୨୦୦ ଟଙ୍କା ଖର୍ଚ୍ଚ କରି ୩୦୦ ଟଙ୍କା ଆଣି ପତ୍ନୀକୁ ଫେରେଇ ଦେଇଥିଲା। ମାତ୍ର ସ୍ତ୍ରୀ ମାତନ ଏଥିରେ ବିରକ୍ତି ପ୍ରକାଶ କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମାତନ ନିଜ ଶିଶୁପୁତ୍ର ଜୀବନ ମାଝୀକୁ ଧରି ରାତିରେ ଶୋଇବାକୁ ଯାଇଥିଲେ। ଶୋଇବା ପରେ ପିଲାଟି ମାଆ କ୍ଷୀର ଖାଇବା ପାଇଁ କାନ୍ଦିଥିଲା। ମାତନ ତାକୁ କ୍ଷୀର ନ ଦେଇ ବାଡ଼େଇଥିଲେ। ଫଳରେ ପାଖରେ ଶୋଇଥିବା କାଳିଆର ନିଦ ଭାଙ୍ଗି ଯିବାରୁ ସେ ଏହାକୁ ବିରୋଧ କରିଥିଲା। ମାତନ ପୁଣି ତାକୁ ଆକ୍ଷେପ କରି କହିବାରୁ ସେ ଉତ୍ୟକ୍ତ ହୋଇ ଏକ ପ୍ଲାଷ୍ଟିକ୍ ରଶି ଆଣି ତାଙ୍କ ତଣ୍ଟିକୁ ଭିଡ଼ି ଧରିବାରୁ ମାତନଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ତା'ପରେ ପୁଅ ଜୀବନ ମଧ୍ୟ କାନ୍ଦିବାରୁ ତା' ତଣ୍ଟିକୁ ବି ଚିପି ଧରିବାରୁ ସେ ମଧ୍ୟ ମରିଯାଇଥିଲା। ଘଟଣା ପରେ ସେହି ରାତିରେ ଉଭୟ ମାଆ-ପୁଅଙ୍କର ଶବକୁ ନିଜ ଶୋଇବା ଘର ଭିତରେ ଏକ ଗାତ ଖୋଳି ପୋତି ଦେଇ ପ୍ରମାଣ ନଷ୍ଟ କରିବାକୁ ପ୍ରୟାସ କରିଥିଲା।

- ଗାତ ଖୋଳି ପୋତି ପ୍ରମାଣ ନଷ୍ଟ କରିବାକୁ ପ୍ରୟାସ କରିଥିଲା
- ଦୀର୍ଘ ୮ ବର୍ଷ ପରେ ମାମଲାର ବିଚାରଣ ହୋଇ ରାୟ ପ୍ରକାଶିତ

ଘଟଣାର ୬ ଦିନ ପରେ କାଳିଆ ନିଜ ଝିଅକୁ ଧରି ଶଶୁର ଘରେ ପହଞ୍ଚି ମାତନ ଘରୁ କେଉଁଆଡ଼େ ପଳାଇ ଯାଇଛି ବୋଲି କହିଥିଲା। ଏହାକୁ ନେଇ ଶଶୁର ପଞ୍ଚାନନ ମାଝୀ ଧୂଷୁରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଥାନା କେସ୍ ନଂ ୩୦/୨୦୧୮ ଓ ଦଫା ୩୦୨, ୨୦୧ରେ ଏକ ମାମଲା ରୁଜୁ କରି କାଳିଆକୁ ଥାନାକୁ ଆଣି ପଚରାଉଚରା କରୁଥିଲା। ତେବେ କଥାରେ ତାଳମେଳ ରହୁ ନ ଥିବାରୁ ଅଧିକ ଖୋଳତାଡ଼ କରିବାରୁ ପୁଲିସ ପାଖରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କାଳିଆ ସବୁ ସତ କଥା କହିବା ସହ ହତ୍ୟାରେ ବ୍ୟବହୃତ ପ୍ଲାଷ୍ଟିକ୍ ଦଉଡ଼ିକୁ ମଧ୍ୟ ଦେଇଥିଲା। ସେ ବିଚାରାଧୀନ ବନ୍ଦୀ ଭାବରେ ଅଦ୍ୟାବଧି ଜେଲ୍‌ରେ ଅଟକ ରହିଥିବାବେଳେ ସୋମବାର କୋର୍ଟ ତାକୁ ଏହି ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ପବ୍ଲିକ୍ ପ୍ରସିକ୍ୟୁଟର ଅତିରିକ୍ତ ନିର୍ଦ୍ଦେଶକ ଅନ୍ନପୂର୍ଣ୍ଣା ମହାପାତ୍ରଙ୍କ ତତ୍ତ୍ୱାବଧାନରେ କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ସୁଦୀପ୍ତ କିଶୋର ଦାସ ମାମଲା ପରିଚାଳନା କରୁଥିଲେ।

# ବସୁଧା ପାଣି ଯୋଗାଣ ନାଁରେ ଚାନ୍ଦା ଆଦାୟ ଅଭିଯୋଗ

ରାଜଘାଟ, ୧।୬ (ସମିସ)

ସରକାରଙ୍କ ବସୁଧା ଯୋଜନାରେ ମାଗଣାରେ ପାଣି ସଂଯୋଗ ଦେବା କଥା, ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତରେ ଏହି ଯୋଜନା ନାଁରେ ହିତାଧିକାରୀ ପିଛା ୧ଶହ ରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ଜୁଲୁମ କରି ଚାନ୍ଦା ଆଦାୟ ହେଉଥିବା ଅଭିଯୋଗ ହୋଇଛି। ଏହା ଆଜିର ଘଟଣା ନୁହେଁ ଆଜକୁ ତିନିରୁ ଚାରିବର୍ଷ ଧରି ଏହି ଚାନ୍ଦା ଆଦାୟ ହେଉଛି। ଏହାକୁ ନେଇ ହିତାଧିକାରୀ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଅନୁଯାୟୀ, କିଛି ସ୍ଥାନୀୟ ଦଲାଲ ନିର୍ଦ୍ଦିଷ୍ଟ ଏକ କମିଟିର ନାମ ନେଇ ପ୍ରତି ହିତାଧିକାରୀଙ୍କ ପାଖରୁ ସଂଯୋଗ ଖର୍ଚ୍ଚ, ପାଇପ ଖର୍ଚ୍ଚ ଓ ରକ୍ଷଣ ବେକ୍ଷଣ ଖର୍ଚ୍ଚ ନାଁରେ ଏକଶହରୁ ତିନିଶହ ଟଙ୍କା ମାସିକ ଜୁଲୁମ କରି ଆଦାୟ କରୁଛନ୍ତି। ଟଙ୍କା ନଦେଲେ ପାଣି ବନ୍ଦ କରିଦିଆଯିବ ଧମକ ମଧ୍ୟ ଦିଆଯାଉଛି। ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ପ୍ରତି ହିତାଧିକାରୀଙ୍କୁ ମାଗଣାରେ ପାଇପ ଜଳ ସଂଯୋଗ ଦେବାର ନିୟମ ଅଛି। ଘର କିମ୍ବା ଦୋକାନ ଭିତରେ ଟ୍ୟାପ ଲଗାଇବା ପାଇଁ କେବଳ ହିତାଧିକାରୀଙ୍କୁ ନିଜ ଖର୍ଚ୍ଚରେ କରିବାକୁ ପଡିବ। ରାସ୍ତାରୁ ଘର ପର୍ଯ୍ୟନ୍ତ ସଂଯୋଗ ପାଇଁ ଗୋଟିଏ ଟଙ୍କା ବି ନେବା ବେଆଇନ। ଅଞ୍ଚଳବାସୀଙ୍କ ଦାବି ଯେଉଁମାନଙ୍କ ଠାରୁ ଧମକ ଦେଇ ଟଙ୍କା



ଆଦାୟ କରାଯାଇଛି ସେମାନଙ୍କୁ ତାଙ୍କ କଷ୍ଟ ଅର୍ଜିତ ଟଙ୍କା ଫେରସ୍ତ କରାଯାଉ, ଚାନ୍ଦା ଆଦାୟ କରୁଥିବା ଦଲାଲ ଓ ମୁଖ୍ୟ କାର୍ପେଟଦାର କୁହାଯାଉଥିବା କମିଟିର ମୁଖ୍ୟକୁ ଗିରଫ କରାଯାଉ, ପଞ୍ଚାୟତରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବସୁଧା ଯୋଜନା ମାଗଣା ବୋଲି ପ୍ରଚାର କରାଯାଉ। ଏନେଇ ସନ୍ତୋଷପୁର ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର କହିଛନ୍ତି,ମୋ ପାଖକୁ ଏମିତି ଅଭିଯୋଗ ଆସିଛି, ମୋ ଜ୍ଞାତରେ ହିତାଧିକାରୀଙ୍କ ଠାରୁ ସର୍ବାଧିକ ୬୦ ଟଙ୍କା ରକ୍ଷଣା ବେକ୍ଷଣ ପାଇଁ ଆଦାୟ କରାଯାଉଛି ତା ଠାରୁ ଯଦି କେହି ଅଧିକ ଅର୍ଥ ମାଗୁଛି ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ଏବଂ ଆଜିଠାରୁ ସମ୍ପୂର୍ଣ ମାଗଣାରେ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି। ପ୍ରକାଶ ଖାଉକି ଏହି ଚାନ୍ଦା ଆଦାୟ ପଛରେ କେବଳ କମିଟି ନୁହେଁ, ଏକ ସଂଗଠିତ ରାକେଟ କାମ କରୁଛି। ଭାଇରାଲ ଭିଡିଓ ଓ ଚାନ୍ଦା ଆଦାୟକାରୀଙ୍କ ବୟାନ ଅନୁଯାୟୀ ସ୍ପଷ୍ଟ ହେଉଛି ଯେ, ହିତାଧିକାରୀଙ୍କଠାରୁ ଜୁଲୁମ କରି ଶହେ ରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଛି, ଯଦି ଚାନ୍ଦା ନ ଦିଅନ୍ତି ତାହେଲେ ପାଣି ବନ୍ଦ କରିଦିଆଯିବ ବୋଲି ଧମକ ମଧ୍ୟ ଦିଆଯାଉଛି। ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ କିଛି ଅସାଧୁ ଲୋକ ବାଟମାରଣା କରି ଲୋକଙ୍କ ଠାରୁ ଲୁଟୁଛନ୍ତି। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଓ କଣ କାର୍ଯ୍ୟାନୁଷ୍ଠାନ ନେଉଛି ଦୋଷୀଙ୍କ ବିରୋଧରେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାଲେଶ୍ୱର,୧।୬(ସମିସ): ମିଳିତ ନିଶା ନିବାରଣ ଅଭିଯାନ ଏବଂ ସିଦ୍ଧିବିନାୟକ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ମନାର ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆତିଥ୍ୟ ଭବନ ପରିସରରେ 'ବିଶ୍ୱ ତମାଖୁ ବର୍ଜନ ଦିବସ'ପାଳିତ ହୋଇଯାଇଛି। ମନାର ସାଧାରଣ ସମ୍ପାଦିକା ମମତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିନାକ୍ଷୀ ରାୟ ଯୋଗଦେଇ ପିଲାମାନଙ୍କୁ ତମାଖୁର ଶରୀର ଉପରେ ପ୍ରଭାବ ଓ ତା'ର ଭୟାବହ ପରିଣତି ବିଷୟରେ ବୁଝାଇଥିଲେ। ମନାର ବରିଷ୍ଠ ଉପଦେଷ୍ଟା ତଥା ରୋଟାରିୟାନ ସୁବ୍ରତ କର ଯୋଗଦେଇ ସରକାରଙ୍କର ନୀତି ଓ ସମାଜରେ ତା'ର ପ୍ରଭାବ ଉପରେ ଆଲୋଚନା କରିବା ସଙ୍ଗେସଙ୍ଗେ ସରକାର ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଉଦ୍ୟମ କରିବାର ଆବଶ୍ୟକତା ଅଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା,ଡ. କ୍ଷିତୀଶ୍ୱର ଦାଶ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ମନାର ଉପସଭାପତି ଅର୍ଚ୍ଚନା ନନ୍ଦୀ ତମାଖୁ ସେବନର କୁପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ରଷିକା ପଣ୍ଡା, ସ୍ୱସ୍ତିକା କୁମାରୀ ସାହୁ, କାବ୍ୟା ପଣ୍ଡା, ଆଶୁତୋଷ ଶତପଥୀ, ଗୀତାଞ୍ଜଳି ମହାପାତ୍ର ଓ ଜ୍ୟୋତିଶ୍ରୀ ଜେନା ନିଶା ବର୍ଜନ ଉପରେ ନିଜନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ରବି କୁମାର ପାଣିଗ୍ରାହୀ, ଶୁଭଙ୍କର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଭାକର ସାହୁ, ଦୟାନିଧି ମହାପାତ୍ର, ରମେଶ ଚନ୍ଦ୍ର ଜେନା, ପଦ୍ମଲୋଚନ ଦତ୍ତ, ଭାସ୍କର ମିଶ୍ର, ଭାରତୀ ପଣ୍ଡା, ଶଶାଙ୍କ ଶେଖର ଦତ୍ତ, କ୍ରୀଷ୍ଣା ସାହା, କଲ୍ୟାଣୀ ନନ୍ଦ, କ୍ରିଷ୍ଣା ପ୍ରଧାନ, ଶାନ୍ତି ବିସି, ସୁବ୍ରତା ମହାନ୍ତି, ସ୍ନେହଲତା ପତି, ବାସନ୍ତୀ ଦେ, ପ୍ରଶାନ୍ତି ସାହୁ, ପ୍ରଭୁଦତ୍ତ ସାହୁ, ଗଙ୍ଗାଧର ପୃଷ୍ଟି, ଯୋଗେଶ ଚନ୍ଦ୍ର ପ୍ରଧାନ, ବେଣୁଧର ସାହୁ, ମହମ୍ମଦ ଇସଲାମ, ସଚୀନ୍ଦ୍ର ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବା ବେଳେ କେଶବ ଚରଣ ପଣ୍ଡା ବେଦପାଠ କରିଥିଲେ। ସରସ୍ୱତୀ ପଣ୍ଡା ଅର୍ପଣ ଦେଇଥିଲେ।

## ସିଆଇଟିୟୁ କାର୍ଯ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୧।୬ (ସମିସ) : ଜାତୀୟ ଚାଳକ ଦିବସ ଅବସରରେ ଏଠାରୁ ମାତ୍ର ୩ କିମି ଦୂର, ସୋମନାଥପୁରସ୍ଥିତ ସିଆଇଟିୟୁ ୟୁନିଅନ ଅଫିସ ରେ ପ୍ରଥମେ ଟ୍ୟାଙ୍କ୍ ଲ୍ୟାରୀ ୱାର୍କର୍ସ ୟୁନିଅନ୍ ର ସାଧାରଣ ସମ୍ପାଦକ ବିଜୟକୁମାର ପାତ୍ର ଲାଲ ପତାକା ଉତ୍ତୋଳନ କରିଥିଲେ। ତାପରେ କାର୍ଯ୍ୟାଳୟରେ ଚାଳକ ଦିବସ ଉପରେ ଆଲୋଚନା କରାଯାଇଥିଲା। ଦେଶର ଚାଳକ ମାନେ ହେଉଛନ୍ତି ବିଶ୍ୱକର୍ମା। ଚାଳକ ମାନେ ଗାଡି ନ ଚଳାଇଲେ ଦେଶ ଚାଲିବ ନାହିଁ। କିନ୍ତୁ ସରକାର ସେମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରୁ ନାହାଁନ୍ତି କି ସେମାନେ କିଭଳି ଭାବେ ଭବିଷ୍ୟତରେ ଶାନ୍ତି ରେ ରହିବେ ସେଥିପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଶ୍ରମିକ ବିରୋଧି ହେତୁ ଡ୍ରାଇଭରଙ୍କ ଉନ୍ନତି ହେଉ ନାହିଁ। ଆଗାମୀ ଦିନରେ ନିଜର ହକ୍ ପାଇଁ ଏକଜୁଟ ହୋଇ ଲଢେଇ କରିବା ପାଇଁ ଶପଥ ନେବା ପାଇଁ ଶ୍ରୀ ପାତ୍ର ଡ୍ରାଇଭରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେକ୍ ମୋବାରକ, ଗୌରାଙ୍ଗ ଖିଲାର, ନିତ୍ୟାନନ୍ଦ ମଲ୍ଲିକ, ସେକ୍ ଜାନୁ, ଶମ୍ଭୁନାଥ ନାୟକଙ୍କ ସମେତ ସଂଘର ବହୁ ସାଥୀ ଉପସ୍ଥିତ ଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାଲେଶ୍ୱର,୧।୬ (ସମିସ): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ବିଷୟବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଯୁବ ରେଡକ୍ରସ କାଉନସେଲର ଶ୍ରବଣ ନାୟକ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ପ୍ରେମାନନ୍ଦ ସେଠୀ ଓ ବିଷୟ ବିଶେଷଜ୍ଞ ଭାବରେ ଅଧ୍ୟାପକ ବିଜୟ କୁମାର ବେହେରା ଓ ଅଧ୍ୟାପିକା ଇତିଶ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇ ତମାଖୁ ସେବନର ଭୟାବହତା, କୁପରିଣାମ ଓ ଆର୍ଥିକ କ୍ଷୟକ୍ଷତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ସଞ୍ଜୟ ପ୍ରଧାନ, ବିକାଶ ମହାପାତ୍ର, ପ୍ରିୟବ୍ରତ ମୁର୍ମୁ, କାନ୍ଦନ ହେମ୍ବ୍ରମ ଓ ରିଙ୍କି ମାଇତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀ ରଣଜିତ୍ ତପସ୍ୱୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ତା କଂଗ୍ରେସର ମିଶ୍ରଣ ପର୍ବ

ରାଜଘାଟ, ୧।୬ (ସମିସ): ରବିବାର ବସ୍ତା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ "ମିଶ୍ରଣ ପର୍ବ' ରେ ଅନ୍ୟ ଦଳ ଛାଡି ୨ଶହ ରୁ ଅଧିକ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ବ୍ରାହ୍ମଣଦା ପଞ୍ଚାୟତ ବରୁଣ ଗଡିଆ ଗ୍ରାମ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଜିଲ୍ଲା ଉପସଭାପତି ସୁଧାଂଶୁ ଶେଖର ଜେନା ଙ୍କ ପରିଚାଳନା ରେ ବ୍ରାହ୍ମଣଦା ପଞ୍ଚାୟତର ବହୁ କର୍ମୀ ଓ ନେତୃତ୍ୱ ଅନ୍ୟ ଦଳ ଛାଡି ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବ ରେ ଜିଲ୍ଲା କଂଗ୍ରେସ ଉପସଭାପତି ମନୋଜ ମହାନ୍ତି ରବୀନ୍ଦ୍ର ଦାସ,ପ୍ରଭାଶ ମଣ୍ଡଳ, କିଶୋର କୁମାର ପାଳ, ଜୟନ୍ତ ମହାପାତ୍ର, ସୃଷ୍ଟି ଧର ମହାଳିକ, ଶମ୍ଭୁନାଥ ବିଶ୍ୱାଳ ମଞ୍ଚାସୀନ ଥିଲେ।

## ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି

ବାଲେଶ୍ୱର,୧।୬(ସମିସ): ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ଜନଶୁଣାଣୀ ଅଭିଯୋଗ ଅନୁଷ୍ଠିତ ହୋଇଛି। ବିଶେଷ କରି ଏହି ଶିବିରରେ ମୋଟ ୧୬୭ଟି ଅଭିଯୋଗ ଗ୍ରହଣ କରାଯାଇ ତା ଉପରେ ଶୁଣାଣୀ କରାଯାଇଥିଲା। ସେଥିମଧ୍ୟରୁ ୧୩୦ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୧୮ ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୧୯ ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଥିଲା। ଏହାବ୍ୟତିତ ୨୭ ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅମୂଲ୍ୟ କୁମାର ଦାସ, ସଦର ବିଡ଼ିଓ ଉତମ କୁମାର ଜେନା,ସଦର ତହସିଲଦାର ଅନିଲ କୁମାର ମହାନ୍ତି, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶିରୀୟାଲ ଶୁଭ୍ର ପଟେଲ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ବିଶେଷ କରି ଆଜି ଆର୍ଥିକ ସହାୟତା ହେଉ,ନୂତନ ବାର୍ଦ୍ଧକ୍ୟ ଭତା ହେଉ କିମ୍ବା ଆର୍ଥିକ ସହାୟତା ହେଉ ଆଦି ଉପରେ ଅଭିଯୋଗ ହୋଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର,୧।୬ (ସମିସ): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷା କର୍ମଚାରୀ ଦ୍ୱିଜେନ୍ଦ୍ର ପ୍ରସାଦ ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି



ସମ୍ବର୍ଦ୍ଧନା ସଭାରେ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସୁରେନ୍ଦ୍ର କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସର୍ବପ୍ରଥମେ ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା କର୍ମଚାରୀ ସ୍ୱର୍ଗତ ସଂଜୀବ କୁମାର ଦାସଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ଡକ୍ଟର ବିଶ୍ୱାଳ, ଷ୍ଟାଫ ଆସୋସିଏସନ ସମ୍ପାଦକ ତଥା ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ସତ୍ୟ ନାରାୟଣ ସାହୁ, ଅଧ୍ୟାପିକା ଡକ୍ଟର ରଞ୍ଜିତାବାଳା ମହାପାତ୍ର, ଶିକ୍ଷା କର୍ମଚାରୀ କୈଳାସ ବାରିକ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଦ୍ୱିଜେନ୍ଦ୍ର ପ୍ରସାଦ ଦାସଙ୍କର ସୁଗୁଣାବଳୀ ତଥା ତାଙ୍କର ଧର୍ମପରାୟଣାତା, ସାଧୁତା, କର୍ତ୍ତବ୍ୟନିଷ୍ଠା ଓ ଉତ୍ତମ ବ୍ୟବହାର ବିଷୟରେ ବର୍ଣନା କରିଥିଲେ। ଅଧ୍ୟକ୍ଷ ଶ୍ରୀ ବେହେରା ତାଙ୍କୁ ମାନପତ୍ର, ଉପଢୌକନ ଏବଂ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ବିଭାଗ ପଜିଟି କୁମାରୀ ଇତିଶ୍ରୀ ମହଲା ମାନପତ୍ର ପାଠ କରିଥିବା ବେଳେ ବାଣିଜ୍ୟ ବିଭାଗ ପିଜିଟି କସ୍ତୁରୀ ପଲତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାର ସଫଳତା ପାଇଁ ଅଧ୍ୟାପକ ଅଜୟ କୁମାର ବାରିକ, ସୁଶାନ୍ତ କୁମାର ରାଉଳ, ସନ୍ଧ୍ୟାରାଣୀ ଜେନା, ଡିଇଓ ଭରତ ଚନ୍ଦ୍ର ମାହାନା, କର୍ମଚାରୀ ଅଣାକର ନାୟକ ଓ ଭରତ ଚନ୍ଦ୍ର ବାରିକ ସହଯୋଗ କରିଥିଲେ।

## ଗ୍ରୀଷ୍ମକାଳୀନ ଫୁଟବଲ ତାଲିମ ଶିବିର



ବାଲେଶ୍ୱର, ୧।୬ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଓ ରାଜ୍ୟ ଫୁଟବଲ ସଂଘ ମିଳିତ ଆନୁକୂଲ୍ୟରେ ପରମିଟ ପଡିଆ, ନୂଆ ଷ୍ଟାଡିୟମଠାରେ କନିଷ୍ଠ ବାଳକ ଓ ବାଳିକାଙ୍କ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିରରେ ୧୮ ଜଣ ବାଳକ ଓ ୧୭ ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ଶିବିରରେ ଦକ୍ଷ ଫୁଟବଲ ପ୍ରଶିକ୍ଷକ ମାନେ ଖେଳାଳି ମାନଙ୍କୁ ଫୁଟବଲ ଖେଳର କୌଶଳ ଓ ଶାରିରୀକ ଦକ୍ଷତା ବିଷୟରେ ତାଲିମ ଦେଇଥିଲେ। ଭବିଷ୍ୟତରେ ଯେପରି ଭଲ ଫୁଟବଲ ଖେଳାଳି ହୋଇପାରିବେ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରକୁ ପ୍ରଦିପ କୁମାର ଦାସ, ଚିରଂଜିତ ମାନା, ସରଫରାଜ ଫିରଦସ, ଗୋପାଳ ସୋରେନ ଏବଂ ଗୋପାଳ ସେଠୀ ପରିଚାଳନା କରିଥିଲେ। ଏହି ଶିବିର ମେ ମାସ ୧୫ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଉଦ୍‌ଯାପନୀ ସଭାରେ ଜିଲ୍ଲା କ୍ରୀଡା ସଂଘ ଉପ ସଭାପତି ଜଗଦିଶ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ନିମାଇଁ ଚରଣ ରାଉତ ରାୟ, ଜନ୍ମଜୟ ଦେ ଓ ଗୋପଳ ସେଠୀ, ପ୍ରଦିପ କୁମାର ଦାସ, ଦିଲ୍ଲୀପ ଜେନା, ସ୍ୱପ୍ନେନ୍ଦୁ ଆଚାର୍ଯ୍ୟଙ୍କ ସମେତ ସଭ୍ୟ, କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବ୍ୟାସକବି ଫକୀରମୋହନ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ସମ୍ପର୍କରେ ଅରୁଚିକର ମନ୍ତବ୍ୟର ଦୃଢ଼ ନିନ୍ଦା




ବାଲେଶ୍ୱର,୧।୬(ସମିସ): ବାଲେଶ୍ୱର ସିଭିଲ ସୋସାଇଟି ଆହ୍ୱାନରେ ଆଜି ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ବହୁ ସାମାଜିକ, ସାଂସ୍କୃତିକ ଓ ଗଣ ସଙ୍ଗଠନ ନେତୃତ୍ୱଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ବ୍ୟାସକବି ଫକୀରମୋହନ ସେନାପତି ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବିରୋଧରେ ବିଜେପି ଯୁବମୋର୍ଚ୍ଚାର ନେତା ଅଭିଲାଷ ପଣ୍ଡା ଦେଇଥିବା ଅପମାନଜନକ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରାଯାଇଛି। ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏହି ଦୁଇ ମହାପୁରୁଷଙ୍କ ତ୍ୟାଗ ଓ ଭୂମିକାକୁ ଶ୍ରୀ ପଣ୍ଡା ଅପମାନିତ କରିଛନ୍ତି ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଏ ଘଟଣା କେବଳ ବାଲେଶ୍ୱରବାସୀଙ୍କ ମଧ୍ୟରେ ନୁହେଁ ସମସ୍ତ ଓଡ଼ିଆ ଭାଷାଭାଷୀ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଛି। ତେଣୁ ଶ୍ରୀ ପଣ୍ଡାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମହାପୁରୁଷମାନଙ୍କ ପ୍ରତି ଯଥାର୍ଥ ସମ୍ମାନ ରକ୍ଷା କରିବାସହ ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ଅନ୍ୟଥା ଏହି ଘଟଣାକୁ ନେଇ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ,ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସମ୍ପାଦକ ମନୋଜ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାକାରୀ ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିବା ପରେ ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଦୀପ କୁମାର ଚାଟାର୍ଜୀ, ସୀତାଂଶୁ ସେନାପତି, ଦିଲ୍ଲୀପ କୁମାର ଗିରି, ଭାଗବତ ପ୍ରତିହାରୀ, ନିର୍ମଳ ନାୟକ, ନିରଞ୍ଜନ ପରିଡ଼ା, ମଳୟ ରାୟ, ଜ୍ୟୋତ୍ସ୍ନା ସେନାପତି, ଅରୁଣ ଜେନା, ରାଜେଶ ଗିରି, ଶରତ ଚନ୍ଦ୍ର ଦଳାଇ, ଶ୍ୟାମସୁନ୍ଦର ଜେନା, ସନ୍ତୋଷ ସାହୁ, କମଳାକାନ୍ତ ବେହେରା ଓ ପ୍ରମଥ ପ୍ରମାଣିକ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ବରପୁତ୍ରମାନଙ୍କୁ ଅପମାନିତ କରିଥିବା ବ୍ୟକ୍ତିଙ୍କ ବିରୋଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପ୍ରେମରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

## ପର୍ଶୁରାମ ପାଣିଗ୍ରାହୀଙ୍କ ତିରୋଧାନ ଦିବସ



ସିମୁଳିଆ, ୧।୬ (ସମିସ): ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀର ମାଟିର ଗର୍ବ ଓ ଗୌରବ, ବିଶ୍ୱକର୍ମା, ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ୧୨ତମ ତିରୋଧାନ ଦିବସ ସ୍ୱର୍ଗତ ପାଣିଗ୍ରାହୀଙ୍କ ପୀଠରେ ଏକ ସଭା ଆୟୋଜିତ ହୋଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସିମୁଳିଆ-ଖଇରାର ନିର୍ବାଚନ ମଣ୍ଡଳୀର ଗର୍ବ ଓ ଗୌରବ ପର୍ଶୁରାମ ପାଣିଗ୍ରାହୀଙ୍କ ସୁପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ଦଳର କର୍ମୀ. ବୁଦ୍ଧିଜୀବୀ, ସରପଞ୍ଚ. ସମିତି ସଭ୍ୟ. ସଭ୍ୟା ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଅବିସ୍ମରଣୀୟ ଅବଦାନ, ଦୂରଦର୍ଶୀ ନେତୃତ୍ୱ ଓ ସମାଜ ପ୍ରତି ତାଙ୍କର ନିଷ୍ଠାପର ସେବାକୁ ସ୍ମରଣ କରିଥିଲେ।

## ୩ରୁ 'ନାୟିକା'ର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ




ବାଲେଶ୍ୱର,୧।୬ (ସମିସ): 'ନାୟିକା' ତାର ୨୧ ତମ ବାର୍ଷିକ ଉତ୍ସବ ଓ ନବମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆସନ୍ତା ୩ ତାରିଖ ବୁଧବାର ଠାରୁ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ସଂଧ୍ୟାରେ ନାୟିକା ବାଲେଶ୍ୱର ତାରା ନୂତନ ନାଟକ " ଆବର୍ତ୍ତନ " ମଞ୍ଚସ୍ଥ କରିବ। ଯାହାକୁ ରଚନା କରିଛନ୍ତି ନବୀନ ପରିଡ଼ା ଏବଂ ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଛନ୍ତି ସୁସ୍ମିତା ରଣା ପଟ୍ଟନାୟକ। ଦ୍ୱିତୀୟ ସଂଧ୍ୟାରେ ପରିବେଷଣ ହେବ "ନାଟକ ଭିନ୍ନ ଏକ ନିଷ୍ପତ୍ତି' ଯାହାକୁ ରଚନା କରିଛନ୍ତି ଅଶୋକ ବହିଦାର ଓ ନିର୍ଦ୍ଦେଶନା ଦେଇଛନ୍ତି ସୁଜିତ୍ କୁମାର ପାତ୍ର। ପରିବେଷଣ କରିବେ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ, ଦେବଗଡ଼ ର କଳାକାରମାନେ। ତୃତୀୟ ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ନାଟ୍ୟ ଶାଳାର କଳାକାର ମାନେ ମଞ୍ଚସ୍ଥ କରିବେ ନାଟକ ପରିଣତି। ଯାହାକୁ ରଚନା କରିଛନ୍ତି ସଞ୍ଜୟ ହାତି ଓ ନିର୍ଦ୍ଦେଶନା ଦେଇଛନ୍ତି ଲକ୍ଷ୍ମୀଧର ପୂଜାପଣ୍ଡା। ଶେଷ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ନାଟକ କୁହୁଡି। ଯାହାକୁ ରଚନା କରିଛନ୍ତି ଗୋପୀନାଥ ବାରିକ ଓ ନିର୍ଦ୍ଦେଶନା ଦେଇଛନ୍ତି ଅବକାଶ ମିଶ୍ର। ଏହାକୁ ପରିବେଷଣ କରିବେ ଭୁବନେଶ୍ୱରର ନାଟ୍ୟ ଅନୁଷ୍ଠାନ ବିଦ୍ୟା କନକ ସୃଜାନୁଷ୍ଠାନର କଳାକାର ମାନେ। ଏହା ବ୍ୟତୀତ ଓଡ଼ିଶା ନାଟ୍ୟ ସଂଘ ଓ ନାୟିକା ବାଲେଶ୍ୱର ଦ୍ୱାରା ଆୟୋଜିତ ପ୍ରଯୋଜନା ଭିତ୍ତିକ ନାଟ୍ୟ କର୍ମଶାଳା ର କଳାକାର ମନଙ୍କୁ ୩ ତାରିଖ ଦିନ ମାନପତ୍ର ପ୍ରଦାନ କରାଯିବ ତତ୍ ସହିତ ପ୍ରତିଦିନ ସଂଧ୍ୟା ରେ ନାଟକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ବହୁ ସଂଖ୍ୟାରେ ଯୋଗ ଦେଇ ନାଟକ ମହୋତ୍ସବକୁ ସଫଳ କରିବା ପାଇଁ 'ନାୟିକା ବାଲେଶ୍ୱର' ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ବରିଷ୍ଠ ବିଜେଡି ନେତାଙ୍କ ପରଲୋକ



ସୋର, ୧।୬ (ସମିସ): ସୋରର ବରିଷ୍ଠ ବିଜେଡି ନେତା ଡାକ୍ତର ପ୍ରଭାତ କୁମାର ଚକ୍ରବର୍ତ୍ତୀ ଆଜି ପୂର୍ବାହ୍ନରେ ହୃଦଘାତରେ ଆକ୍ରାନ୍ତ ହେବାରୁ ବାଲେଶ୍ୱର ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ଖବର ପ୍ରସାରିତ ହେବା ପରେ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଅବସର ନେବା ପରେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଜୀବନର ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେ ବିଜେଡିରେ ସୋର ବ୍ଲକର ସଭାପତି ଭାବେ ୨ ଥର ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ ତୁଲାଇଥିଲେ ଏବଂ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଖବରପାଇ ସୋର ବିଧାୟକ ମାଧବ ଧଡ଼ା, ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କମଳାକାନ୍ତ ଘଡାଇ, ପ୍ରଦୀପ ଦାଶ, ରବୀନ୍ଦ୍ର ବେହେରା, ସୁକାନ୍ତ ମିଶ୍ର, ଜିତେନ୍ଦ୍ର ଉପାଧ୍ୟାୟ, ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅରଡ଼ବଜାର ବସ୍ତି ଉଚ୍ଛେଦକୁ ନେଇ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଫେରାଦ

ବାଲେଶ୍ୱର,୧।୬(ସମିସ)



ବାଲେଶ୍ୱର ସହରରେ ଏବେ ସରକାରୀ ସ୍ଥାନରେ କରାଯାଇଥିବା ଜବରଦଖଲକୁ ଉଚ୍ଛେଦ କରାଯାଉଛି। କିଛିଦିନ ତଳେ ଅରଡବଜାର ଛକ ଠାରୁ ନୁଣିଆଯୋଡି ପୋଲ ପର୍ଯ୍ୟନ୍ତ ବାମ ପଟରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପରେ ଷ୍ଟେସନ ଛକ ଠାରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏବେ ପୁଣି ଅରଡବଜାର ଠାରୁ ନୁଣିଆଯୋଡି ପୋଲ ପର୍ଯ୍ୟନ୍ତ ଡାହାଣ ପାଶ୍ୱର୍ରେ ଥିବା ସମସ୍ତ ଜବର ଦଖଲକୁ ଉଚ୍ଛେଦ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ଆଜି ୫ଶହରୁ ଅଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟିବା ସହ ଆଉ କିଛି ଦିନ ମହଲତ ଦେବା ପାଇଁ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ସେମାନେ ଅରଡବଜାର ବସ୍ତିର ବାସଭୂମିହୀନ ବାସିନ୍ଦା ଅଟନ୍ତି। ସେମାନଙ୍କର କୌଣସି ସ୍ଥାୟୀ ଘର ନଥିବାରୁ ସେମାନେ ରେଲୱେ ଲାଇନ ପାଖ ସରକାରୀ ରେଲୱେ ଜାଗାରେ ପାଖାପାଖି ୫ଶହ ପରିବାର ବର୍ଷ ବର୍ଷ ଧରି ବସବାସ କରୁଛନ୍ତି। ସେମାନେ ସମସ୍ତେ ଦାରିଦ୍ର ସୀମାରେଖା ତଳେ ଥାଇ ଖଟିଖିଆ ଓ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ରେଳ ବିଭାଗର ନିର୍ଦ୍ଦେଶ ଅନୁସାରେ ଉକ୍ତ ବସ୍ତିକୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ହୋଇଛି। ହେଲେ ବର୍ତ୍ତମାନ ସମୟରେ କାଳବୈଶାଖୀର ପ୍ରଭାବ ତଥା ପ୍ରଚଣ୍ଡ ତାତି ଓ ଖରା ଏବଂ ଅଦିନିଆ ବର୍ଷା ପାଇଁ ଏହି ସମସ୍ତ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ କୌଣସି ଆବାସ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସମସ୍ତ ପରିବାର ଏବେ କଣ କରିବେ ଏବଂ କେଉଁଠି ପରିବାରଙ୍କୁ ଥଇଥାନ କରିବେ ସେମାନଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି ହୋଇଛି। ଏଣୁ ସେମାନଙ୍କ ବସବାସକୁ ଅଗ୍ରାଧିକାର ଦେଇ ପ୍ରଥମେ ସେମାନଙ୍କୁ ଥଇଥାନ କରିଲେ ସେମାନେ ସ୍ୱଇଛାରେ ସେଠାରୁ ପଳାଇଯିବେ। ଏହି ନେଇ ଜିଲ୍ଲାପାଳ ସେମାନଙ୍କୁ ଆସନ୍ତା ମାସ ୧୫ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିବା କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ୧୮ ନମ୍ବର ୱାର୍ଡ କାଉନସିଲର ସେକ ଅନୱାର, କାର୍ତ୍ତିକ ବେହେରା, ଗଣେଶ ନାୟକ, ସୁରେନ୍ଦ୍ର ଦଳାଇ, ସୁନୀଲ ମୁର୍ମୁ, ସୁକାଇ ବିନ୍ଧାଣୀ, ମନୋରଞ୍ଜନ ମହନ୍ତ, ରାଜେଶ ବେହେରା, କାହ୍ନା ଦଳେଇ, କୈଳାସ ବେହେରା, ମୀନତି ଲତା ଓଝା, ରଞ୍ଜିତା ସିଂ, ଦୁର୍ଗା ଟୁଡୁ, ସୁମତି ମହାନ୍ତି, ଚମ୍ପା ମୁର୍ମୁ, ରାଇମଣୀ ଟୁଡୁ, ରେବତୀ ଦଳାଇ, ମନ୍ଦାକିନି ଦଳେଇ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭତ୍ତା ଟଙ୍କା ନ ମିଳିବାରୁ ହିତାଧିକାରୀଙ୍କ ଧାରଣା

କାଳିପଦା,୧୬ (ସମିସ): ବାଲିଆପାଳ ବ୍ଲକ ଜାମ କୁଣ୍ଡା ପଞ୍ଚାୟତର ଭତ୍ତା ପାଉଥିବା ହିତାଧିକାରୀ ମାନେ ଦୁଇ



ମାସ ହେବ ସେମାନଙ୍କ ଭତ୍ତା ଟଙ୍କା ପାଇ ନାହାଁନ୍ତି। ଫଳରେ ସେମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର, ଔଷଧ ପତ୍ର ଆଦି କିଣି ପାରୁ ନାହାଁନ୍ତି। ପୂର୍ବରୁ ଭତ୍ତା ଟଙ୍କା ହିତାଧିକାରୀ ମାନେ ମାସକୁ ମାସ ନିୟମିତ ପାଉଥିଲେ। ଏନେଇ ସେମାନେ ସ୍ଥାନୀୟ ସରପଞ୍ଚଙ୍କୁ କହି ଆସିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଚାରି ଆଡୁ ନିରାଶ ହେବା ପରେ ସେମାନେ ବାଧ୍ୟ ହୋଇ ସୋମବାର ବ୍ଲକକୁ ଆସି ଧାରଣା ଦେଇଥିଲେ। ବିଡ଼ିଓ ରାଧା ରଞ୍ଜନ ଦାସ ଇ - ସଂଯୋଗରେ କେତେକ ତ୍ରୁଟି ପାଇଁ ଭତ୍ତା ମିଳିବାରେ ବିଳମ୍ବ ହୋଇଛି ବୋଲି କହିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଇବେ ବୋଲି ପ୍ରତି ଶ୍ରୁତି ଦେବାରୁ ହିତାଧିକାରୀ ମାନେ ଧାରଣାରୁ ଉଠିଥିଲେ। ଏହି ଧାରଣାରେ ମନୋରମା ପ୍ରାମାଣିକ, ସୁଭଦ୍ରା ଦାସ, ମିନତି ମହାକୁଡ଼,କନକ ଲତା ବେହେରା, ଜୟନ୍ତୀ ପ୍ରାମାଣିକ,ଚମ୍ପା ଗଙ୍ଗାଇ, ଶକୁନ୍ତଳା ମଙ୍ଗରାଜ, ଅନନ୍ତ କୁମାର ଦାସ, ଗଙ୍ଗାଧର ବାରିକ,ସୁମତି ପ୍ରଧାନ, ଗୌରାଙ୍ଗ ରଣା,ସୁମତି ସାହୁ, ବାସନ୍ତୀ ପ୍ରଧାନ, ଲକ୍ଷ୍ମୀଧର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏହି ଉଦ୍ଦେଶ୍ୟରେ ହିତାଧିକାରୀ ମାନେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବିଶାଳ ଜନସମାବେଶ

# 'ମରିବୁ ପଛେ ଇଞ୍ଚେ ଭିଟାମାଟି ଛାଡ଼ିବୁ ନାହିଁ'

ଲଙ୍ଗଳେଶ୍ୱର/କାଳିପଦା, ୧୬ (ସମିସ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜମ୍ବିରାଇ ପଞ୍ଚାୟତ ଅନ୍ତର୍ଗତ ମକର ପଡିଆ ଠାରେ ଉପକୂଳ ଭିଟା ମାଟି ସୁରକ୍ଷା କମିଟି ତରଫରୁ ବିଶାଳ ଜନ ସମାବେଶ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଞ୍ଚଳରେ ପେଟ୍ରୋକେମିକାଲ୍ସ କମ୍ପାନୀ ସମେତ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରଶାସନ ପକ୍ଷରୁ ସମୁଦ୍ର ଉପକୂଳବର୍ତ୍ତୀ ଶହ ଶହ ଏକର ସରକାରୀ ଜାଗାକୁ ଉଚ୍ଛେଦ କରାଯିବା ଆଶଙ୍କା କରି ଆଜି ହଜାର ହଜାର ସଂଖ୍ୟାରେ ପୁରୁଷ ଏବଂ ମହିଳା ଏକତ୍ରିତ ହୋଇଛନ୍ତି। ମରିବୁ ପଛେ ଇଞ୍ଚେ ଭିଟାମାଟି ଛାଡିବୁ ନାହିଁ ବୋଲି ଶପଥ



ନେବା ସହ ମହିଳା ମାନେ ଶଙ୍ଖ ବଜାଇ ପ୍ରତିବାଦ କରିଥିଲେ। ଏଠାକାର ଲୋକେ ଧାନ, ପାନ, କାଜୁ, ନଡିଆ, ଚିନାବାଦାମ ଏବଂ ମତ୍ସ୍ୟ ଚାଷ ସମେତ ସମୁଦ୍ରରୁ ମାଛ ମାରି ଜିବୀକା ନିର୍ବାହ କରିବା ସହ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି। ତେଣୁ ଏହି ଅଞ୍ଚଳ ରେ କୌଣସି ପ୍ରକାର ର କମ୍ପାନୀ କରାଇ ଦେବୁ ନାହିଁ, ଯଦି ସରକାର ଚାହୁଁଛନ୍ତି ପର୍ଯ୍ୟଟନସ୍ଥଳୀ ର ବିକାଶ କରିବା ସହ ଦୀର୍ଘ ବର୍ଷ ଧରି ସରକାରୀ ଜାଗା ରେ ବସବାସ କରି ଆସୁଥିବା ପରିବାରକୁ ବନ୍ଦୋବସ୍ତ ଅଧିନିୟମ ଅନୁସାରେ ଜମି ପଟ୍ଟା ପ୍ରଦାନ କରନ୍ତୁ, ବିକାଶ ନାମ ରେ କମ୍ପାନୀ ପ୍ରତିଷ୍ଠା କରି ଅଞ୍ଚଳ ର ବିନାଶ ନ କରନ୍ତୁ ବୋଲି ସରକାର ଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମକୁ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଦସ୍ୟ ମହେନ୍ଦ୍ର ବିଶ୍ୱାଳ, ସୁଶାନ୍ତ କୁମାର ସେନାପତି, ମୃତ୍ୟୁଞ୍ଜୟ ରାଉତ, ହରେକୃଷ୍ଣ ସେନାପତି, କମଳାକାନ୍ତ ଜେନା, ଶଚିନ୍ଦ୍ର ପାତ୍ର, ମନ୍ମଥ ଚକ୍ରବର୍ତ୍ତୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଫକୀରମୋହନ ସାହିତ୍ୟ ପରିଷଦ ପାଳିଲା ବ୍ରଜନାଥ ରଥଙ୍କ ପୁଣ୍ୟତିଥି

ବାଲେଶ୍ୱର,୧୬ (ସମିସ): ପ୍ରଥିତଯଶା କବି ତଥା ଅନନ୍ୟ ସ୍ରଷ୍ଟା କବି ଡ଼ଃ ବ୍ରଜନାଥ ରଥଙ୍କ ଦ୍ୱାଦଶ ପୁଣ୍ୟତିଥୀ କବିତୀର୍ଥ ଶାନ୍ତିକାନନରେ ପାଳିତ ହୋଇଯାଇଛି। ବିଶିଷ୍ଟ କବୀ ଡ଼ଃ ମନୋରମା ବିଶ୍ୱାଳ




ମହାପାତ୍ର ମୁଖ୍ୟ ଅତିଥି ଭାବେ, ମୁଖ୍ୟ ବକ୍ତା ଭାବେ କବି ରଥଙ୍କର ପୁତ୍ରପ୍ରତିମ ସାରସ୍ୱତ ସାଧକ କବି ଡ଼ଃ କାଳିକିଙ୍କର ଦାସ ଯୋଗଦେଇ କବି ରଥଙ୍କ ଜୀବନ ସଂଗ୍ରାମ ଓ ସାରସ୍ୱତ ଯାତ୍ରା ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କଲେ। ସେ କହିଲେ ଯେ କବି ବ୍ରଜନାଥ ରଥ ଥିଲେ ମାନବୀୟ ମୂଲ୍ୟବୋଧ ଓ ମାନବବାଦର ସ୍ୱତନ୍ତ୍ର ସ୍ରଷ୍ଟା। ସଂସାରର ଦୁଃଖ, ଦୈନ୍ୟ, ଅନ୍ୟାୟ, ଅତ୍ୟାଚାରକୁ ତାଙ୍କ କବିତା ମାଧ୍ୟମରେ ପରିପ୍ରକାଶ କରି ସୁନ୍ଦର ସଂସାରର ସ୍ୱପ୍ନ ନିର୍ମାଣ କରୁଥିଲେ। ପରିଷଦ ସମ୍ପାଦକ ଡ଼ଃ ରତ୍ନାକର ସିଂହ କବି ରଥଙ୍କ ସମସ୍ତ କୃତି ଓ ସମ୍ମାନ ସବୁର ବିଶେଷ ବିବରଣୀ ପ୍ରଦାନ କରିବା ସହ ସେ ଯେ ବ୍ୟାସକବି ଫକୀରମୋହନଙ୍କ ଯଥାର୍ଥ ଦାୟାଦ- ଏକଥା ଉଲ୍ଲେଖ କରିଥିଲେ। ପରିଷଦର ସଭାପତି ଡ଼ଃ ସୁବାସ ଚନ୍ଦ୍ର ପାତ୍ର ତାଙ୍କର କବି ରଥଙ୍କ ସହିତ ସମ୍ପର୍କକୁ ଉପସ୍ଥାପନ କରି କହିଲେ ଯେ ବ୍ରଜବାବୁ ଆମ ସାରସ୍ୱତ ସଂସାରର ଯଥାର୍ଥ ମୁରବୀ। ମନୋଜ ଦାସ ଓ ବ୍ରଜନାଥ ରଥଙ୍କ ବନ୍ଧୁତ୍ୱକୁ ସ୍ମରଣ କରି ଡ଼ଃ ପାତ୍ର କହିଲେ ଯେ ଜୀବନର ଯଥାର୍ଥ ଭଲପାଇବା ଓ ବନ୍ଧୁତ୍ୱର ମୂଲ୍ୟ ଏମାନଙ୍କ ସମ୍ପର୍କ ଦେଖିଲେ ବୁଝିହୁଏ। ପରିଷଦ ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିଥିଲାବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶରତ କର ଓ ନିଳିମା କର ଫାଉଣ୍ଡେସନ ସଭାପତି ତଥା ପୂର୍ବତନ ଇନକମ ଟାକ୍ସ କମିଶନର ଶୋଭନ କର ସମେତ ରବି ନାରାୟଣ ଦାଶ, କବି ବିମଳ ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କବି ହରିଶ୍ଚନ୍ଦ୍ର ବେହେରା, ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ ଯୋଗ ଦେଇଥିଲେ। ବ୍ରଜନାଥ ରଥଙ୍କ ପରିବାରରୁ ତାଙ୍କ କନ୍ୟା ମନସ୍ୱିନୀ, ଓଜସ୍ୱିନୀ, ଜ୍ୱାଇଁ ମୃତ୍ୟୁଞ୍ଜୟ, ପୁତ୍ର ବ୍ୟୋମନାଥ, ବିଧୁନାଥ, ବ୍ରହ୍ମନାଥ, ପୁତ୍ରବଧୂ ଅନିତା, ସୌଭାଗିନୀ, ଅର୍ଚ୍ଚନା, ନାତୁଣି ଆନନ୍ଦିତା, ନାତୁଣୀ ଜ୍ୱାଇଁ ଅନୁରାଗ ଓ ନାତି ବହ୍ନିମାନ ପ୍ରମୁଖ ଯୋଗ ଦେଇଥିଲେ।

# ଚଢ଼େୟା ନାଟ ମାଧ୍ୟମରେ ଏସ୍ଆଇଆର୍ ସଚେତନତା

ବାଲେଶ୍ୱର,୧୬(ସମିସ): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା



ଅଭିଯାନ ଅବସରରେ "ମା ବାସନ୍ତୀ ଛଢେୟା ନାଟ' ଦଳ ପକ୍ଷରୁ ଏକ ଚଢ଼େୟା ନାଟ ପରିବେଷଣ କରାଯାଇଥିଲା। ଦଳର ନେତୃତ୍ୱ ବିଶିଷ୍ଟ କଳାକାର ମଧୁସୂଦନ ନାୟକ କରିଥିଲେ। ଏହି ନାଟକ ମାଧ୍ୟମରେ ଏସ୍ଆଇଆର୍ ଅଭିଯାନର ବିଭିନ୍ନ ବାର୍ତ୍ତାକୁ ସରଳ ଏବଂ ମନୋରଞ୍ଜନାତ୍ମକ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଦଳର କଳାତ୍ମକ ପରିବେଷଣକୁ ପ୍ରଶଂସା କରିଥିଲେ। "ମା ବସନ୍ତୀ ଛଢେୟା ନାଟ' ଦଳର ସଦସ୍ୟମାନଙ୍କର ଜୀବନ୍ତ ଅଭିନୟ, ସୁନ୍ଦର ସଂଳାପ ଏବଂ ସାମାଜିକ ବାର୍ତ୍ତାଭିତ୍ତିକ ଉପସ୍ଥାପନା ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା।

# ବିର୍ଲା ଟାୟାର୍ସରେ ବାଲେଶ୍ୱର ଜିଲ୍ଲାର ୮୦ ଭାଗ ଯୁବବର୍ଗଙ୍କୁ ନିଯୁକ୍ତି ଦାବି



ବାଲେଶ୍ୱର,୧୬ (ସମିସ): ପାଖାପାଖି ୨୫ ବର୍ଷ ଧରି ବାଲେଶ୍ୱର ର ଅର୍ଥନୀତି, ସାମାଜିକ ଚାଲିଚଳନ ତଥା ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରି ରଖିଥିଲା ଜିଲ୍ଲାର ସର୍ବବୃହତ ଶିଳ୍ପସଂସ୍ଥା ବିର୍ଲା ଟାୟାର୍ସ। ବହୁ ପରିବାର ପ୍ରତିପୋଷଣ ହେବା ସହ ଜିଲ୍ଲାର ଅର୍ଥନୀତି ସମୃଦ୍ଧ ହେବାକୁ ଲାଗିଥିଲା। ମାତ୍ର କିଛିବର୍ଷ ତଳେ ସରକାରୀ ଉଦାସିନତା, କମ୍ପାନୀ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ତଥା ପରିଚାଳନାଗତ ତୃଟିର ଶିକାର ହୋଇ ଉତ୍ତର ଓଡ଼ିଶାର ପ୍ରମୁଖ ଶିଳ୍ପସଂସ୍ଥା ବନ୍ଦ ହୋଇଗଲା। ଯାହା ଖାଲି ବାଲେଶ୍ୱରର ଅର୍ଥନୀତିକୁ କ୍ଷତିଗ୍ରସ୍ତ କଲାନାହିଁ ବରଂ ଏ ଜିଲ୍ଲାର ରାଜନୈତିକ ଗଣିତକୁ ମଧ୍ୟ ବିଗାଡ଼ିଦେଲା। ବିଶେଷ କରି ଗତ ୨୦୨୨ ନଭେମ୍ବର ମାସରେ କମ୍ପାନୀ ନୂଆ ନାମରେ ଡାଲମିଆ ଓ ହିମାଦ୍ରୀ କେମିକାଲର ଯୌଥ ପରିଚାଳନାରେ ଖୋଲିଛି। ହେଲେ ଦୁଃଖ ବିଷୟ ବାଲେଶ୍ୱର ଜିଲ୍ଲାରେ ଯେଉଁଭଳି ଭାବେ ବେକାରୀ ହାର ଓ ଦାଦନ ସମସ୍ୟା ବୃଦ୍ଧି ପାଉଛି। ଆଶା ଓ ବିଶ୍ୱାସ ଥିଲା ଏହାର ପରିମାଣ କମିବ କିନ୍ତୁ ନୂତନ ଭାବେ ଖୋଲିଥିବା କମ୍ପାନୀର କର୍ତ୍ତୃପକ୍ଷଙ୍କ ହେୟଜ୍ଞାନ ମନୋଭାବ ଏ ସମସ୍ୟାକୁ ଦ୍ୱିଗୁଣିତ କରିଛି ବୋଲି କହିଛନ୍ତି। ଏହାଛଡା ଲୋକଙ୍କ ସ୍ୱାର୍ଥ ଉପଲକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ଜିଲ୍ଲାର ଶତକଡ଼ା ୮୦ ଭାଗ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରନ୍ତୁ ନଚେତ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ସୃଷ୍ଟି କରାଯିବ। ଯାହା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅନ୍ତର୍ଭୁକ୍ତ କରି ଏକ ବିରାଟ ପଦଯାତ୍ରା କମ୍ପାନୀ ଫାଟକ ଅଭିମୁଖେ ବାହାରିବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତେଣୁ ଏ ବୃହତ ଶିଳ୍ପସଂସ୍ଥାରେ ଜିଲ୍ଲାର ନିଯୁକ୍ତି ଭାଗ ଶତକଡ଼ା ୮୦ ଭାଗରୁ କମ ହେବା ଗ୍ରହଣ ଯୋଗ୍ୟ ନୁହଁ ବୋଲି ବୋଲି ମଧ୍ୟ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱନୀ ପ୍ରଧାନ, ଏସକେ ଅବଦୁଲ ଇକବାଲ, ରୂପକ ବେହେରା, ରଞ୍ଜନ କୁମାର ପାଣଗ୍ରାହୀ, ସୃଷ୍ଟିଧର ଜେନା, ସୁଶାନ୍ତ ରଣା,ମନୋଜ କୁମାର ନାଏକ,ସେକ ଅମିରୁଲ ହୋସେନ,ହିମାଂଶୁ ଦାସ,ଚିତରଞ୍ଜନ ନାୟକ,ଦିଲ୍ଲୀପ କୁମାର ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ମାସ ଠାରୁ ସେମାନଙ୍କର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ବାଲେଶ୍ୱର ପୌରପାଳିକାରେ ପ୍ରଶାସନିକ ସ୍ଥାଣୁତା ଅଭିଯୋଗ

ବାଲେଶ୍ୱର,୧୬(ସମିସ): ବାଲେଶ୍ୱର ପୌରପାଳିକାରେ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ସରକାରୀ ଅନୁଦାନ ଅର୍ଥ ବିନିଯୋଗରେ ରାଜନୈତିକ ପାତରଅନ୍ତର ହେଉଥିବା ଅଭିଯୋଗ ଉଠାଇ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା ତଥା ସହରର ବୃହତ ସ୍ୱାର୍ଥରକ୍ଷା ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି କାଉନସିଲର ମୀନା ମହାନ୍ତି। ସମ୍ପ୍ରତି ପୌର ପ୍ରଶାସନ ସାଧାରଣ ଜନତାଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ଶ୍ରୀମତୀ ଆରୋପ ଉଠାଇଛନ୍ତି। "ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ସହିତ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ କେବଳ ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି ସମସ୍ତ ଉନ୍ନତିମୂଳକ ପ୍ରକଳ୍ପରୁ ୨୪ନଂ ୱାର୍ଡକୁ ବଂଚିତ କରାଯାଉଛି। ଏକ "ମିନି ପାର୍କ' ନିର୍ମାଣ ନିମନ୍ତେ ପୌରପାଳିକା ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେବିନାକାରଣରେପ୍ରକଳ୍ପକାର୍ଯ୍ୟ ଆରମ୍ଭ କରିବାକୁ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦେଉନାହାନ୍ତି। ବିଭାଗୀୟ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ୨୪ନଂ ୱାର୍ଡର ଉନ୍ନତିମୂଳକ ପ୍ରକଳ୍ପଗୁଡ଼ିକରେ ବାଧା ଦେଉଛନ୍ତି।



ବାଲିଘାଟ ଭଳି ଏକ ଐତିହାସିକ ସ୍ଥଳୀରେ ଶ୍ମଶାନ ନିର୍ମାଣ ପାଇଁ ବିଗତ ସରକାରଙ୍କ ଅମଳର ଯୋଜନା ବାଟବଣା ହୋଇ ଯାଇଥିବା ବେଳେ ପ୍ରାୟ ଏକ କୋଟି ଟଙ୍କାର ସରକାରୀ ମଞ୍ଜୁର ଅନୁଦାନରେ ବାଲିଘାଟର ବିକାଶ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉ ନଥିବା ଶ୍ରୀମତୀ ମହାନ୍ତି ଅଭଯୋଗ କରିଛନ୍ତି। ପୌରାଂଚଳରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଯୋଗୁଁ ସମଗ୍ର ସହର ଅନ୍ଧାର ମଧ୍ୟକୁ ଚାଲିଯିବା ସ୍ଥିତି ଉପୁଜିଥିବା ବେଳେ ଦୁର୍ଘଟଣା ଓ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବାଲେଶ୍ୱର ସହରର ଅନେକ ଗରିବ, ଅସହାୟ ବୃଦ୍ଧବୃଦ୍ଧା ଓ ଅବିବାହିତ ମହିଳାଙ୍କ ଏକମାତ୍ର ସାହାରା ବାର୍ଦ୍ଧକ୍ୟ ଓ ଅବିବାହିତ ଭତା ପାଇବା ଆଶା ପୂରଣରେ ପୌରପାଳିକା ନିଷ୍ଠୁର ମନୋଭାବ ପୋଷଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ମହାନ୍ତି ପ୍ରକାଶ କରିଛନ୍ତି। ବିରୋଧୀ ଦଳର ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧି ହୋଇଥିବାରୁ ସର୍ବସାଧାରଣରେ ଅପମାନିତ ତଥା ହେୟଜ୍ଞାନ କରିବା ଉଦ୍ଦେଶ୍ୟରେ ୨୪ନଂ ୱାର୍ଡରେ ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ଜାଣିଶୁଣି ଅଟକାଇ ରଖାଯାଇଛି ବୋଲି ଶ୍ରୀମତୀ ମହାନ୍ତି ଆରୋପ ଉଠାଇ ଏହାର ଆଶୁ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ବାଲେଶ୍ୱର ସହରର ଜନସାଧାରଣଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ପୌରପାଳିକାରେ ଚାଲିଥିବା ସମସ୍ତ ଅନିୟମିତତାର ତଦନ୍ତ ପାଇଁ ସ୍ମାରକପତ୍ର ମାଧ୍ୟମରେ ଏକ "ସ୍ୱତନ୍ତ୍ର ନିରପେକ୍ଷ କମିଟି' ଗଠନ ଦିଗରେ ବିହିତ ପଦକ୍ଷେପ ନିମନ୍ତେ ସେ ନିବେଦନ କରିଛନ୍ତି।

# ସରକାରୀ ପ୍ରକଳ୍ପ କାର୍ଯ୍ୟ ବଣ୍ଟନରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର, ୧୬ (ସମିସ): ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ସରକାରୀ ପ୍ରକଳ୍ପର କାର୍ଯ୍ୟ ଗୁଡିକୁ ଦଲାଲ ମାଧ୍ୟମରେ ବଣ୍ଟନ କରୁଥିବାର ଅଭିଯୋଗ ଶାସକ ଦଳର ନେତାମାନେ କରୁଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ଜଳେଶ୍ୱର ବ୍ଲକ ପରିସରରେବିଡିଓଓନେତାମାନଙ୍କମଧ୍ୟରେତୁତୁମେମେହେବାରଦୃଶ୍ୟଦେଖିବାକୁ ମିଳିଥିଲା। ବିଜେପି ନେତା ମାନଙ୍କ କହିବାନୁଯାୟୀ ଜଳେଶ୍ୱର ବିଡିଓ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡିଶା ପ୍ରକଳ୍ପ ଗୁଡିକୁ ବ୍ଲକର କିଛି ଦଲାଲମାନଙ୍କ ଦ୍ୱାରା ବଣ୍ଟନ କରୁଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଉକ୍ତ ଯୋଜନାରେ ଖୁଦିଆମାଝିସାହି ଗ୍ରାମ ପଂଚାୟତର ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୯,୯୦,୦୦୦ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି। ଉକ୍ତ କାର୍ଯ୍ୟ ପାଇଁ ପ୍ରକଳ୍ପ ଦେଇଥିବା ବିଜେପି କାର୍ଯ୍ୟକର୍ତାଙ୍କୁ ମେ ମାସ ୧୮ ତାରିଖ ଦିନ ଫଳକ ନିର୍ମାଣ ପାଇଁ ସଂପୃକ୍ତ କାର୍ଯ୍ୟର କନିଷ୍ଠ ଯନ୍ତ୍ରୀ କହିଥିଲେ। ମାତ୍ର ପରବର୍ତୀ ମୁହୂର୍ତରେ କିଛି ଅସାଧୁ ବ୍ୟକ୍ତି ଉକ୍ତ ଫଳକକୁ ଭାଙ୍ଗି ଦେଇଥିଲେ। ଯାହାକୁ ନେଇ ଥାନାରେ ମାମଲା ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ବିଡିଓ ଉକ୍ତ ପ୍ରକଳ୍ପ କାର୍ଯ୍ୟ କାହାରିକୁ ଦିଆଯାଇ ନାହିଁ ବୋଲି କହିବା ସହିତ ମାମଲା ନ କରିବାକୁ ଥାନାକୁ କହିଥିବାର ନେତା ମାନେ ଅଭିଯୋଗ କରିଛନ୍ତି। ଏଥିନେଇ ବିଡିଓ ଓ ବିଜେପି ନେତାମାନଙ୍କ ମଧ୍ୟରେ ବସିବାକୁ ନେଇ କିଛିଦିନ ଧରି ଛକାପଞ୍ଝା ଚାଲିଛି। ଶେଷରେ ଆଜି ବିଡିଓଙ୍କ କାର୍ଯ୍ୟାଳୟରେ ଯୁକ୍ତିତର୍କ ସହିତ ବିଜେପି ନେତାଙ୍କ ଉପରେ କେଶ କରିବାର ଧମକ ଦେବା ସହିତ ଅପମାନିତ କଲାଭଳି କଥାବାର୍ତା କରିଛନ୍ତି ବୋଲି ବିଜେପି ନେତା ବିପ୍ଳବ ପ୍ରଧାନ, ବିଶ୍ୱରୂପ ଦାସ, ମଣ୍ଡଳ ସଭାପତି ଅନୁପ ପ୍ରଧାନ, ସଂଜୀବ ଜେନା, ସୁଶାନ୍ତ ଘୋଷ, ସଂଜୟଘୋଷ, ସଂଗ୍ରାମ ଜେନା, ଗଂଜନ ସେଠୀ ପ୍ରମୁଖ ଜଣାଇଛନ୍ତି।

# ସାପ କାମୁଡ଼ାରେ ଚାଷୀ ଗୁରୁତର

ବାଲେଶ୍ୱର,୧୬ (ସମିସ): ସଦର ବ୍ଲକ ନିଧିପଣ୍ଡା ଅଞ୍ଚଳର ଲେମ୍ବୁଧର ମହାଳିକ ନିଜ ବିଲରୁ କାମ ସାରି ଫେରୁଥିବା ସମୟରେ ଏକ ବିଷାକ୍ତ ସାପକୁ ନିଜ ଗୋଡ଼ରେ ମାଡି ଦେଇଥିଲେ। ଫଳରେ ସାପଟି ତାଙ୍କୁ କାମୁଡ଼ି ଦେଇଥିଲା। ସର୍ପାଘାତ ପରେ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ସିମୁଳିଆ, ୩୧।୫ (ସମିସ): ଚନ୍ଦ୍ରପଡା ଗ୍ରାମର ଜୈନିକ ମହିଳାଙ୍କୁ ବିଷଧର ସାପ କାମୁଡିବାରୁ ମହିଳାଙ୍କ ମୃତ୍ୟୁ ଘଟିଛି। ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ଚନ୍ଦ୍ରପଡା ଗ୍ରାମର ରାଜେନ୍ଦ୍ର ମହାରଣା ମୟୂରଭଞ୍ଜ ଜିଲ୍ଲା ବାରିପଦାରେ କାଠ କାମ କାମ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର କହିଲେ ସ୍ତ୍ରୀ ଆରତୀ (୨୯)ବର୍ଷ, ବଡ଼ ଝିଅ ପୂଜା (୮)ବର୍ଷ, ମଝିଆ ଝିଅ ଲିଜା (୬)ବର୍ଷ ଓ ପୁଅ ପ୍ରଶାନ୍ତ ଏକ ବର୍ଷ। ସ୍କୁଲ ଛୁଟି ହେତୁ ପରିବାର ବର୍ଗଙ୍କୁ ବାରିପଦା ନେଇ ଯାଇଥିଲେ। ଗୁରୁବାର ଦିନ ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ଆରତୀକୁ କାମୁଡି ଥିଲା। ଆରତୀକୁ ସଙ୍ଗେ ସଙ୍ଗେ ମେଡିକାଲକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଦିନ ରାତିରେ ମୃତ୍ୟୁ ହୋଇଥିଲା। ଆଜି ତାର ଶବକୁ ଚନ୍ଦ୍ରାପଡା ଗ୍ରାମରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଥିଲା। ତିନୋଟି ମା ଛେଉଣ୍ଡ ପିଲାଙ୍କୁ ନେଇ କିପରି ଶୁଦ୍ଧିକ୍ରିୟା ଓ ପରିବାର ପ୍ରତିପୋଷଣ କରିବେ ଚିନ୍ତାରେ ଭାଙ୍ଗି ପଡିଛନ୍ତି ରାଜେନ୍ଦ୍ର। ଏପରି ଅବସ୍ଥାରେ ନିଃସହାୟ ରାଜେନ୍ଦ୍ରକୁ ସରକାରୀ ଓ ବେସରକାରୀ ସ୍ତରରେ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଛନ୍ତି ଗ୍ରାମବାସୀ।

# ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ବିୟୋଗ

ଜଳେଶ୍ୱର ବ୍ଲକ, ୧୬ (ସମିସ) : ପୂର୍ବତନ ଜଳେଶ୍ୱର କୃଷି ଜିଲା ଅଧିକାରୀ ରାଜୀବ ଲୋଚନ ବେହେରାଙ୍କର ହୃଦଘାତରେ ପରଲୋକ ହୋଇଛି। ଜଳେଶ୍ୱର କୃଷି ଜିଲା ଅଧିକାରୀ ଭାବେ ୨୦୨୫ ଏପ୍ରିଲରେ ଅବସର ନେଇଥିଲେ। ସେ ଜଣେ କୃଷି ବିଶାରଦ, ପରୋପକାରୀ, ବନ୍ଧୁ ବତ୍ସଳ, ମିଷ୍ଟଭାଷୀ ମଣିଷ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକ ଗଣ୍ଡିଆ ଗାଁ ଶ୍ମଶାନରେ ପୁଅ ଯଶୋବନ୍ତ ମୁଖାଗ୍ନି ଦେଇଥିଲେ।

## ଜବରଦଖଲ ଉଚ୍ଛେଦ ଆଳରେ ବ୍ୟକ୍ତିଗତ ଜମିରେ ଦୋକାନ ଘର ଭଙ୍ଗା

# ଜିଲ୍ଲାପାଳଙ୍କୁ କ୍ଷତିପୂରଣ ଦାବି କଲା ବାପ୍ଟିଷ୍ଟ ଚର୍ଚ୍ଚ ପ୍ରପର୍ଟି ଆସୋସିଏସନ

ବାଲେଶ୍ୱର,୧୬(ସମିସ)

ବାଲେଶ୍ୱର ସହରରେ ଜବରଦଖଲ ଉଚ୍ଛେଦ ଆଳରେ ବ୍ୟକ୍ତିଗତ ମାଲିକାନା ଜମି ଉପରେ ଥିବା ଦୋକାନ ଘର ଭଙ୍ଗା ଯିବା ପରେ ଜିଲ୍ଲା ପ୍ରଶାସନର କାର୍ଯ୍ୟକଳାପକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସଠିକ ତଦନ୍ତ ସହ ଆଇନ ଅନୁଯାୟୀ ପଦକ୍ଷେପ ସ୍ୱରୂପ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଜଣାଇଛି ବେଙ୍ଗଲ, ଓଡିଶା ଓ ଝାଡଖଣ୍ଡ ରାଜ୍ୟ ଅନ୍ତର୍ଗତ ବାପଟିଷ୍ଟ ମହାସଭାର ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟି ସହଯୋଗରେ ଗଠିତ ବାପ୍ଟିଷ୍ଟ ଚର୍ଚ୍ଚ ପ୍ରୋପର୍ଟି ଆସୋସିଏସନ। ଏହି ପରିପ୍ରେକ୍ଷୀରେ ଆସୋସିଏସନ୍‌ର ଆଟର୍ଣ୍ଣି ହୋଲଡର ତଥା ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟିର ସମ୍ପାଦକ ସଞ୍ଜିବ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ପ୍ରଶାସନର ଅଦୂରଦର୍ଶୀ



କାର୍ଯ୍ୟଧାରାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସହରରେ ଜବରଦଖଲ ଉଚ୍ଛେଦ ପାଇଁ ଗତ ମେ ୨୫ ତାରିଖରେ ପ୍ରଶାସନ ପକ୍ଷରୁ ଚାଲିଥିବା ଅଭିଯାନରେ ରାସ୍ତାପାଶ୍ୱର୍ରୁ ଦୋକାନ ଘର ଉଚ୍ଛେଦ ହୋଇଥଲା। ତେବେ ଫକୀର ମୋହନ ଗୋଲେଇ ନିକଟରେ ବାପ୍ଟିଷ୍ଟ ଚର୍ଚ୍ଚ ପ୍ରାଇଭେଟ ଲିମିଟେଡ, ମାଡ୍ରାସଙ୍କ ନାମରେ ଖାତା ନଂ ୧୫୧ ଓ ପ୍ଲଟ ନଂ ୪୭୫ ଜମି ଉପରେ ଥିବା ଦୋକାନ ଘରଗୁଡିକୁ ମଧ୍ୟ ଭଙ୍ଗାରୁଜା କରାଯାଇଛି ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଜମି ଉପରେ ବାଲେଶ୍ୱରର ସର୍ବପୁରାତନ ପ୍ରାଥମିକ ବିଦ୍ୟାଳୟ ମିଶନ ସ୍କୁଲ ପରିଚାଳିତ ହେଉଥିବା ବେଳେ ପୂର୍ବ ଭାଗରେ ମୁଖ୍ୟ ରାସ୍ତା ଠାରୁ ୧୦ରୁ ୧୫ଫୁଟ ଛାଡି ୧୦ଟି ଦୋକାନ ଘର ଆସୋସିଏସନ୍ ପକ୍ଷରୁ ଭଡା ସୂତ୍ରରେ ଦିଆଯାଇଛି। ଆଜି ପର୍ଯ୍ୟନ୍ତ ବାପ୍ଟିଷ୍ଟ ଚର୍ଚ୍ଚ ପ୍ରପର୍ଟି ଆସୋସିଏସନ ପକ୍ଷରୁ ଇଂଚେ ସରକାରୀ ଜମି ଜବରଦଖଲ କରିବାର ନଜିର ନଥିବା ବେଳେ ଏହି ଉଚ୍ଛେଦ ପ୍ରକ୍ରିୟା ଜନିତ କୌଣସି ସରକାରୀ ନୋଟିସ ମଧ୍ୟ ଆସୋସିଏସନକୁ ପ୍ରଦାନ କରାଯାଇନାହିଁ। ଉଚ୍ଛେଦ ପ୍ରକ୍ରିୟା ବେଳେ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଜୋର ଜବରଦସ୍ତ ନିୟମ ବହିର୍ଭୂତ କାର୍ଯ୍ୟକଳାପ ସ୍ୱରୂପ ଭଙ୍ଗାରୁଜା କରିବା ଯୋଗୁଁ ବ୍ୟକ୍ତିଗତ ମାଲିକାନାରେ ଥିବା ଦୋକାନ ଘରଗୁଡିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଦୋକାନ ଘରଗୁଡିକର ସାଜା ଭଙ୍ଗାଯାଇଥିଲେ ବି ଜେସିବି ମେସିନ ପ୍ରହାରରେ ଛାତ ଦୁର୍ବଳ ହୋଇଥିବା ବେଳେ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଫଳରେ ସେଠାରେ ବିପଦଜନକ ସ୍ଥିତିରେ ଦୋକାନ ଚଳାଇବା ଅସମ୍ଭବ ହୋଇପଡିଛି। ଏହା ଦ୍ୱାରା ଆସୋସିଏସନକୁ ବଡ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଆସୋସିଏସନର ପ୍ରୋପର୍ଟି କଷ୍ଟୋଡିଆନ ରଞ୍ଜନ କୁମାର ସିଂ ପ୍ରକାଶ କରିଛନ୍ତି। ଆସୋସିଏସନ କର୍ମକର୍ତାଙ୍କ ଉପସ୍ଥିତିରେ ସରକାରୀ ଜମିର ସଠିକ ମାପ ଓ ସୀମା ନିର୍ଦ୍ଧାରଣ ସହ ପ୍ରଶାସନ ଦ୍ୱାରା ହୋଇଥିବା ଅନ୍ୟାୟପୂର୍ଣ୍ଣ ଭଙ୍ଗାରୁଜା ଜନିତ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ ସହ ବିହିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆଇନଗତ ପଦକ୍ଷେପ ଗ୍ରହଣ ନେଇ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ସୌରଭ ରାଉଳ, ଧନଞ୍ଜୟ ବୋଷ, ସଲିଳ ସିଂ, ବିମାନ ବିଶ୍ୱାସ, ପୁଷ୍ପିତା ବିଶ୍ୱାସ, ଯୋସେଫ ସିଂ, ସୁସେଞ୍ଜିତ ମହାପାତ୍ର, ଶୁଭ୍ରା ସିଂ, ଲିପିକା ରାଉଳ, ମାନସ ରଞ୍ଜନ ସିଂ, ମିତା ମୁର୍ମୁ, ଜାକବ ଦାସ, ବିଜୟ ଦାସ, ବିପ୍ଳବ ବିଶ୍ୱାସ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।





## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ପୁରୁଣା ବନ୍ଧୁଙ୍କ ସହିତ ଭେଟ ହୋଇପାରେ। ଆୟ ବ୍ୟୟ ସମାନ ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ।

**ମିଥୁନ:** ଦିନଟି ବ୍ୟସ୍ତ ଭିତରେ ଅତିବାହିତ ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ନାଚ, ଗୀତରେ ପ୍ରଶଂସା ମିଳିବ।

**କର୍କଟ:** ଆଶା କରିଥିବା ଦିଗରୁ ଧନ ମିଳିପାରେ। ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଇଚ୍ଛା ମୁତାବକ କାମ କରିବେ।

**ସିଂହ:** ଯୋଜନା ଅନୁଯାୟୀ କାମ କରିବେ। ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ମାନ ସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ମିଳିବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ତୁଳା:** ଅଚାନକ ଖୁସି ଖବର ମିଳିପାରେ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିପାରନ୍ତି। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିପାରେ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ମଜାମସ୍ତିରେ ଦିନଟି ଅତିବାହିତ ହେବ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବିଭିନ୍ନ କାରଣରୁ ମନ ଭଲ ରହି ନ ପାରେ । ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

## ଆଜିର ଇତିହାସ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା।
- ୧୯୮୮- ବଲିଉଡ୍‌ର ମହାନ୍ ଅଭିନେତା ରାଜ କପୁରଙ୍କ ଦେହାନ୍ତ।
- ୨୦୦୬- ଆମେରିକା କୁଖ୍ୟାତ୍ ଡନ୍ ଦାଉଦ୍ ଇବ୍ରାହିମ୍ ଓ ଏହାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା।

# ମହିଳା ଖାଆନ୍ତି ସାବୁନ ଓ ସର୍ଫ



ଆମେରିକାର ଫ୍ଲୋରିଡାରେ ରହୁଥିବା ଟେମ୍ପେଷ୍ଟ ହ୍ୟାଣ୍ଡରସନଙ୍କ ଅଜବ ଖାଦ୍ୟାଭ୍ୟାସ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଟିଏଲ୍‌ସି ଟିଭି ନେଟ୍‌ୱର୍କର ଲୋକପ୍ରିୟ ଶୋ' 'ମାଇଁ ଷ୍ଟ୍ରେଞ୍ଜ ଆଡିକସନ୍'ରେ ସେ ତାଙ୍କର ଏଭଳି ଅଜବ ଖାଦ୍ୟାଭାସ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କର ଡିଟରଜେଣ୍ଟ ଏବଂ ସାବୁନ ଖାଇବା ଅଭ୍ୟାସ ରହିଛି। ଦିନରେ ସାତ ଥର ଡିଟରଜେଣ୍ଟ ଏବଂ ଗାଧୋଇବା ବେଳେ ସାବୁନ ଖାଇବା ଏବେ ତାଙ୍କର ଏକ ନିତିଦିନିଆ ଅଭ୍ୟାସ ପାଲଟିଛି। ପ୍ରାରମ୍ଭିକ ସମୟରେ ଗାଧୋଇବାବେଳେ ତାଙ୍କୁ ସାବୁନ ଫେଣ ଏବଂ ଏହାର ବାସ୍ନା ପସନ୍ଦ ଆସୁଥିଲା। ଧୀରେ ଧୀରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ତାଙ୍କୁ ବିଶେଷକରି ସବୁଜ ରଙ୍ଗର ସାବୁନ ପସନ୍ଦ ଥିଲା। ସେ ଗାଧୋଇବାବେଳେ ସାବୁନ ଫେଣ ତିଆରି କରି ତାକୁ ଚାଖିଲେ। ଏହାପରେ ସେ ସାବୁନର ଛୋଟ ଛୋଟ ଖଣ୍ଡ ଖାଇବା ଆରମ୍ଭ କଲେ। ସାବୁନ ଖାଇଲେ ତାଙ୍କୁ ଆତ୍ମସନ୍ତୋଷ ମିଳେ ବୋଲି ଟେମ୍ପେଷ୍ଟ କୁହନ୍ତି। ସେହିପରି ଗାଧୋଇବା ଠାରୁ ସାବୁନ ଖାଇବା ପରେ ସେ ନିଜକୁ ଅଧିକ ପରିଷ୍କାର ଅନୁଭବ କରୁଥିବା କହିଛନ୍ତି। ତେବେ ସେ କେବଳ ସାବୁନ ନୁହେଁ, ଡିଟରଜେଣ୍ଟ ପାଉଡର ବି ଖାଆନ୍ତି। ଏହି ଅଭ୍ୟାସ ତାଙ୍କର ଏତେ ବଢ଼ି ଯାଇଥିଲା ଯେ, ସପ୍ତାହରେ ସେ ଏକାଧିକ ସାବୁନ୍ ଖାଇ ଦିଅନ୍ତି। ତାଙ୍କର ଏପରି ଅଭ୍ୟାସ ଦେଖି ପରିବାର ଲୋକେ ଚିନ୍ତାପ୍ରକଟ କଲେ ଏବଂ ଡାକ୍ତରଙ୍କ ପାଖକୁ ନେଲେ। ସାବୁନ ଏବଂ ଡିଟରଜେଣ୍ଟ ଭଳି ରସାୟନ ପଦାର୍ଥ ଶରୀର ପାଇଁ କ୍ଷତିକାରକ ବୋଲି ଡାକ୍ତର କହିଲେ। ଏହାକୁ ଖାଇବା ଦ୍ୱାରା ଅନ୍ତନଳୀ, ଲିଭର ତଥା ଅନ୍ୟାନ୍ୟ ଅଙ୍ଗକୁ କ୍ଷତି ପହଞ୍ଚିଥାଏ। ପରେ ସେ 'ପିକା' ରୋଗରେ ପୀଡ଼ିତ ଥିବା ଡାକ୍ତର କହିଲେ। ଏହା ଏମିତି ଏକ ରୋଗ, ଯେଉଁଥିରେ ଲୋକେ ଅଖାଦ୍ୟକୁ ଖାଇବା ପାଇଁ ଆକର୍ଷିତ ହୋଇଥାନ୍ତି। ଏହି ରୋଗରେ ପୀଡ଼ିତ ଲୋକେ ମାଟି, ଚକ୍, କାଗଜ, ଧାତୁ, ବ୍ୟାଟେରି କିମ୍ବା ଅନ୍ୟାନ୍ୟ ଜିନିଷ ଖାଇବା ଆରମ୍ଭ କରନ୍ତି। ବିଶେଷଜ୍ଞଙ୍କ କହିବା କଥା, ଶରୀରରେ ପୋଷକ ତତ୍ତ୍ୱର ଅଭାବ ଏବଂ ମାନସିକ ଅଶାନ୍ତି ହେଉଛି ଏହା ପଛର କାରଣ। ଅବଶ୍ୟ ଟେମ୍ପେଷ୍ଟଙ୍କୁ ଏବେ ଏକ ବିଶେଷ ପ୍ରକାର ଥେରାପି ପ୍ରଦାନ କରାଯାଉଛି। ସାବୁନ ଓ ଡିଟରଜେଣ୍ଟ ଥିବା ସ୍ଥାନରୁ ଦୂରରେ ରହିବାକୁ ତାଙ୍କୁ ଡାକ୍ତର କହିଛନ୍ତି। ଏବେ ଯେତେବେଳେ ତାଙ୍କୁ ସାବୁନ ଖାଇବାକୁ ଇଚ୍ଛା ହେଉଛି, ସେ ଅନ୍ୟ ଜିନିଷରେ ମନୋନିବେଶ କରିବାକୁ ଚେଷ୍ଟା କରୁଥିବା ଟେମ୍ପେଷ୍ଟ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# ବିଶ୍ୱର ସବୁଠୁ ବିଷାକ୍ତ ପକ୍ଷୀ



ଏମିତି ଏକ ପକ୍ଷୀ ଅଛି, ଯାହାକୁ ଛୁଇଁବାମାତ୍ରେ ମଣିଷର ଜୀବନ ମଧ୍ୟ ଯାଇପାରେ। ଏହି ବିଷାକ୍ତ ପକ୍ଷୀର ନାମ ହେଉଛି ହୁଡେଡ୍ ପିଟୋହୁଇ। ଏହା ଗୁଇନିଆ ପିଟୋହୁଇ ଭାବେ ମଧ୍ୟ ଜଣାଯାଏ। ନ୍ୟୁଗିନିର ଜଙ୍ଗଲରେ ଏହି ପକ୍ଷୀ ଦେଖାଯାଏ। ଏହାକୁ ବିଶ୍ୱର ସବୁଠାରୁ ବିଷାକ୍ତ ପକ୍ଷୀ ବୋଲି କୁହାଯାଏ। ଏକ ରିପୋର୍ଟ ଅନୁଯାୟୀ, ୧୯୮୦ରେ ପ୍ରଥମ ଥର ପାଇଁ କାଲିଫର୍ଣ୍ଣିଆ ଏକାଡେମୀ ଅଫ୍ ସାଇନ୍ସର ଇକୋଲଜିଷ୍ଟ ଜ୍ୟାକ୍ ଡମ୍ବାଚର୍ ଏହା ବିଷାକ୍ତ ବୋଲି ଆବିଷ୍କାର କଲେ। ସେ ନ୍ୟୁଗିନିରେ କାର୍ଯ୍ୟ କରିବା ସମୟରେ ପ୍ରଥମ ଥର ପାଇଁ ଏକ ହୁଡେଡ୍ ପିଟୋହୁଇ ପକ୍ଷୀକୁ ଧରିଥିଲେ। ପକ୍ଷୀକୁ ଧରିବାର କିଛି ସମୟ ମଧ୍ୟରେ ତାଙ୍କ ହାତ, ଆଖି ଏବଂ ପାଟିରେ ପ୍ରବଳ ପୋଡ଼ାଜଳା ହେବା ସହ ଝିମ୍‌ଝିମ୍ ହେବା, ବିନ୍ଧିବା ଭଳି ଅନୁଭବ କଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅନୁସନ୍ଧାନରୁ ଜଣାପଡ଼ିଲା ଯେ, ଏହି ପକ୍ଷୀର ଚର୍ମ ଏବଂ ଡେଣା ଅତ୍ୟନ୍ତ ବିଷାକ୍ତ ହୋଇଥାଏ। ହୁଡେଡ୍ ପିଟୋହୁଇ ଶରୀରରେ ବେଟ୍ରାକୋଟକ୍ସିନ୍ ନାମକ ବିଷାକ୍ତ ତତ୍ତ୍ୱ ମିଳିଥାଏ। ଏହି ତତ୍ତ୍ୱ କିଛି ବିଷାକ୍ତ ବେଙ୍ଗରୁ ମଧ୍ୟ ମିଳିଥାଏ। ଏହି ବିଷାକ୍ତ ତତ୍ତ୍ୱ ପକ୍ଷୀଟିକୁ ଶିକାରୀମାନଙ୍କ କବଳରୁ ରକ୍ଷା କରିଥାଏ। ଯଦି କେହି ପକ୍ଷୀକୁ ଖାଇବାକୁ ଚେଷ୍ଟା କରନ୍ତି ଏହା ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ପକ୍ଷୀଟି ତା' ଶରୀରରେ ବିଷ ତିଆରି କରେ ନାହିଁ। ବୈଜ୍ଞାନିକଙ୍କ ମତରେ, ହୁଡେଡ୍ ପିଟୋହୁଇ ନିଜ ଖାଦ୍ୟରୁ ଏହି ବିଷ ସଂଗ୍ରହ କରିଥାଏ। ଏହା 'ମେଲିରିଡ୍ ବିଟଲ୍ସ' ନାମକ ବିଷାକ୍ତ ପୋକକୁ ଖାଇଥାଏ, ଯେଉଁଥିରେ 'ବ୍ୟାଟ୍ରାଚୋଟକ୍ସିନ୍' ନାମକ ବିଷ ରହିଥାଏ। ପରେ ଏହି ବିଷ ପକ୍ଷୀର ଚର୍ମ ଏବଂ ଡେଣାରେ ଜମା ହୋଇଯାଏ। ସେହିଭଳି ଏହି ପକ୍ଷୀର ଉଜ୍ଜ୍ୱଳ କଳା ଏବଂ ନାରଙ୍ଗୀ ରଙ୍ଗ ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ ପୂରଣ କରିଥାଏ। ଏହାକୁ 'ଆପୋସେମେଟିଜମ୍' କୁହାଯାଏ, ଅର୍ଥାତ୍ ଏପରି ରଙ୍ଗ ଅନ୍ୟ ଜୀବମାନଙ୍କୁ ଚେତାବନୀ ଦେଇଥାଏ ଯେ, ଏହା ବିପଜ୍ଜନକ ହୋଇପାରେ। ଏହି କାରଣରୁ ସ୍ଥାନୀୟ ଲୋକେ ଏହି ପକ୍ଷୀଠାରୁ ଦୂରତା ବଜାୟ ରଖନ୍ତି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ସାରା ବିଶ୍ୱରେ ଏମିତି ପକ୍ଷୀ ବହୁତ କମ୍ ଅଛନ୍ତି ଯେଉଁମାନେ ଆତ୍ମରକ୍ଷା ପାଇଁ ବିଷର ବ୍ୟବହାର କରିଥାନ୍ତି।



# ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍

ବଲିଉଡ୍‌ର ଆକ୍ସନ୍ କିଙ୍ଗ୍ ସନ୍ନି ଦେଓଲ ପୁଣି ଥରେ ଏକ ଦମ୍‌ଦାର୍ ଆକ୍ସନ୍ ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ତାଙ୍କ ପାଖରେ ଏବେ ଅନେକ ବଡ଼ ଫିଲ୍ମ ଅଛି। ତନ୍ମଧ୍ୟରୁ ତିନୋଟି ଫିଲ୍ମ ଏହି ବର୍ଷ ହିଁ ରିଲିଜ୍ ହେବ। ଏହି ତାଲିକାରେ 'ବଟୱାରା ୧୯୪୭'ରହିଛି। ପୂର୍ବରୁ ଏହାର ଟାଇଟଲ୍ 'ଲାହୋର ୧୯୪୭' କୁହାଯାଉଥିଲା। ଏହା ଆସନ୍ତା ୧୩ ଅଗଷ୍ଟରେ ସିନେମା ହଲ୍‌ରେ ରିଲିଜ୍ ହେବ। ତେବେ ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍ ଆସିପାରେ ବୋଲି କୁହାଯାଉଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଅମିର୍ ଖାନ୍ ଅଛନ୍ତି। ଏହାସହ ସେ ଏଥିରେ ଅତିଥି କଳାକାର ଭାବେ ମଧ୍ୟ ନଜର ଆସିବେ। 'ବଟୱାରା ୧୯୪୭' ରେ ସନ୍ନିଙ୍କ ସହ ପ୍ରୀତି ଜିନ୍‌ଟା ଲିଡ୍ ରୋଲରେ ନଜର ଆସିବେ। ସବାନା ଆଜ୍‌ମି, ଅଲ୍ଲୀ ଫଜଲଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟିଜର୍‌ର ପ୍ରଚ୍ଛଦପଟରେ ଅମିର୍‌ଙ୍କ ସ୍ୱର ଶୁଣାଯିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜକୁମାର ସନ୍ତୋଷୀ। ପୂର୍ବରୁ ରାଜ୍‌କୁମାର ସନ୍ତୋଷୀ ଓ ସନ୍ନିଙ୍କ ଯୋଡ଼ି ବଲିଉଡ୍‌କୁ 'ଦାମିନୀ', 'ଘାୟଲ', 'ଘାତକ' ଭଳି ଫିଲ୍ମ ଦେଇଥିଲେ।



# ପ୍ରାକୃତିକ କୃଷିରୁ ବଦଳିଲା ଭାଗ୍ୟ

**ଚାଷ କାର୍ଯ୍ୟରେ ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ମାଟିକୁ କ୍ଷତି ପହଞ୍ଚାଇବା ସହ ମନୁଷ୍ୟ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି କରିଥାଏ। ଏହାକୁ ଗୁରୁତ୍ୱ ଦେଇ ଗୁଜୁରାଟ, ସୁରଟ ଜିଲ୍ଲା ସରସ ଗାଁର କଲ୍‌ପେଶ ପଟେଲ ପ୍ରାକୃତିକ କୃଷି ମାଧ୍ୟମରେ ୫୦ରୁ ଅଧିକ ପ୍ରଜାତିର କଦଳୀ ଚାଷ କରୁଛନ୍ତି।**

କଲ୍‌ପେଶଙ୍କ ପିତା ରମଣଭାଇ ଜମିରେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ କରୁଥିଲେ। ରାସାୟନିକ ଯୁକ୍ତ ଖାଦ୍ୟ ଖାଇ ସେ କର୍କଟରେ ପ୍ରାଣ ହରାଇବା ପରେ କଲ୍‌ପେଶ ପ୍ରାକୃତିକ କୃଷିକୁ ଆପଣାଇଥିଲେ। ଗୁଜୁରାଟ କୃଷି ବିଭାଗରୁ ତାଲିମ ନେଇ ସେ ପ୍ରାକୃତିକ ଉର୍ବରକ ପ୍ରସ୍ତୁତ କରିବା ଶିଖିଲେ। ଦୀର୍ଘ ୭ ବର୍ଷ ହେବ ସେ ପ୍ରାକୃତିକ ପଦ୍ଧତିରେ ଚାଷ କରି ଆସୁଛନ୍ତି। ସେ ଚାଷ ଜମିରେ ୫୦ରୁ ଅଧିକ କିସମ ଯଥା- ପୁଭନ, ଅର୍ଦ୍ଧପୁରୀ, ରାସ୍‌ଥାଲି, ନାଲି କଦଳୀ, ବ୍ଲୁ ଜାଭା, ବସ୍‌ରାଇ, ମହାଲକ୍ଷ୍ମୀ ଆଦି କିସମର କଦଳୀ ଚାଷ କରୁଛନ୍ତି। ଜମିରେ ଜୀବାମୃତ, ନିମ୍ବଖତ ପ୍ରୟୋଗ ଯୋଗୁଁ ଉତ୍ତମମାନର କଦଳୀ ଫଳୁଛି। ପ୍ରାକୃତିକ କୃଷି ପରିବେଶ ଅନୁକୂଳ, ଏହା ସହ କଦଳୀ ଉତ୍ପାଦନ ଭଲ ହୋଇଥାଏ ବୋଲି କୁହନ୍ତି କଲ୍‌ପେଶ। ଚାଷରୁ ସେ ବାର୍ଷିକ ୧୦ରୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି ଚାଷରୁ ତାଙ୍କ ଭାଗ୍ୟ ବଦଳିଛି। ସେ କେବଳ କଦଳୀ ବିକ୍ରି ଉପରେ ନିର୍ଭର ନ କରି କଦଳୀରୁ ଚିପ୍‌ସ, ଫିଗ ବନାଇ ବିକ୍ରି କରିଥାନ୍ତି। ପ୍ରାକୃତିକ କୃଷି ପାଇଁ କଲ୍‌ପେଶ ଜାତୀୟସ୍ତରରେ ନାଁ କମାଇବା ସହ ପ୍ରଶଂସିତ ହୋଇଛନ୍ତି।

# ସୁବର୍ଣ୍ଣା



# ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ



କମଳା ଚୋପା ପାକଶାଳା ବଗିଚା ପାଇଁ ବରଦାନ ସଦୃଶ। ଏଥିରେ ଯବକ୍ଷାରଜାନ, ପୋଟାସିୟମ ଓ ଫସ୍‌ଫରସ୍ ଆଦି ପୋଷକତତ୍ତ୍ୱ ଥିବାରୁ ଏହା ଗଛ ବୃଦ୍ଧିରେ ସାହାଯ୍ୟ କରେ। ଚୋପାରେ ଥିବା ପ୍ରାକୃତିକ ଅମ୍ଳ ଏବଂ ସୁଗନ୍ଧ ଫସଲରେ ରୋଗପୋକ ନିୟନ୍ତ୍ରଣ କରିପାରେ।

କମଳା ଚୋପାରେ ଲିମୋନିନ୍ ନାମକ ପ୍ରାକୃତିକ ତେଲ ଥାଏ। ଏହାର ସୁଗନ୍ଧ ପିମ୍ପୁଡ଼ି, ଜଉପୋକ, କବକ ଆଦି କୀଟକୁ ଫସଲରୁ ଦୂରେଇ ରଖେ। ତେଣୁ କମଳା ଚୋପାକୁ ପାଣିରେ ଫୁଟାଇ ଏହାକୁ ଥଣ୍ଡା କରି ଏହି ତରଳକୁ ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରି ପତ୍ର ସିଞ୍ଚନ ଏବଂ ମାଟିରେ ପ୍ରୟୋଗ କରି ପାରିବେ। ବଗିଚାର ମାଟି ଟାଣ ଥିଲେ ବା ଗଛକୁ ସଠିକ ପୋଷଣ ମିଳୁ ନ ଥିଲେ କମଳା ଚୋପାକୁ ଛୋଟ ଛୋଟ କାଟି କୁଣ୍ଡରେ ପ୍ରୟୋଗ କରିପାରିବେ। ଏହି ଖତ ବା ତରଳ ଔଷଧ ମଲ୍ଲୀ, ଗୋଲାପ ଏବଂ କଞ୍ଚାଲଙ୍କା ଗଛରେ ଫୁଲ ଏବଂ ଫଳ ଆସିବାରେ ସାହାଯ୍ୟ କରେ।



# ଖରାଦିନେ ମହୁମାଛିଙ୍କ ଯତ୍ନ

ଅଧିକାଂଶ ଚାଷୀ ମହୁମାଛି ପାଳନ କରି ଜୀବିକା ନିର୍ବାହ କରନ୍ତି। ଅନ୍ୟଋତୁ ପରି ମହୁମାଛି ପାଳନ ପାଇଁ ସମସ୍ୟା ଆଣେ ଖରାଦିନ। ଏହି ଦିନେ ତାପମାତ୍ରା ବୃଦ୍ଧି ମହୁ ଉତ୍ପାଦନ ଉପରେ ପ୍ରଭାବ ପକାଏ। ତେଣୁ ମହୁମାଛିଙ୍କର ସଠିକ୍ ଦେଖାଶୁଣା କରିବା ଏକାନ୍ତ ଆବଶ୍ୟକ।

ମହୁମାଛି ପରାଗରେଣୁ ଓ ମକରନ୍ଦ ସନ୍ଧାନରେ ସକାଳୁ ବାହାରନ୍ତି। ହେଲେ ଖରାଦିନେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ପାଇଁ ମହୁମାଛି ମହୁବାକ୍ସରୁ ବାହାରକୁ ବାହାରନ୍ତି ନାହିଁ। ତେଣୁ ମହୁବାକ୍ସ ଉପରେ ତାପମାତ୍ରା ନିୟନ୍ତ୍ରଣ ପାଇଁ ଝୋଟ ଅଖାକୁ ଓଦା କରି ପକାଇବା ଆବଶ୍ୟକ। ଗଛ ତଳେ ମହୁମାଛି ବାକ୍ସ ରଖିବା ମଧ୍ୟ ସର୍ବୋତ୍ତମ। ପ୍ରାକୃତିକ ଛାଇ ଉପଲବ୍ଧ ନ ଥିଲେ , କୁଟାରୁ ଛାତ, ଅଖା କିମ୍ବା ଅସ୍ଥାୟୀ ଛାତ ବନାଇ ମହୁମାଛିଙ୍କୁ ସୁରକ୍ଷା ଦିଆଯାଇ ପାରିବ। ତୁତ୍ ପରି ଗଛ ଲଗାଇବା ଦ୍ୱାରା ଛାଇ ଏବଂ ମକରନ୍ଦ ଉପଲବ୍ଧ ହୋଇଥାଏ। ସେହିପରି ମହୁମାଛି ପାଳନ କରାଯାଉଥିବା ସ୍ଥାନକୁ ସଫା ରଖିବା ସହ ସଫା ପାଣି ରଖାଯିବା ଉଚିତ। ବାକ୍ସକୁ ଭଲଭାବେ ବାୟୁଚଳାଚଳ କରିବାକୁ ପ୍ରବେଶ ଦ୍ୱାର ଖୋଲା ରଖିବା ଆବଶ୍ୟକ।

# ବାଲ୍‌କୋନିରେ ଲିଚୁ



ସହରରେ ସ୍ୱଳ୍ପ ସ୍ଥାନରେ ଚାଷ କରିବା ଚ୍ୟାଲେଞ୍ଜ ହୋଇଥାଏ। ଏଥିପାଇଁ ଅଧିକାଂଶ ଛାତ କିମ୍ବା ବାଲ୍‌କୋନିରେ ପନିପରିବା ଓ ଫୁଲ ଗଛ ଲଗାଇଥାନ୍ତି। ତେବେ ବାଲ୍‌କୋନିରେ ବି ଲିଚୁ ଫଳି ପାରିବ।

ଲିଚୁ ଗଛ ଲଗାଇବା ପାଇଁ ୧୮ରୁ ୨୪ ଇଞ୍ଚର ବଡ଼ କୁଣ୍ଡ ଆବଶ୍ୟକ। ପ୍ଲାଷ୍ଟିକ୍ ବଦଳରେ ମାଟି କିମ୍ବା ସିମେଣ୍ଟ କୁଣ୍ଡ ବ୍ୟବହାର ଦ୍ୱାରା ବାୟୁ ଚଳାଚଳ ଭଲ ହୁଏ। ଉର୍ବରଯୁକ୍ତ ଦୋରସା ମାଟି, ଜିଆଖତ, କୋକୋପିଟ୍‌କୁ ମିଶାଇ କୁଣ୍ଡ ପାଇଁ ମାଟି ପ୍ରସ୍ତୁତ କରାଯାଏ। ପଞ୍ଜୀକୃତ ନର୍ସରୀରୁ କଲମୀ ଲିଚୁ ଚାରା କିଣି ଗଛ ଲଗାଇ ହାଲୁକା ସିଞ୍ଚନ କରାଯାଏ। ଗଛକୁ ପ୍ରତିଦିନ ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ଆବଶ୍ୟକ। ଖରାଦିନେ ସକାଳେ ହାଲୁକା ଜଳ ସେଚନ ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରୁହେ । ପ୍ରତି ୨ରୁ୩ ମାସ ମଧ୍ୟରେ ଗଛ ମୂଳରେ ଜିଆଖତ ପ୍ରୟୋଗ କରିବା ସହ ପୋକ ରୋଗର ସମ୍ଭାବନା ଥିଲେ, ନିମ୍ବ ତେଲ ପ୍ରୟୋଗ କରିବା ଫଳପ୍ରଦ।

# ଏ ମାସର ଚାଷ

**ଜୁନ୍ ମାସରେ ଚାଷୀଭାଇ ଧାନ ଚାଷ ସହିତ ସବୁଜ ପନିପରିବା ଚାଷ କରି ପାରିବେ। ଏଥିପାଇଁ ଜମିକୁ ଲଙ୍ଗଳ, ଟ୍ରାକ୍ଟର କିମ୍ବା ପାୱାର ଟିଲରରେ ଚାଷ କରି ରୋଟାଭେଟର ଦ୍ୱାରା ସମତୁଲ କରି ଚାଷ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ।**

- ଧାନ ବିହନକୁ ବିଶୋଧନ କରି ତଳି ପକାଇ ପାରିବେ।
- ମକା ଓ ଲଘୁଶସ୍ୟ ଯଥା- ମାଣ୍ଡିଆ, ସୁଆଁ, ଗୁଲୁଚି ବୁଣିବା ଆବଶ୍ୟକ। ବର୍ତ୍ତମାନ ଖମ୍ବଆଳୁ ଲଗାଇବାର ଉପଯୁକ୍ତ ସମୟ।
- ଚିନାବାଦାମ ବିହନକୁ ବିଶୋଧନ କରି ଓ ଜୀବାଣୁ କଲଚର ଦ୍ୱାରା ଉପଚାର କରି ବୁଣି ପାରିବେ। ସେହିପରି ନଳିତା ବୁଣାବୁଣି କାର୍ଯ୍ୟ ଶେଷ କରିବା ଆବଶ୍ୟକ।
- ଜମିପ୍ରସ୍ତୁତ କରି ନିଗିଡ଼ା ଢିପ ଜମିମାନଙ୍କରେ ହରଡ଼, ମୁଗ, ବିରି କିମ୍ବା ଝୁଡ଼ଙ୍ଗ ବିହନ ଧାଡ଼ିରେ ବୁଣାଯାଏ। ଏହି ମାସ ଶେଷ ସୁଦ୍ଧା କପାବୁଣା ଶେଷ କରିପାରିବେ।
- ବର୍ଷାଦିନିଆ ପନିପରିବା ପାଇଁ ତଳିଘେରା ପ୍ରସ୍ତୁତି କରି ତଳି ପକାଇ ପାରିବେ। ଭେଣ୍ଡି, କଖାରୁ, କଲରା, ଜହ୍ନି, ଛଚିନ୍ଦ୍ରା, ଝୁଡଙ୍ଗ, ଶାଗ ଆଦି ପନିପରିବା ଓ ଫଳ ଚାରା ଲଗାଇବା ଆବଶ୍ୟକ।

# କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- କାଳବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ। ଆମ୍ବ ଗଛର ଫଳକୁ ନେଟ୍ ଲଗାଇ ପବନରୁ ରକ୍ଷା କରନ୍ତୁ।
- ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ୍ ବସ୍ତାରେ ଭର୍ତ୍ତି କରି ସାଇତି ରଖିଲେ ଏହାର ଗୁଣ, ରଙ୍ଗ, ବାସନା ଓ ସ୍ୱାଦ ବହୁତ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ। ଏହି ରୋଗର ବାହକ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗାଈଗୋରୁମାନଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ। ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ।

ସକାଳ THE SAKALA
www.sakalaepaper.com

# ଆଇପିଏଲ୍ ସୁପରଷ୍ଟାର ସୂର୍ଯ୍ୟବଂଶୀ






ନୂଆଦିଲ୍ଲୀ,୧।୬(ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ହରାଇ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ଟାଇଟଲ ହାସଲ କରିଛି। ପ୍ଲେ ଅଫ୍‌ରେ ପରାଜିତ ହୋଇ ପ୍ରତିଯୋଗିତାରୁ ରାଜସ୍ଥାନ ରୟାଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇଛି। କିନ୍ତୁ ଏହି ଦଳର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ନିଜର ବ୍ୟାଟିଂ ଶୈଳୀ ବଳରେ ଅନ୍ୟ ସମସ୍ତ ଶ୍ରେଷ୍ଠ ପୁରସ୍କାର ହାସଲ କରିନେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସେ ସର୍ବଶ୍ରେଷ୍ଠ ଦୁଇ ପୁରସ୍କାର ମୋଷ୍ଟ ଭାଲ୍ୟୁଏବଲ (ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ) ଓ ଇମର୍ଜିଂ (ଶ୍ରେଷ୍ଠ ଉଦୀୟମାନ) ଖେଳାଳି ପୁରସ୍କାର ପାଇଛନ୍ତି। ଗୋଟିଏ ଟୁର୍ଣ୍ଣାମେଣ୍ଟରେ ଉଭୟ ପୁରସ୍କାର ଜିତିବାରେ ସୂର୍ଯ୍ୟବଂଶୀ ପ୍ରଥମ ଖେଳାଳି। ଏହାଛଡ଼ା ସେ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ୭୭୬ ରନ୍ କରି ପର୍ପଲ କ୍ୟାପ୍, ସୁପର ଷ୍ଟ୍ରାଇକର ଅଫ୍ ଦ ଟୁର୍ଣ୍ଣାମେଣ୍ଟ (୨୩୭.୩୦) ଓ ୭୨ଟି ଛକା ମାରି ସୁପର ସିକ୍ସର୍ସ ଅଫ୍ ଦି ସିଜନ ପୁରସ୍କାର ହାସଲ କରିଛନ୍ତି। ଆଇପିଏଲ୍ ଇତିହାସରେ ଏକାଥରରେ ଏତେ ପୁରସ୍କାର କେହି କେବେ ଜିତି ନ ଥିଲେ। ସେ ତାଙ୍କ ବ୍ୟାଟିଂ ବଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। ଏହି ସିଜନରେ ସେ କ୍ରିସ୍ ଗେଲଙ୍କ ସର୍ବାଧିକ ଛକା ମାରିବାର ରେକର୍ଡକୁ ମଧ୍ୟ ଅତିକ୍ରମ କରିଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ଆଇପିଏଲ୍‌ରେ ୫ଟି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ୪୫ଲକ୍ଷ ଓ ଗୋଟିଏ ସୁପର ସ୍ପୋର୍ଟ୍ସ କାର ପାଇଛନ୍ତି ଏହି ଖେଳାଳି।

'ସୂର୍ଯ୍ୟବଂଶୀ ବଲ୍‌କୁ ଜୋରରେ ମାରୁନାହାନ୍ତି। କିନ୍ତୁ ଅନ୍ୟ ଖେଳାଳିଙ୍କ ଅପେକ୍ଷା ସେ ଶୀଘ୍ର ବଲ୍‌ରୁ ଲାଇନ୍ ଓ ଲେଙ୍ଗ୍‌ଥକୁ ପଢ଼ିପାରୁଛନ୍ତି। ମୁଁ ତାଙ୍କ ବ୍ୟାଟିଂକୁ ଦେଖିଛି ଓ ଉପଭୋଗ କରିଛି। ସେ ଟ୍ରୁଲି ସ୍ପେଶାଲ' ବୋଲି କ୍ରିକେଟରେ ଈଶ୍ୱର ସଚିନ ତେନ୍ଦୁଲକର କହନ୍ତି। ମାତ୍ର ୧୫ ବର୍ଷରେ ସେ ତାଙ୍କ ପ୍ରଦର୍ଶନ ବଳରେ କିଂବଦନ୍ତି ଖେଳାଳିଙ୍କଠାରୁ ଏହି ସମ୍ମାନ ପାଇଛନ୍ତି। ପ୍ରକୃତରେ ସେ ଜଣେ ଅନନ୍ୟ ପ୍ରତିଭାବାନ ଖେଳାଳି। ପୁରସ୍କାର ଗ୍ରହଣ ଉତ୍ସବରେ ଆଉଜଣେ କିଂବଦନ୍ତି ଖେଳାଳି ରବି ଶାସ୍ତ୍ରୀ ସାକ୍ଷାତକାର ସମୟରେ ପଚାରିଥିଲେ, ବୈଭବ ଆଜି ଓ ଏବେ କେତେ କ୍ଷୀର ପିଉଛ। ଏହାର ଉତ୍ତରରେ ବୈଭବ କହିଥିଲେ ଏବେ ମୁଁ କ୍ଷୀର ପିଇବା ଛାଡ଼ିଦେଇଛି। ଗତ ଟୁର୍ଣ୍ଣାମେଣ୍ଟର ଶେଷ ଭାଗରେ ଶତକ ସହ ସୂର୍ଯ୍ୟବଂଶୀଙ୍କ ଆବିର୍ଭାବ ହୋଇଥିଲା। ଏହି ସିଜନରେ ସେ ଜଣେ ପ୍ରତିଭାବାନ ତଥା ଶ୍ରେଷ୍ଠ ଖେଳାଳି ହେବାର ସଫଳତା ଅର୍ଜନ କରିଛନ୍ତି। ସେ ଯେଉଁ ରେକର୍ଡ କରିଯାଇଛନ୍ତି ତାହା ନିଶ୍ଚିତଭାବେ ଅନେକ ଦିନ ତିଷ୍ଠି ରହିବ। ସେ ନିଜେ କିମ୍ବା ଅନ୍ୟ କେହି ଏହି ରେକର୍ଡକୁ ଏତେଶୀଘ୍ର ଅତିକ୍ରମ କରିବା ଏତେଟା ସହଜ ନୁହେଁ। ମାତ୍ର ଦ୍ୱିତୀୟ ସିଜନରେ ଶ୍ରେଷ୍ଠତ୍ୱ ଜାହିର କରିଥିବା ଏହି ୧୫ ବର୍ଷୀୟ ଖେଳାଳି ଏଥର ଦୁଇଟି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଜୁନ୍ ୯ରୁ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ 'ଏ' ଟୁର୍ଣ୍ଣାମେଣ୍ଟରେ ସେ ତିଳକ ବର୍ମାଙ୍କ ଅଧିନରେ ଖେଳିବେ। ଏହା ପରେ ସେପ୍ଟେମ୍ବର ମାସରେ ଜାପାନରେ ଏସିଆନ ଗେମ୍ସ ଖେଳାଯିବ। ତାଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଥିବା ୩୦ ଜଣିଆ ସମ୍ଭାବ୍ୟ ଦଳରେ ସ୍ଥାନ ଦିଆଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ସେ ତାଙ୍କ ପ୍ରତିଭାର ଚମକ ପ୍ରଦର୍ଶନ କରିସାରିଛନ୍ତି। ଭାରତ ଲାଗି ବରିଷ୍ଠ ଟିମ୍‌ରେ ପ୍ରବେଶ କରିବା ଲାଗି ପ୍ରଦର୍ଶନ କରିବା ସକାଶେ ତାଙ୍କ ନିକଟରେ ବର୍ତ୍ତମାନ ଦୁଇଟି ଟୁର୍ଣ୍ଣାମେଣ୍ଟ ରହିଛି। ସ୍ଥିତି ଓ ଖେଳାଳି ଚୟନ ଯେପରି କରାଯାଇଛି ସେଥିରେ ତାଙ୍କୁ ଉଭୟ ଦଳର ଚୂଡ଼ାନ୍ତ ଏକାଦଶରେ ଖେଳିବାକୁ ନିଶ୍ଚିତ ସୁଯୋଗ ମିଳିବ। ଜୁନିଅର ବିଶ୍ୱକପ୍ ଓ ଆଇପିଏଲ୍‌ର ପ୍ରଦର୍ଶନକୁ ସେ ଏହି ଟୁର୍ଣ୍ଣାମେଣ୍ଟରେ କିପରି ରୂପାନ୍ତରିତ କରିବେ ତାହା ଦେଖିବାକୁ ବାକି ରହିଛି।

### କ'ଣ ପାଇଲେ ପୁରସ୍କାର

| ପୁରସ୍କାର | : | ଅର୍ଥରାଶି |
|---|---|---|
| ଏମ୍‌ଭି ପ୍ଲେୟର | : | ୧୫ ଲକ୍ଷ |
| ଇମର୍ଜିଂ ପ୍ଲେୟର | : | ୧୦ ଲକ୍ଷ |
| ପର୍ପଲ କ୍ୟାପ୍ | : | ୧୦ ଲକ୍ଷ |
| ସୁପର ସିକ୍ସେସ | : | ୧୦ ଲକ୍ଷ |
| ସୁପର ଷ୍ଟ୍ରାଇକର | : | ସିଏରା କାର |

### ଆଇପିଏଲ୍-୨୦୨୬
### ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ

| | | |
|---|---|---|
| ମ୍ୟାଚ୍ | : | ୧୬ |
| ରନ୍ | : | ୭୭୬ |
| ସର୍ବୋଚ୍ଚ | : | ୧୦୩ |
| ହାରାହାରି | : | ୪୮.୫୦ |
| ବଲ୍ ସାମ୍ନା | : | ୩୨୭ |
| ଷ୍ଟ୍ରାଇକ୍ ରେଟ୍ | : | ୨୩୭.୩୦ |
| ଶତକ | : | ଏକ |
| ଅର୍ଦ୍ଧଶତକ | : | ପାଞ୍ଚ |
| ଚୌକା | : | ୬୩ |
| ଛକା | : | ୭୨ |

## ୩.୧୦ କୋଟି ଆୟ

ଚଳିତ ସିଜନରେ ସବୁଠୁ ଚର୍ଚ୍ଚାରେ ରହିଥିଲେ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ। ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରୁ ୪୮.୫୦ ହାରରେ ୭୭୬ ରନ କରିଥିଲେ। ପ୍ରଭାବୀ ପ୍ରଦର୍ଶନ କରି ସୂର୍ଯ୍ୟବଂଶୀ ସମସ୍ତ ପୁରସ୍କାର ପୋଛି ନେଇଛନ୍ତି। ଏଥର ଆଇପିଏଲ୍‌ରେ ସେ ମୋଟ୍ ୩.୧୦ କୋଟି ଟଙ୍କା ରୋଜଗାର କରିଛନ୍ତି। ଟୁର୍ଣ୍ଣାମେଣ୍ଟର ମୋଷ୍ଟ ଭାଲ୍ୟୁଏବଲ୍ ଖେଳାଳି (୧୫ ଲକ୍ଷ), ଅରେଞ୍ଜ କ୍ୟାପ୍ (୧୦ ଲକ୍ଷ), ସିଜନର ଶ୍ରେଷ୍ଠ ଉଦୀୟମାନ ଖେଳାଳି (୧୦ ଲକ୍ଷ), ସର୍ବାଧିକ ଛକା (୧୦ ଲକ୍ଷ) ମାରିବା ଲାଗି ସେ ପୁରସ୍କୃତ ହୋଇଥିଲେ। ସୁପରଷ୍ଟ୍ରାଇକର ଅଫ୍ ଦି ସିଜନ ଲାଗି ତାଙ୍କୁ ୧୦ ଲକ୍ଷ ଟଙ୍କା ସହ ୨୧ ଲକ୍ଷ ଟଙ୍କା ମୂଲ୍ୟର ଏକ ଟାଟା ସିଏରା କାର ମିଳିଥିଲା। ଏହାବାଦ୍ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରୁ ପାଉଣା ବାବଦକୁ ଏକ କୋଟି ୨୦ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ସେହିଭଳି ଫ୍ରାଞ୍ଚାଇଜଠାରୁ ସେ ରିଟେନସନ ବାବଦକୁ ୧.୧୦ କୋଟି ଟଙ୍କା ପାଇଛନ୍ତି। ଫଳରେ ଆଇପିଏଲ୍-୧୯ରେ ସୂର୍ଯ୍ୟବଂଶୀ ମୋଟ୍ ଉପରେ ୩.୧୦ କୋଟି ଟଙ୍କା ଆୟ କରିଛନ୍ତି।

### ୨୦୨୬ରେ ଭାରତର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ବନାମ ଆଫଗାନିସ୍ତାନ (ଦେଶରେ) | | |
| ଜୁନ୍ ୬ | ଏକମାତ୍ର ଟେଷ୍ଟ | ମୁଲାନପୁର |
| ଜୁନ୍ ୧୩ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନଇ |
| ବନାମ ଆୟର୍ଲାଣ୍ଡ (ବିଦେଶରେ) | | |
| ଜୁନ୍ ୨୬ | ପ୍ରଥମ ଟି-୨୦ | ବେଲଫାଷ୍ଟ |
| ଜୁନ୍ ୨୮ | ଦ୍ୱିତୀୟ ଟି-୨୦ | ବେଲଫାଷ୍ଟ |
| ବନାମ ଇଂଲଣ୍ଡ (ବିଦେଶରେ) | | |
| ଜୁଲାଇ ୧ | ପ୍ରଥମ ଟି-୨୦ | ରିଭରସାଇଡ୍ |
| ଜୁଲାଇ ୪ | ଦ୍ୱିତୀୟ ଟି-୨୦ | ଓଲ୍ଡଟ୍ରାଫୋର୍ଡ |
| ଜୁଲାଇ ୭ | ତୃତୀୟ ଟି-୨୦ | ଟ୍ରେଣ୍ଟବ୍ରିଜ୍ |
| ଜୁଲାଇ ୯ | ଚତୁର୍ଥ ଟି-୨୦ | ବ୍ରିଷ୍ଟଲ |
| ଜୁଲାଇ ୧୧ | ପଞ୍ଚମ ଟି-୨୦ | ରୋଜ୍ ବାଉଲ୍ |
| ଜୁଲାଇ ୧୪ | ପ୍ରଥମ ଦିନିକିଆ | ଏଜ୍‌ବାଷ୍ଟନ |
| ଜୁଲାଇ ୧୬ | ଦ୍ୱିତୀୟ ଦିନିକିଆ | କାର୍ଡିଫ୍ |
| ଜୁଲାଇ ୧୯ | ତୃତୀୟ ଦିନିକିଆ | ଲର୍ଡ୍ସ |
| ବନାମ ଜିମ୍ବାୱେ (ବିଦେଶରେ) | | |
| ଜୁଲାଇ ୨୩ | ପ୍ରଥମ ଟି-୨୦ | ହରାରେ |
| ଜୁଲାଇ ୨୫ | ଦ୍ୱିତୀୟ ଟି-୨୦ | ହରାରେ |
| ଜୁଲାଇ ୨୬ | ତୃତୀୟ ଟି-୨୦ | ହରାରେ |
| ବନାମ ୱେଷ୍ଟଇଣ୍ଡିଜ୍ (ଦେଶରେ) | | |
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୁଆହାଟୀ |
| ଅକ୍ଟୋବର ୩ | ତୃତୀୟ ଦିନିକିଆ | ମୁଲାନପୁର |
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |
| ବନାମ ଶ୍ରୀଲଙ୍କା (ଦେଶରେ) | | |
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ୍ |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଟି-୨୦ | କଟକ |
| ଡିସେମ୍ବର ୨୭ | ତୃତୀୟ ଟି-୨୦ | ପୁଣେ |

■ ଆଇସିସିର ବଡ଼ ନିଷ୍ପତ୍ତି
## ଟେଷ୍ଟରେ ଖରାପ ଆଲୋକରେ ବ୍ୟବହାର ହେବ ପିଙ୍କ ବଲ୍

ଅହମ୍ମଦାବାଦ, ୧।୬ (ଏଜେନ୍ସି): ଅହମ୍ମଦାବାଦରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ବୋର୍ଡ ବୈଠକରେ ଟେଷ୍ଟ ମ୍ୟାଚକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସାଧାରଣତଃ ଏକାଧିକ ଟେଷ୍ଟ ମ୍ୟାଚରେ କମ୍ ଆଲୋକ ଲାଗି ଦିବସର ଖେଳକୁ ଶୀଘ୍ର ବନ୍ଦ କରିଦିଆଯାଇଥାଏ। ମେଘୁଆ ପରିସ୍ଥିତି ଲାଗି ଖରାପ ଆଲୋକ କ୍ଷେତ୍ରରେ ଖେଳକୁ ସର୍ବାଧିକ ସମୟ କରିବା ପାଇଁ ଆଇସିସି ଟେଷ୍ଟରେ ଗୋଲାପୀ ବଲ୍ ବ୍ୟବହାର ପରୀକ୍ଷା କରିବାକୁ ରାଜି ହୋଇଛି। ଉଭୟ ଦଳର ଅଧିନାୟକ ଏଥିରେ ରାଜି ହେବା ଆବଶ୍ୟକ ବୋଲି ସୁପାରିଶକୁ ଆଇସିସି ଅନୁମୋଦନ କରିଛି।

## ଗୁଜରାଟର ଟିମ୍ ବସ୍‌ରେ ଲାଗିଲା ନିଆଁ



ଅହମ୍ମଦାବାଦ, ୧।୬ (ଏଜେନ୍ସି): ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜରାଟ ଟାଇଟାନ୍ସ ଦ୍ୱିତୀୟଥର ଲାଗି ଆଇପିଏଲ୍ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଛି। ଅହମ୍ମଦାବାଦରେ ଗତକାଲି ଖେଳାଯାଇଥିବା ଫାଇନାଲରେ ଆରସିବି ୫ ୱିକେଟରେ ଗୁଜରାଟକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଫାଇନାଲରେ ପରାଜୟ ପରେ ମଧ୍ୟ ବିପର୍ଯ୍ୟୟ ଗୁଜରାଟ ଖେଳାଳିଙ୍କ ପିଛା ଛାଡ଼ି ନ ଥିଲା। ଖେଳାଳିମାନେ ଷ୍ଟାଡିୟମରୁ ଟିମ୍ ବସ ଯୋଗେ ହୋଟେଲକୁ ଫେରିବାକୁ ଯାଉଥିବାବେଳେ ଏକ ବଡ଼ ଅଘଟଣ ଘଟିଯାଇଥିଲା। ସର୍ଟ ସର୍କିଟ ଯୋଗୁ ଗୁଜରାଟର ଟିମ୍ ବସରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ ଗୁଜରାଟର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସୁରକ୍ଷିତ ଭାବେ ବସରୁ ବାହାର କରାଯାଇଥିଲା। କିଛି ସମୟର ଅପେକ୍ଷା ପରେ ଆଉ ଏକ ବସର ବ୍ୟବସ୍ଥା ହୋଇଥିଲା। ଯେଉଁଥିରେ ସମସ୍ତ ଖେଳାଳି ହୋଟେଲକୁ ଫେରିଥିଲେ। ଗୁଜରାଟ ପାଇଁ ଗତ ୩ ଦିନ ବେଶ୍ ସ୍ମରଣୀୟ ରହିବ। କ୍ୱାଲିଫାୟର-୨ରେ ବିଜୟ ହାସଲ କରିବା ପରେ ଗୁଜରାଟ ଖେଳାଳିମାନେ ପ୍ରବଳ ବର୍ଷା ଓ ଖରାପ ପାଗ ଲାଗି ଦୁଇଦିନ କାଳ ଚଣ୍ଡିଗଡ଼ରେ ଅଟକି ରହିଥିଲେ। ପରେ ଏକ ଚାର୍ଟର ଫ୍ଲାଇଟ ଯୋଗେ ଶନିବାର ବିଳମ୍ବିତ ରାତିରେ ଗିଲ୍ ବାହିନୀ ଅହମ୍ମଦାବାଦରେ ଫାଇନାଲ ଖେଳିବାକୁ ପହଞ୍ଚିଥିଲା। ଫଳରେ ସେମାନଙ୍କୁ ପ୍ରସ୍ତୁତି ଲାଗି ସମୟ ମିଳି ନ ଥିଲା।

## ମ୍ୟାଚ୍- ୭୪, ରନ- ୨୭୪୫୦, ୱିକେଟ୍- ୮୭୮

ଅହମ୍ମଦାବାଦ, ୧।୬ (ଏଜେନ୍ସି): ବିଶ୍ୱର ସବୁଠୁ ବ୍ୟୟବହୁଳ ଟି-୨୦ ଲିଗ୍ ଆଇପିଏଲ୍‌ର ୧୯ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ୬୬ ଦିନ ଧରି ଖେଳାଯାଇଥିବା ଚଳିତ ସଂସ୍କରଣରେ ଫାଇନାଲକୁ ମିଶାଇ ମୋଟ୍ ୭୪ଟି ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ମୋଟ୍ ୨୭୪୫୦ ରନ ଦେଖିବାକୁ ମିଳିଥିଲା। ସେହିଭଳି ମୋଟ୍ ଉପରେ ଏଥର ଆଇପିଏଲ୍‌ରେ ୮୭୮ଟି ୱିକେଟ୍ ପତନ ଘଟିଥିଲା। ମ୍ୟାଚ୍ ପିଛା ହାରାହାରି ୩୭୧ ରନ ସଂଗୃହିତ ହୋଇଥିଲା।

■ ଫିଫା ବିଶ୍ୱକପ୍
## ଭାରତରେ ପ୍ରସାରଣ ଅଧିକାର ହାସଲ କଲା ଜୀ ନେଟ୍‌ୱର୍କ

ଅହମ୍ମଦାବାଦ, ୧।୬ (ଏଜେନ୍ସି): ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଶ୍ୱ ଫୁଟବଲର ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପର ଆଗାମୀ ସଂସ୍କରଣ ଭାରତରେ ସିଧାପ୍ରସାରଣ ହେବାଲାଗି ରାସ୍ତା ପରିଷ୍କାର ହୋଇଯାଇଛି। ଜୀ ନେଟ୍‌ୱର୍କକୁ ଫିଫା ବିଶ୍ୱକପ୍‌ର ସିଧାପ୍ରସାରଣ ଲାଗି ମିଡିଆ ରାଇଟ୍ସ ମିଳିଯାଇଛି। ଆଗାମୀ ୩୯ଟି ଫିଫା ଇଭେଣ୍ଟର ପ୍ରସାରଣ ଅଧିକାର ହାସଲ କରିଥିବା ନେଇ ଜୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଯେଉଁଥିରେ ଜୁନ ୧୧ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଫିଫା ବିଶ୍ୱକପ୍ ସମେତ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଓ ୨୦୩୦ ପୁରୁଷ ଫିଫା ବିଶ୍ୱକପ୍ ପ୍ରମୁଖ ରହିଛି। ଏହି ଚୁକ୍ତି ଅନୁସାରେ ଜୀ ୨୦୨୬ ରୁ ୨୦୩୪ ପର୍ଯ୍ୟନ୍ତ ଭାରତରେ ଫିଫାର ସମସ୍ତ ଟୁର୍ଣ୍ଣାମେଣ୍ଟ ପ୍ରସାରଣ କରିବ। ଏହି ସମସ୍ତ ଇଭେଣ୍ଟ ଜି'ର ୟୁନାଇଟ-୮ ସ୍ପୋର୍ଟ୍ସ ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶିତ ହେବ। ସେହିଭଳି ଅନଲାଇନରେ ଜୀ୫'ରେ ଲାଇଭ ଷ୍ଟ୍ରିମିଂ ହେବ ବୋଲି ଜଣାପଡ଼ିଛି। ଯଦିଓ ବିଶ୍ୱକପ୍ ପ୍ରସାରଣ ପାଇଁ ହୋଇଥିବା ଚୁକ୍ତି ପରିମାଣର କୌଣସି ଅଫିସିଆଲ ଘୋଷଣା କରାଯାଇନାହିଁ, ତଥାପି ୩୦ରୁ ୩୫ ନିୟୁତ ଡଲାର (ପ୍ରାୟ ୩୨୦ କୋଟି ଟଙ୍କା) ମଧ୍ୟରେ ଏହି ପ୍ରସାରଣ ଚୁକ୍ତି ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

## ଫ୍ରେଞ୍ଚ ଓପନ୍: ରୁଡ୍, କିଜ୍ ବିଦା; କ୍ୱାର୍ଟରରେ ଡାଏନା



ପ୍ୟାରିସ, ୧।୬ (ଏଜେନ୍ସି): ଚଳିତ ଫ୍ରେଞ୍ଚ ଓପନ୍‌ର ୯ମ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସ ଇଟାଲୀର ଫ୍ଲାଭିଓ କୋବୋଲି, ବ୍ରାଜିଲର ଜୋଆଓ ଫୋନସେକା ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ୨୮ତମ ସିଡ୍ ଫୋନସେକା ପ୍ରି-କ୍ୱାର୍ଟରରେ ୭-୫, ୭-୬ (୧୦/୮), ୫-୭, ୬-୨ରେ ବିଶ୍ୱର ୧୫ତମ ମାନ୍ୟତା କାସ୍ପର ରୁଡ୍‌ଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଥିଲେ। ସେହିଭଳି ୧୦ମ ସିଡ୍ କୋବୋଲି ୬-୨, ୬-୩, ୬-୭ (୩/୭), ୭-୬ (୭/୫) ସେଟରେ ଅଣସିଡେଡ ଆମେରିକାର ଜାଚେରୀ ଭାଜଦାଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ପୋଲାଣ୍ଡର ମାଜା ଚୱାଲିସ୍କା, ୨୫ତମ ସିଡ୍ ରୁଷିଆର ଡାଏନା ସ୍ନାଇଡର, ରୁଷିଆର ଆନ୍ନା କାଲିସ୍କାୟା ମଧ୍ୟ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟରରେ ଡାଏନା ୬-୩, ୩-୬, ୬-୦ ସେଟରେ ୧୯ତମ ସିଡ୍ ଆମେରିକାର ମାଡିସନ କିଜ୍‌ଙ୍କୁ ପରାସ୍ତ କରିଥିଲେ। ଉଲ୍ଲେଖନୀୟ ସଫଳତା ହାସଲ କରି ଭାରତର ଏନ ଶ୍ରୀରାମ ବାଲାଜୀ ଓ ତାଙ୍କ ବ୍ରାଜିଲ ପାର୍ଟନର ମାର୍ସେଲୋ ଡେମୋଲିନର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଣ୍ଡୋ-ବ୍ରାଜିଲୀୟ ଯୋଡ଼ି ଏକ ଘଣ୍ଟା ୨୫ ମିନିଟରେ ଜର୍ମାନର କେଭିନ ଓ ଟିମ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ତେବେ ମହିଳା ଅମ୍ପାୟରଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେବା ପାରାଗୁଏ'ର ଆଡୋଲଫୋ ଡାନିଏଲଙ୍କ ପାଇଁ ମହଙ୍ଗା ପଡ଼ିଛି। ଫ୍ରେଞ୍ଚ ଓପନ୍ ଆୟୋଜକ ତାଙ୍କୁ ୭୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

## କାନାଡା କ୍ରିକେଟ୍‌କୁ ବାସନ୍ଦ କଲା ଆଇସିସି

ଅହମ୍ମଦାବାଦ, ୧।୬ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତିକ୍ରମେ କାନାଡା କ୍ରିକେଟ୍ ବୋର୍ଡର ସଦସ୍ୟତା ପଦକୁ ରଦ୍ଦ କରିଦେଇଛି। କାନାଡା କ୍ରିକେଟ୍ ଏହାର ସଦସ୍ୟତା ଦାୟିତ୍ୱ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ମେ ୩୧ ତାରିଖରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୋର୍ଡ ଉପରେ ନିଲମ୍ବନ ସତ୍ତ୍ୱେ ଏହାର ଖେଳାଳିମାନଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ସେମାନେ ପୂର୍ବଭଳି ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ଏହି ନିଷ୍ପତ୍ତି ପ୍ରଶାସନିକ ସ୍ତରରେ ନିଆଯାଇଥିଲା। ତେଣୁ ଖେଳାଳିମାନେ ଆର୍ଥିକ ଭାବରେ ପ୍ରଭାବିତ ନ ହୁଅନ୍ତୁ ତାହା ନିଶ୍ଚିତ କରିବା ପାଇଁ, ଏକ ନିୟନ୍ତ୍ରିତ ବ୍ୟବସ୍ଥା ମାଧ୍ୟମରେ ପାଣ୍ଠି ବଣ୍ଟନ କରାଯିବ। କାନାଡା କ୍ରିକେଟ୍ ବୋର୍ଡର ପୁନଃସ୍ଥାପନ ପାଇଁ ଆଇସିସି କିଛି ସର୍ତ୍ତ ରଖିଛି।

ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍
## ଆରଏସ୍‌ପି-ଭୁବନେଶ୍ୱର-ଏ ଫାଇନାଲ୍ ଲଢ଼େଇ





ଭୁବନେଶ୍ୱର, ୧।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସପି) ଓ ଭୁବନେଶ୍ୱର-ଏ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ସୋମବାର ଖେଳାଯାଇଥିବା ସେମିଫାଇନାଲରେ ଭୁବନେଶ୍ୱର-ଏ ୫ ୱିକେଟରେ ସୁନ୍ଦରଗଡ଼କୁ ଏବଂ ଆରଏସପି ୭ ୱିକେଟରେ କଟକ-ଏ'କୁ ପରାସ୍ତ କରିଥିଲା। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ଼ ୩୫ ଓଭରରେ ୧୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁନ୍ଦରଗଡ଼ର ଧୀରଜ ମାଝୀ ୫୪ ରନର ପାଳି ଖେଳିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର-ଏ ପକ୍ଷରୁ ସଫଳ ବୋଲର ଭାବେ ସୁବାଶିଷ ମଲ୍ଲିକ ୫ଟି ୱିକେଟ୍ ନେଇଥିଲେ। ଜବାବରେ ସିଦ୍ଧାର୍ଥ ବେହେରାଙ୍କ ୫୫ ରନ ବଳରେ ଭୁବନେଶ୍ୱର ଦଳ ୨୫.୧ ଓଭରରେ ୫ଟି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି କଟକ-ଏ ୧୭୧ ରନରେ ସୀମିତ ରହିଥିଲା। ମହେଶ କୁମାର ସାହୁ ୪ଟି ୱିକେଟ୍ ନେଇଥିଲେ। ଜବାବରେ ଆରଏସ୍‌ପି ୩୧.୫ ଓଭରରେ ୩ଟି ୱିକେଟ୍ ବିନିମୟରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା। ବିଜୟୀ ଦଳ ପକ୍ଷରୁ ବିଷ୍ଣୁ ବେହେରା ଓ କୌଶିକ ମହାନ୍ତି ୫ଟି ଲେଖାଏ ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS